R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୨
ତିଥି : ସପ୍ତମୀ
୦୭ ଜୁନ୍ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 242
07 June 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଭୁବନେଶ୍ୱରରେ କାଳବୈଶାଖୀ ତାଣ୍ଡବ

■ ୩୦ ମିନିଟ୍‌ରେ ରାଜଧାନୀ ଛାରଖାର
■ ବାଇକ୍, କାର ଉପରେ ପଡ଼ିଲା ଗଛ
■ ଜନତା ମୈଦାନରେ ଷ୍ଟଲ ଛାରଖାର
■ ଗଛ ପଡ଼ିବା ଯୋଗୁଁ ଟ୍ରାଫିକ୍ ଜାମ୍
■ ଭାଙ୍ଗିଗଲା ବହୁ ବଡ଼ ବଡ଼ ଗଛ
■ ବହୁ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ
■ ତାପମାତ୍ରା ଖସିଲା ୧୪ ଡିଗ୍ରୀ



ଭୁବନେଶ୍ୱର, ୬।୬ (ସବ୍ୟୁ) : ରାଜଧାନୀରେ କାଳବୈଶାଖୀ ତାଣ୍ଡବ ରଚିଛି । ବର୍ଷା ସହ ପବନ ଓ କେତେକ ସ୍ଥାନରେ କୁଆପଥର ମାଡ଼ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗଛ ଭାଙ୍ଗିବା ଯୋଗୁଁ ବହୁ ରାସ୍ତାରେ ଟ୍ରାଫିକ୍ ଜାମ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଠାରୁ ଅଧିକ ପବନ ବୋହିବାରୁ ରାସ୍ତା (୯ ପୃଷ୍ଠାରେ)

## ୮ ଦିନ ମଧ୍ୟରେ ଆସିବ ମୌସୁମୀ

ଭୁବନେଶ୍ୱର, ୬।୬ (ସବ୍ୟୁ) : କେରଳରେ ମୌସୁମୀ ବାୟୁ ପ୍ରବେଶ କରିସାରିଥିବା ବେଳେ ସେଠାରେ ପ୍ରବଳ ବର୍ଷା ହେବାରେ ଲାଗିଛି । ତେବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାରେ ପ୍ରବେଶ କରିବାରେ ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହୋଇଛି । କର୍ଣ୍ଣାଟକ, ଗୋଆ, ମହାରାଷ୍ଟ୍ର ଓ ଆନ୍ଧ୍ରର କିଛି ଅଞ୍ଚଳରେ ମୌସୁମୀ ବାୟୁ ପ୍ରବେଶ କରିଛି । (୯ ପୃଷ୍ଠାରେ)

### ଆଇଟିଡିଏ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ଅମାପ ସମ୍ପତ୍ତି ସହ ୨ କୋଟି ଟଙ୍କା ଜବତ



ଫୁଲବାଣୀ, ୬।୬ (ସବ୍ୟୁ): ଭିଜିଲାନ୍ସ ଜାଲରେ ବାଲିଗୁଡ଼ା ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୯ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଶନିବାର ସକାଳୁ ସକାଳୁ ଚଢ଼ାଉ ଆରମ୍ଭ କରାଯାଇଛି । ଭୁବନେଶ୍ୱରରେ ୪ଟି ସ୍ଥାନ ସମେତ ବାରିପଦା, ଯାଜପୁରର ଧର୍ମଶାଳା ଏବଂ ବାଲିଗୁଡ଼ା ସରକାରୀ ବାସଭବନରେ (୯ ପୃଷ୍ଠାରେ)

## ୩୭ ୯୩ କୋଟିର ୨୪ ନିବେଶକୁ ଅନୁମୋଦନ

ଭୁବନେଶ୍ୱର, ୬।୬ (ସବ୍ୟୁ) : ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ୩୭ ୯୩.୩୩ କୋଟି ନିବେଶରେ ୨୪ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକରେ ୧୯ ୯୨୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଅନୁମୋଦନ ଓଡ଼ିଶାର ଶିଳ୍ପ ବାତାବରଣ ଓ ନିଯୁକ୍ତି ସୁଯୋଗ ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଏକ ମାଇଲଷ୍ଟୋନ୍ ଭାବେ ସାବ୍ୟସ୍ତ ହେବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶିଳ୍ପ ବିକାଶ ନେଇ ଥିବା ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହି ପଦକ୍ଷେପ ନିଆଯାଉଛି । (୯ ପୃଷ୍ଠାରେ)

## ଯନ୍ତର ମନ୍ତରରେ ସିଜେପିର ବିଶାଳ ବିକ୍ଷୋଭ

ନୂଆଦିଲ୍ଲୀ, ୬।୬ : ଅନଲାଇନରେ ହଠାତ ଆର୍ବିଭାବ ହୋଇଥିବା କକ୍ରୋଜ ଜନତା ପାର୍ଟି (ସିଜେପି) ନୂଆଦିଲ୍ଲୀର ତାର ପ୍ରଥମ ଶକ୍ତି ପ୍ରଦର୍ଶନ କରିଛି । ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ୍, ସିବିଏସଇ, ସିୟୁଇଟି ଓ ଏସଏସସି ନିଯୁକ୍ତି ପରୀକ୍ଷାରେ ଅନୀୟମିତତାକୁ ପ୍ରସଙ୍ଗ କରି ସୋସିଆଲ ମିଡ଼ିଆରେ ସିଜେପି ବ୍ୟାପକ କ୍ୟାମ୍ପେନିଂ କରିଥିଲା । ଆଜି ଦଳ ପକ୍ଷରୁ ବ୍ୟାପକ ଏକ ବଡ଼ ଧରଣ ବିକ୍ଷୋପ କରାଯାଇଛି। ସିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଉଛି ।

ପ୍ରାୟ ୫ ଘଣ୍ଟା ଧରି ସିଜେପି ନୂଆଦିଲ୍ଲୀର ଯନ୍ତରମନ୍ତରରେ ସମର୍ଥନ କରିଥିଲା । ଏହାର ସମର୍ଥକମାନେ କକ୍ରୋଜ ମୁଖା, ବହି, ଫୁଲ ଓ ଜାତୀୟ ପତାକା ଧରି ନୂଆଦିଲ୍ଲୀରେ ବିକ୍ଷୋପ କରିଥିଲେ । ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆଜି ଆମେରିକାକୁ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଆଜି ବିମାନବନ୍ଦରରେ (୯ ପୃଷ୍ଠାରେ)

## ହରମୁଜ୍ ଉପରେ ଆମେରିକାର ଆକ୍ରମଣ

ନୂଆଦିଲ୍ଲୀ, ୬।୬ : ଇରାନ ଓ ଆମେରିକା ମଧ୍ୟରେ ବିବାଦ ଥମିବାର ଦେଖାଯାଉନାହିଁ । ଆମେରିକା ପକ୍ଷରୁ ହର୍ମୁଜ ପ୍ରଣାଳୀରେ ପୁଣି ଆକ୍ରମଣ କରାଯାଇଛି । ସେଠାରେ ଉଭୟ ଇରାନ ଓ ଆମେରିକା ମୁହାଁମୁହିଁ ହୋଇଛନ୍ତି । ସେହିଭଳି କୁଏତ ମଧ୍ୟ ଇରାନ ପୁଣି ଆକ୍ରମଣ କରିଛି । କୁଏତ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯିବା ସହ ଜୀବନ ବିପଦରେ ଅଛି ବୋଲି କୁହାଯାଉଛି ।

ହର୍ମୁଜ ପ୍ରଣାଳୀ ନିକଟରେ ଇରାନ ଚେତାବନୀ ଦିବାକୁ ନେଇ ଗୁଳିମାଡ କରିଛି । ସେହିଭଳି ଇରାନର କିଛି ଡ୍ରୋନକୁ ଆମେରିକା (୯ ପୃଷ୍ଠାରେ)

27001/77/2627





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର
ଭିତ୍ତିପ୍ରସ୍ତର ସ୍ଥାପନ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ ସୁରେଶ ପୂଜାରୀ
ମନ୍ତ୍ରୀ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ଓଡ଼ିଶା

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ, ଅବକାରୀ, ଓଡ଼ିଶା

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ
ବିଧାୟକ, ଖୋର୍ଦ୍ଧା

ଶ୍ରୀ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)

ଶ୍ରୀ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର

ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ
ବିଧାୟକ, ଜଟଣୀ

ଶ୍ରୀ ନବ କିଶୋର ମଲ୍ଲିକ
ବିଧାୟକ, ଜୟଦେବ

ଶ୍ରୀ ପ୍ରଦୀପ କୁମାର ସାହୁ
ବିଧାୟକ, ବେଗୁନିଆ


୭ ଜୁନ୍ ୨୦୨୬ । ପୂର୍ବାହ୍ଣ ୧୦.୩୦ଘଟିକା । ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, କୁମାରବସ୍ତ, ଖୋର୍ଦ୍ଧା

OIPR: 27001/27068/2/26-27/0005

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ

ପ୍ରତିବର୍ଷ ଜୁନ୍ ୭ ତାରିଖକୁ ସମଗ୍ର ବିଶ୍ୱରେ 'ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ' ଭାବେ ପାଳନ କରାଯାଉଥିବା ବେଳେ, ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୂଷିତ ଖାଦ୍ୟ ଓ ପାନୀୟ ଜନିତ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଲୋକଙ୍କୁ ସଚେତନ କରିବା । ଏହାସହ ବିଶ୍ୱବ୍ୟାପୀ ଖାଦ୍ୟ ସୁରକ୍ଷା ମାନଦଣ୍ଡରେ ସୁଧାର ଆଣିବା । ଏହି ଦିବସ ଜାତିସଂଘ ସାଧାରଣ ସଭା ଦ୍ୱାରା ୨୦୧୮ ମସିହା ଡିସେମ୍ବର ମାସରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ମିଳିତ ସହଯୋଗରେ ୨୦୧୯ ଜୁନ୍ ୭ରେ ପ୍ରଥମ ଥର ପାଇଁ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଇଥିଲା । ସାମ୍ପ୍ରତିକ ସମୟରେ ଅସୁରକ୍ଷିତ ଖାଦ୍ୟ ଗ୍ରହଣ ଯୋଗୁଁ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଥିବାରୁ ଏହି ଦିବସର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି । ଯାହା ମାନବ ସ୍ୱାସ୍ଥ୍ୟ ରକ୍ଷା ସହ ଆର୍ଥିକ ପ୍ରଗତି, କୃଷି ଏବଂ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ । ପ୍ରତିବର୍ଷ ଏହି ଦିବସ ଅବସରରେ ବିଶ୍ୱବ୍ୟାପୀ ସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ ସେମିନାର, ସଚେତନତା ଶୋଭାଯାତ୍ରା, ୱେବିନାର ଏବଂ ଖାଦ୍ୟ ପ୍ରଦର୍ଶନୀର ଆୟୋଜନ କରାଯାଇଥାଏ । ଏହି ଜରିଆରେ କୃଷି କ୍ଷେତ୍ରରୁ ଆରମ୍ଭ କରି ରୋଷେଇ ଘର ପର୍ଯ୍ୟନ୍ତ କେମିତି ସ୍ୱଚ୍ଛତା ଓ ସୁରକ୍ଷା ବଜାୟ ରଖାଯାଇପାରିବ, ସେ ନେଇ ଜନସାଧାରଣଙ୍କୁ ବ୍ୟାପକ ଭାବେ ଶିକ୍ଷିତ ଓ ପ୍ରେରିତ କରାଯଇଥାଏ ।



# ପରମାଣୁ ଡଷ୍ଟବିନ



ବୈଜ୍ଞାନିକମାନେ ପୃଥିବୀର ପ୍ରଥମ ପରମାଣୁ ଡଷ୍ଟବିନ୍ ନିର୍ମାଣ କରିବା ପ୍ରକ୍ରିୟାରେ ଧୀରେଧୀରେ ସଫଳତାର ସହ ଅଗ୍ରସର ହେଉଛନ୍ତି । ଏହି ଡଷ୍ଟବିନରେ ବିପଜ୍ଜନକ ରେଡିଓଆକ୍ଟିଭ୍ ବର୍ଜ୍ୟବସ୍ତୁକୁ ପ୍ରାୟ ୧ ଲକ୍ଷ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ରଖାଯାଇପାରିବ । ଫିନଲ୍ୟାଣ୍ଡର ୟୁରାଜୋକି ଜଙ୍ଗଲରେ ଭୂପୃଷ୍ଠରୁ ୪୩୩ ମିଟର ଗଭୀରରେ ଆରବ ବର୍ଷର ପୁରୁଣା ଶକ୍ତ ପଥର ଚଟାଣ ମଧ୍ୟରେ ଏହି ବିଶେଷ କେନ୍ଦ୍ର ପ୍ରସ୍ତୁତ କରାଯାଇଛି । ପରମାଣୁ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ନିର୍ଗତ ବର୍ଜ୍ୟବସ୍ତୁ ହଜାର ହଜାର ବର୍ଷ ଧରି ବିକିରଣ ସୃଷ୍ଟି କରିଆସୁଛି । ୧୯୬୦ ଦଶକରୁ ଦୁନିଆର ଅନେକ ଦେଶ ଏହାର ସୁରକ୍ଷିତ ବ୍ୟବସ୍ଥାପନା ପାଇଁ ସଂଘର୍ଷ କରୁଥିବାରୁ ଏଭଳି ଏକ ସ୍ଥାୟୀ ସମାଧାନର ଆବଶ୍ୟକତା ପଡ଼ିଥିଲା । କାରଣ ଏପର୍ଯ୍ୟନ୍ତ ଅଧିକାଂଶ ପରମାଣୁ କଚରାକୁ କେବଳ ଅସ୍ଥାୟୀ ରୂପେ ପାଣିର ବଡ଼ ବଡ଼ କୁଣ୍ଡରେ ଥଣ୍ଡା ହେବା ପାଇଁ ରଖାଯାଉଥିଲା । ଫିନଲ୍ୟାଣ୍ଡର ପରମାଣୁ ସୁରକ୍ଷା ଏଜେନ୍ସି ପକ୍ଷରୁ ଖୁବ୍ ଶୀଘ୍ର ଏହାକୁ ଚୂଡ଼ାନ୍ତ ମଞ୍ଜୁରୀ ମିଳିବା ପରେ ଏହାର ପରିଚାଳନା ଲାଇସେନ୍ସ ଜାରି କରାଯିବ । ଅଧିକାରୀଙ୍କ ସୂଚନା ଅନୁସାରେ, ଚଳିତ ବର୍ଷ ଶେଷ ସୁଦ୍ଧା କିମ୍ବା ଆସନ୍ତା ବର୍ଷ ଆରମ୍ଭରୁ ଏଠାରେ ବର୍ଜ୍ୟବସ୍ତୁ ଜମା କରିବା କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯିବ । ଯାହା ପରମାଣୁ ଶକ୍ତିର ସୁରକ୍ଷିତ ବ୍ୟବହାର ଦିଗରେ ଏକ ଐତିହାସିକ ପଦକ୍ଷେପ ସାଜିବ ।

# କୁମ୍ଭୀର ସୁପ୍



ତାଇୱାନର ଏକ ରେଷ୍ଟୁରାଣ୍ଟ ଏଭଳି ଏକ ଅଦ୍ଭୁତ ଡିସ ପ୍ରସ୍ତୁତ କରିଛି, ଯାହାକୁ ଦେଖିଲେ ମନେହେବ ତାହା ଯେପରି କୌଣସି ହଲିଉଡର ସୁପପାୱାର ସିନେମାରେ ପରଷା ଯାଉଥିବା କାଳ୍ପନିକ ଡିସ । କିନ୍ତୁ ଏହା କାଳ୍ପନିକ ନୁହେଁ ବରଂ ବାସ୍ତବରେ ଗ୍ରାହକଙ୍କୁ ପରଷା ଯାଉଛି । 'ଗଡଜିଲା ରେମନ୍' ନାମକ ଏହି ଅନୋଖା ସୁପ୍‌କୁ ଦକ୍ଷିଣ ତାଇୱାନର ଦୁଲିୟୁ ସ୍ଥିତ ଏକ ରେଷ୍ଟୁରାଣ୍ଟରେ ପରଷା ଯାଉଛି, ଯେଉଁଥିରେ ସାଧାରଣ ନୁଡୁଲ୍ସ ବା ରେମନ୍ ଉପରେ ଏକ କୁମ୍ଭୀରର ଗୋଡ଼ ରଖାଯାଉଛି । ଏହି ସୁପରେ କୁମ୍ଭୀର ମାଂସ ସହିତ ଅଣ୍ଡା, ଘୁଷୁରୀ ମାଂସ,ବେବି କର୍ଣ୍ଣ, ବାଉଁଶ ଗଜା, ବ୍ଲାକ୍ ଫଙ୍ଗସ୍ ଏବଂ ଫିସ୍ ପେଷ୍ଟର ବ୍ୟବହାର କରାଯାଇଥାଏ । ଏହି ଡିସର ବିଶେଷତ୍ୱ ହେଉଛି ଯେ କୁମ୍ଭୀର ଗୋଡ଼କୁ ପ୍ରଥମେ ଭଲ ଭାବରେ ସଫା କରାଯିବା ପରେ ସେଥିରେ ଅଦା, ରସୁଣ ଏବଂ କଞ୍ଚା ପିଆଜର ମସଲା ଲଗାଯାଏ । ଯାହାପରେ ଏହାକୁ ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ସିଝାଯାଏ, ଯାହାଫଳରେ ସମ୍ପୂର୍ଣ୍ଣ ଡିସ ପ୍ରସ୍ତୁତ ହେବା ପାଇଁ ପାଖାପାଖି ୩ ଘଣ୍ଟା ସମୟ ଲାଗିଥାଏ । କୁମ୍ଭୀର ଗୋଡ଼ ସହଜରେ ମିଳୁ ନଥିବାରୁ ଏହି ଏକ ଗିନା ସୁପ୍‌ର ମୂଲ୍ୟ ୧୫୦୦ ନ୍ୟୁ ତାଇୱାନ ଡଲାର (ପ୍ରାୟ ୪୩୦୦ ଭାରତୀୟ ଟଙ୍କା) ରଖାଯାଇଛି । ରେଷ୍ଟୁରାଣ୍ଟ ପକ୍ଷରୁ ଦିନକୁ ମାତ୍ର ୨ ଗିନା ସୁପ୍ ବିକ୍ରି କରାଯାଉଛି । ଏହି ଅଦ୍ଭୁତ ସ୍ୱାଦର ମଜା ନେବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଯାହାଫଳରେ ଏହାକୁ ଖାଇବା ପାଇଁ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ସମସ୍ତ ବୁକିଂ ସମ୍ପୂର୍ଣ୍ଣ ଫୁଲ୍ ହୋଇଯାଇଛି ଓ ଏବେ ଏକ ଲମ୍ବା ୱେଟିଂ ଲିଷ୍ଟ ଜାରି ରହିଥିବା ଜଣାପଡିଛି ।

# ସୋସିଆଲ କୋଟ୍ସ



ମୁଁ ଜୀବନରୁ ଅନେକ ଶିଖିଛି । ଆମ ଦୁଇଜଣଙ୍କୁ ବର୍ତ୍ତମାନ ଲାଗୁଛି କି ଆମ ସମ୍ପର୍କକୁ ଆଉ ପାଦେ ଆଗକୁ ନେବାର ସମୟ ଆସିଛି । ସେଥିପାଇଁ ଆମେ ଖୁବ ଖୁସି ମଧ୍ୟ ଅଛୁ ।

**ଆମିର ଖାନ, ଅଭିନେତା**



ମୋ ବାୟୋପିକ ନିର୍ମାଣର କାମ ଜାରି ରହିଛି । ରଣବୀର ଏହି ଚରିତ୍ର ପାଇଁ ଆଗ୍ରହୀ ଥିଲେ । ଲଣ୍ଡନରେ ମୋତେ ଏଥିପାଇଁ ଭେଟି ଥିଲେ ମଧ୍ୟ ।

**ଲଳିତ ମୋଦି, ବ୍ୟବସାୟୀ**



ଆପଣଙ୍କୁ ଫିଲ୍ମ ନିର୍ମାଣ କରିବାର ପୁରା ହକ ଅଛି । ଯେଉଁମାନେ ଦୋଷୀ ସେମାନେ ହିଁ କେବଳ ଧମକ ଦେବେ । ଆପଣ ଯେ କୌଣସି ବିଷୟକୁ ନେଇ ଫିଲ୍ମ ନିର୍ମାଣ କରିପାରିବେ ।

**ସୋମି ଅଲ୍ଲୀ, ଅଭିନେତ୍ରୀ**

# ତାଳ ବରା



**ସାମଗ୍ରୀ-** ପାଚିଲା ତାଳ ୨ଟା, ମଇଦା-୨୫୦ଗ୍ରାମ୍, ଖାଇବା ଶୋଢ଼ା -୧ ଚାମଚ, ଚିନି ୧୦୦ ଗ୍ରାମ୍ , ଛାଣିବା ପାଇଁ ତେଲ ।

**ପ୍ରଣାଳୀ-** ତାଳରୁ ଚୋପା ଛଡ଼ାଇ ରସ ବାହାର କରିଦିଅନ୍ତୁ । ବର୍ତ୍ତମାନ ସେଥିରେ ମଇଦା ଓ ଚିନି ପକାଇ ଭଲଭାବେ ଚକଟନ୍ତୁ । ଏହା ଅଟା ଚକଟା ଭଳି ହେବା ଉଚିତ ପରେ ଏଥିରୁ ଛୋଟ ଛୋଟ ଗଳା କରି ବରାର ଆକାର ଦେଇ ତେଲରେ ଛାଣିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ତାଳବରା ।

# ଇତିହାସ

୧୫୫୭- ଫ୍ରାନ୍ସ ବିପକ୍ଷରେ ଇଂଲଣ୍ଡ ଯୁଦ୍ଧ ଘୋଷଣା କରିଥିଲା ।

୧୬୫୪- ଲୁଇ ଚତୁର୍ଦ୍ଦଶ ଫ୍ରାନ୍ସ ରାଜା ହେଲେ ।

୧୬୯୨- କ୍ୟାରିବିୟାନ୍ ଦେଶ ଜମାଇକାର ପୋର୍ଟ ରୟାଲ୍‌ରେ ଭୂକମ୍ପରେ ୩ ହଜାର ଲୋକଙ୍କର ମୃତ୍ୟୁ ।

୧୮୬୨- ଯୁକ୍ତରାଷ୍ଟ୍ର ଆମେରିକା ତଥା ବ୍ରିଟେନ୍ ଦାସ ବ୍ୟବସାୟ ଶେଷ କରିବା ପ୍ରସଙ୍ଗରେ ରାଜି ହୋଇଥିଲେ ।

୧୮୬୪- ରାଷ୍ଟ୍ରପତି ପଦବୀ ପାଇଁ ଆବ୍ରାହମ୍ ଲିଙ୍କନ୍‌ଙ୍କୁ ଦ୍ୱିତୀୟ ଥର ରିପବ୍ଲିକାନ୍ ପାର୍ଟି ତରଫରୁ ଆଶାୟୀ ପ୍ରାର୍ଥୀ ରୂପେ ଚୟନ କରାଯାଇଥିଲା ।

୧୮୯୩- ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ପ୍ରଥମ ଥର ସବିନୟ ଅବଜ୍ଞାର ପ୍ରୟୋଗ କରିଥିଲେ ।

୧୯୬୬- ସୋନି କର୍ପୋରେସନ୍ ଏହାର ନୂତନ ବ୍ରାଣ୍ଡର ଭିଡିଓ ଟେପ୍ ରେକର୍ଡର ଜାରି କରିଥିଲା ।

୧୯୭୫- ପ୍ରଥମ ବିଶ୍ୱ କପ୍‌ର ପ୍ରଥମ ମ୍ୟାଚ୍ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଲଣ୍ଡନର ଲଉଡର୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିଲା ।

୧୯୭୯- ଭାରତର ଦ୍ୱିତୀୟ ଉପଗ୍ରହ ଭାସ୍କର-୧କୁ ସୋଭିଏତ୍ ସଂଘର ବିଅର୍ସ ଲେକ୍‌ରୁ ଛଡାଯାଇଥିଲା ।

୧୯୯୯- ୧୯୫୫ ମସିହା ପରେ ଇଣ୍ଡୋନେସିଆରେ ପ୍ରଥମ ଥର ପାଇଁ ଲୋକନିର୍ବାଚନ ହୋଇଥିଲା ।

୨୦୦୦- ଏକ ଆମେରିକୀୟ କୋର୍ଟ ଦ୍ୱାରା ମାଇକ୍ରୋସଫ୍ଟ କମ୍ପାନୀକୁ ଦୁଇ ଭାଗରେ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

୨୦୦୬- ଭାରତ ଦ୍ୱାରା ନେପାଳକୁ ଆର୍ଥିକ ପୁନର୍ନିର୍ମାଣ ପାଇଁ ୧ ବିଲିୟନ୍ ଟଙ୍କା ପ୍ରଦାନ ପାଇଁ ନିର୍ଣ୍ଣୟ ନିଆଗଲା ।

୨୦୦୮ - ଉତ୍ତରପ୍ରଦେଶ ସରକାର ରନ୍ଧନ ଗ୍ୟାସ୍ ଉପରେ ଲାଗୁଥିବା ୪% ଭ୍ୟାଟ୍‌କୁ ସମ୍ପୂର୍ଣ୍ଣ ରୂପେ ସମାପ୍ତ ଘୋଷିତ କରିଥିଲେ ।

# ଅସରପାଙ୍କ ଚୋରା ଚାଲାଣ

ଅଷ୍ଟ୍ରେଲିଆର ଜଣେ ବ୍ରିଡରଙ୍କ ପାଖରୁ ୧ ଲକ୍ଷରୁ ଅଧିକ ଜୀବନ୍ତ ବିଦେଶୀ ଅସରପା ଜବତ କରାଯାଇଥିବା ଖବର ମିଳିଛି । ସୂଚନାଅନୁସାରେ ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ରାଜ୍ୟରେ ଜଣେ କମର୍ସିଆ ବ୍ରିଡରଙ୍କ ଉପରେ ମଇ ମାସରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଜବତ ହୋଇଥିବା ଅସରପାଗୁଡ଼ିକ ମଧ୍ୟରେ ମାଡାଗାସ୍କର ହିସିଙ୍ଗ୍ କାକରୋଚ୍ ଏବଂ ଡୁବିଆ କାକରୋଚ୍ ସାମିଲ ଅଛନ୍ତି, ଯାହାଙ୍କର ଆନୁମାନିକ ମୂଲ୍ୟ ପ୍ରାୟ ୧.୨ କୋଟି ଟଙ୍କା ଆକଳନ କରାଯାଇଛି । ଅଷ୍ଟ୍ରେଲିଆରେ ଏହି ବିଦେଶୀ ପ୍ରଜାତିର ଅସରପା ରଖିବା, ସେମାନଙ୍କର ବଂଶବୃଦ୍ଧି ବା ପ୍ରଜନନ କରାଇବା ଏବଂ ବିକ୍ରି କରିବା ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି । ସେଠାକାର ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏହି ପ୍ରଜାତିର ଅସରପାଗୁଡ଼ିକ ବିଭିନ୍ନ ପ୍ରକାରର ରୋଗ ବ୍ୟାପିବାର ଆଶଙ୍କା ବଢ଼ାଇବା ସହିତ ସ୍ଥାନୀୟ ବନ୍ୟଜନ୍ତୁ ଏବଂ କୃଷିର ବ୍ୟାପକ କ୍ଷତି କରିପାରନ୍ତି । ଉଲ୍ଲେଖଯୋଗ୍ୟ ଯେ, ମାଡାଗାସ୍କର ହିସିଙ୍ଗ୍ କାକରୋଚ୍ ବିଶ୍ୱର ସବୁଠାରୁ ବଡ଼ ଅସରପାମାନଙ୍କ ମଧ୍ୟରେ ଗଣାଯାଉଥିବା ବେଳେ ଏମାନଙ୍କର ଲମ୍ବ ପ୍ରାୟ ୫ ରୁ ୮ ସେଣ୍ଟିମିଟର ପର୍ଯ୍ୟନ୍ତ



ହୋଇଥାଏ । ଯ । ହ । ସାଧାରଣତଃ ମଣିଷର ଆଙ୍ଗୁଠିଠାରୁ ମଧ୍ୟ ବଡ଼ ଅଟେ ।

# ଦେଖିଛନ୍ତି ଅନେକ ସଂଘର୍ଷ



ଲୋକପ୍ରିୟ ହାସ୍ୟରସାତ୍ମକ ଶୋ' 'ଅଫିସ୍-ଅଫିସ୍'ର ନୂଆ ସିଜନରେ 'ଅନୋଖି' ଚରିତ୍ରରେ ଅଭିନୟ କରୁଥିବା ଅଭିନେତ୍ରୀ ଶ୍ରୁତି ଶର୍ମା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ତେବେ ଏକ ସାକ୍ଷାତକାରରେ ନିଜ ସଂଘର୍ଷ, କ୍ୟାରିୟର ଓ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଅକୁହା କଥା ସେୟାର କରିଛନ୍ତି । ନିଜ କ୍ୟାରିୟରର ସଂଘର୍ଷପୂର୍ଣ୍ଣ ଯାତ୍ରା ବିଷୟରେ ସେ ଏହି ସାକ୍ଷାତକାରରେ ଆଲୋଚନା କରିଛନ୍ତି । ଅନେକଥର ତାଙ୍କୁ କ୍ୟାରିୟରରେ ରିଜେକସନକୁ ସାମନା କରିବାପରେ ଶେଷରେ ତାଙ୍କୁ ବଡ଼ ସୁଯୋଗ ମିଳିଥିଲା । ତେବେ ପ୍ରଥମେ ତାଙ୍କ ବାପା ଅଭିନୟ ପାଇଁ ଅମଙ୍ଗ ଥିଲେ ହେଲେ ୨୦୧୬ରେ ଶ୍ରୁତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ନାଟକ ଦେଖିବା ପରେ ପରିବାର ଲୋକଙ୍କର ତାଙ୍କ ଉପରେ ଭରସା ଆସିଥିଲା । ସେହିଭଳି ନିଜର ନୂଆ ଶୋରେ ଖୁବ ସୁନ୍ଦର ଅଭିନୟ କରି ସେ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି । ସେହିଭଳି ପୂର୍ବରୁ ତାଙ୍କୁ ସଞ୍ଜୟ ଲୀଳା ଭଂସାଲୀଙ୍କ ହୀରାମଣ୍ଡିରେ ଖୁବ ସୁନ୍ଦର ଅଭିନୟ କରିଥିବାର ଦେଖିବାକୁ ମିଳିଛି । ଆଗକୁ ଆହୁରି ଭଲଭଲ ପ୍ରୋଜେକ୍ଟ ସେ ଦର୍ଶକଙ୍କୁ ଭେଟି ଦେବେ ବୋଲି ଆଶାବାଦୀ ଅଛନ୍ତି । ଆଗକୁ ବି ଟାଉନରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସଫଳ ହେବେ ବୋଲି ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।



**ମେଷ:** କର୍ମକ୍ଷେତ୍ରରେ ଲାଭ, ବନ୍ଧୁ ଲାଭ, ପାରିବାରିକ ସହାୟତା, ଦ୍ରବ୍ୟ ପ୍ରାପ୍ତି, ସନ୍ତାନ ଖୁସି, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା ସଫଳ, ଶାରୀରିକ ସୁସ୍ଥତା, ଶୁଭ ଆଲୋଚନା, ଅଯଥା ଖର୍ଚ୍ଚ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ବୃଷ:** ବ୍ୟବସାୟରେ ଲାଭ, ନୂତନ ସମ୍ପର୍କ, ବନ୍ଧୁ ସହଯୋଗ, ଦ୍ରବ୍ୟ ଲାଭ, ଗୃହେ ସହାୟତା, ଦାମ୍ପତ୍ୟ ଖୁସି, ଶୁଭ ଆଲୋଚନା, କର୍ମକ୍ଷେତ୍ରରେ ସମ୍ମାନ, ଦୂର ଯାତ୍ରା, ବିବାଦ ସମାଧାନ, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାରେ ଉନ୍ନତି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ନୂତନ ବନ୍ଧୁଲାଭ, ଅର୍ଥ ଲାଭ, ବିଦେଶ ଭ୍ରମଣ, ଅଯଥା ଚିନ୍ତା, ଦୂର ଯାତ୍ରାରେ ସତର୍କ, ଶୁଭ ଖବର, ହେବା କାର୍ଯ୍ୟ ବିଳମ୍ବ, ବ୍ୟବସାୟିକ ଖୁସି, ସମ୍ପତ୍ତି ଲାଭ, ପାରିବାରିକ ବିବାଦ, ଲୋକସମ୍ପର୍କ ବୃଦ୍ଧି, ଶରୀର ଅସୁସ୍ଥ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

**କର୍କଟ:** ମାନସିକ ଅବସାଦ, ଶାରୀର ଅସୁସ୍ଥ, ଦେବଦର୍ଶନ, କର୍ମକ୍ଷେତ୍ରରେ ବ୍ୟସ୍ତତା, ନୂତନ କର୍ମରେ ଖୁସି, ଅର୍ଥ ଶଙ୍କଟ, ଭୂସମ୍ପତ୍ତି ଲାଭ, ଶୁଭ ଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନ ଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି । ଅଶ୍ଲେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ସମ୍ପର୍କ ବୃଦ୍ଧି, ଦୂର ଯାତ୍ରା ସଫଳ, ବନ୍ଧୁ ଲାଭ, ସ୍ୱଜନ ବିବାଦ, ବନ୍ଧୁ ଲାଭ, ଉତ୍ସବ ପ୍ରତି ଆଗ୍ରହ, ସନ୍ତାନ ସମସ୍ୟା, ପାରିବାରିକ ସହଯୋଗ, ବିଦେଶ ଯାତ୍ରା, ଦେବ ଦର୍ଶନ, ଅଯଥା ବିବାଦ ଶାରୀରିକ ସୁସ୍ଥ, ବିଦ୍ୟାରେ ସଫଳ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କମଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କନ୍ୟା:** ଦ୍ରବ୍ୟ ଲାଭ, ମାନସିକ ଶାନ୍ତି, ଦୂର ଯାତ୍ରା ସଫଳ, ବିବାଦ ସମାଧାନ, ଉତ୍ସବକୁ ନେଇ ଶୁଭ ଆଲୋଚନା, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟା ଲାଭ, ଗୃହେ ସହଯୋଗ, ସମ୍ମାନ ଲାଭ, ଶତ୍ରୁ ସମାଧାନ, ଦାମ୍ପତ୍ୟ ଲାଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ମା' ଭୁବନେଶ୍ୱରୀ ।

**ତୁଳା:** କାର୍ଯ୍ୟରେ ବ୍ୟସ୍ତତା, ଶାରୀରିକ ଅସୁସ୍ଥ, ଗୃହେ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସମସ୍ୟା, ପାରିବାରିକ ବିବାଦ, ଦୂର ଯାତ୍ରା, ଗାଡ଼ି ଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଲାଭ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା- ଗୁରୁଜନଙ୍କ ସେବା ।

**ବିଛା:** ନୂତନ ଆୟ, ପାରିବାରିକ ସହଯୋଗ, ସମ୍ପତ୍ତି ଲାଭ, ଅର୍ଥ ଲାଭ, କଥାବାର୍ତ୍ତାରେ ଲାଭ, ବ୍ୟବସାୟିକ ଖୁସି, ଦେବ ଦର୍ଶନ, ଶୁଭ ଆଲୋଚନା, ଭାତୃ ସ୍ନେହ, ଦେବ ଦର୍ଶନ, ସୁମିଷ୍ଟ ଭୋଜନ, ଦାମ୍ପତ୍ୟ ଖୁସି । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** କାର୍ଯ୍ୟରେ ପ୍ରଶଂସା, ବ୍ୟବସାୟିକ ଲାଭ, ନୂତନ ନିଯୁକ୍ତି, ଅଟକିଥିବା କାର୍ଯ୍ୟ ସମ୍ପନ୍ନ, ସମ୍ମାନ ଲାଭ, ଗୃହେ ଶୁଭ ଆଲୋଚନା, ବିଦ୍ୟାରେ ସଫଳତା, ଧନ ପ୍ରାପ୍ତି, ବନ୍ଧୁ ଲାଭ, ଗୃହେ ଉତ୍ସବ, ଦାମ୍ପତ୍ୟ ଖୁସି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ବୃନ୍ଦାବତୀ ।

**ମକର:** ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଶାରୀରିକ ସୁସ୍ଥ, ଯାନ୍ତ୍ରିକ ତ୍ରୁଟି, ମାନସିକ ଶାନ୍ତି, ଶୁଭ ଖବର, ଅର୍ଥ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଦୂର ଯାତ୍ରା ସଫଳ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୧୦, ଆରାଧନା- କୁବେର ଭଗବାନ ।

**କୁମ୍ଭ:** ଆୟ ବୃଦ୍ଧି, ବନ୍ଧୁ ଆଲୋଚନା, କର୍ମକ୍ଷେତ୍ରରେ ଶାନ୍ତି, ଶତ୍ରୁ ପରାଜିତ, ଶୁଭଖବର, ନୂତନ କର୍ମନିଯୁକ୍ତି, ସମ୍ପତ୍ତି ଲାଭ, ବିବାଦ ସମାଧାନ, ଶାରୀରିକ ସୁସ୍ଥ, ସମ୍ମାନ ଲାଭ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୨, ଆରାଧନା- ଲକ୍ଷ୍ମୀନାରାୟଣ ।

**ମୀନ:** ଚିଡ଼ିଚିଡ଼ା ସ୍ୱଭାବ, ଗୃହେ ଅଶାନ୍ତି, ଅର୍ଥ ବିବାଦ, ବନ୍ଧୁ ଲାଭ, ଦୂର ଯାତ୍ରାରେ ସମସ୍ୟା, ଲୋକସମ୍ପର୍କ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ପତ୍ତି ଲାଭ, ଶୁଭ ଖବର, ବନ୍ଧୁ ଦର୍ଶନ, ବିଦ୍ୟାରେ ସଫଳତା । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ସପ୍ତମୀ**
**୭.୬.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବିଶ୍ୱସ୍ତରୀୟ ହେବ ସମ୍ବଲପୁର ଫୁଟବଲ୍ ଏକାଡେମୀ : ମୁଖ୍ୟମନ୍ତ୍ରୀ



ସମ୍ବଲପୁର, (ସବ୍ୟୁ): ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସମ୍ବଲପୁର ଫୁଟବଲ୍ ଏକାଡେମୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହାକୁ ଏକ ବିଶ୍ୱସ୍ତରୀୟ ଏକାଡେମୀରେ ପରିଣତ କରିବାକୁ ରାଜ୍ୟ ସରକାର ବଦ୍ଧ ପରିକର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମରେ ଆସିଥିଲେ । ଏହି ଅବସରରେ ପିତାପାଲି ସ୍ଥିତ ଫୁଟବଲ୍ ଏକାଡେମୀ ପରିଦର୍ଶନ କରିଥିଲେ । ଏଥିସହ ପଡ଼ିଆରେ ଘାସ ମଞ୍ଜି ବୁଣିଥିଲେ । ସେ କହିଥିଲେ ଯେ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ୨୦୦୭ ମସିହାରୁ ଏହି ଏକାଡେମୀ ଆରମ୍ଭ ହୋଇଥିଲା ।ଏହା କେବଳ ପଶ୍ଚିମ ଓଡ଼ିଶା ନୁହେଁ, ବରଂ ସାରା ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବାର ଏକ ବଡ଼ ମାଧ୍ୟମ ପାଲଟିଛି । ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶତାଧିକ ପ୍ରତିଭାବାନ ଖେଳାଳିଙ୍କୁ ତାଲିମ ପ୍ରଦାନ କରାଯାଇଛି । ସେମାନେ ବିଭିନ୍ନ କ୍ଲବରେ ଖେଳିବାର ସୁଯୋଗ ପାଇ ପାରିଛନ୍ତି । ଏଠାକାର ଅନେକ ଖେଳାଳି ବିଭିନ୍ନ ବୟସ ବର୍ଗର ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରି ଏକାଡେମୀର ନାମ ଉଜ୍ଜ୍ୱଳ କରିଛନ୍ତି । ଏହି ସଫଳତା ପଛରେ ଏକାଡେମୀର ସୁଦୃଢ଼ ଭିତ୍ତିଭୂମି ଓ ଉପଯୁକ୍ତ ତାଲିମ ବ୍ୟବସ୍ଥାର ବଡ଼ ଅବଦାନ ରହିଛି । ବର୍ତ୍ତମାନ ଏଠାରେ ୩ଟି ପୂର୍ଣ୍ଣ ଆକାରର ଫୁଟବଲ୍ ପଡ଼ିଆ, ଏକ ଅତ୍ୟାଧୁନିକ ଜିମ୍ନାସିୟମ୍ ଏବଂ ୨୫୦ ବର୍ଗମିଟର ବିଶିଷ୍ଟ ଏକ ସନ୍ତରଣାଗାର ତଥା ପ୍ରଶିକ୍ଷାର୍ଥୀମାନଙ୍କ ବିଶ୍ରାମ ଓ ରହଣୀ ପାଇଁ ଦୁଇଟି ଛାତ୍ରାବାସର ବ୍ୟବସ୍ଥା ରହିଛି ।

ଫୁଟବଲ୍ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର ପ୍ରତିବଦ୍ଧତା ଏବଂ ବିଧାୟକ ଶ୍ରୀ ମିଶ୍ରଙ୍କ ପ୍ରସ୍ତାବକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାର ଉନ୍ନତି ପାଇଁ ୧୫ କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ଏହି ଅର୍ଥରେ ଏକାଡେମୀ ପରିସରରେ ଫିଫା ସ୍ତରର ୩ଟି ଫୁଟବଲ୍ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଇନଡ଼ୋର ପଡ଼ିଆ ଗ୍ରାଉଣ୍ଡ ସ୍ଥାପନ କରାଯିବ । ଯଦ୍ୱାରା ବର୍ଷା ଦିନେ ମଧ୍ୟ ପିଲାମାନଙ୍କ ଅଭ୍ୟାସରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ନୂତନ ସରକାର ଗଠନ ହେବା ପରେ ଫୁଟବଲ୍ ସହ ଅନ୍ୟାନ୍ୟ ଖେଳର ମାନ ବାଇବାକୁ ପ୍ରତିବର୍ଷ "ସିଏମ୍ ଟ୍ରଫି' ଓ "ସିଏମ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟ' ଆରମ୍ଭ କରାଯାଇଛି । ଏହା ସହିତ ୧୪ ବର୍ଷରୁ କମ୍ ବୟସର ପ୍ରତିଭାବାନ ପିଲାମାନଙ୍କୁ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରୁ ଚୟନ କରାଯାଇ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ପିଲାଙ୍କୁ ଉଚ୍ଚକୋଟୀର ତାଲିମ ଦେବାର ଦାୟିତ୍ୱ ସମ୍ବଲପୁର ଫୁଟବଲ୍ ଏକାଡେମୀକୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଏହି ଏକାଡେମୀକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ । ଯାହା କେବଳ ସମ୍ବଲପୁର ବା ପଶ୍ଚିମ ଓଡ଼ିଶାରେ ସୀମିତ ରହିବ ନାହିଁ, ବରଂ ସମଗ୍ର ଭାରତବର୍ଷ ପାଇଁ ଏକ ଆଦର୍ଶ ଏକାଡେମୀ ଭାବେ ଗଢ଼ିଉଠିବ । ଏହି ଅବସରରେ ସେ ଏଠାରେ ତିନୋଟି ଫୁଟବଲ୍ ପଡ଼ିଆର ଭୂମିପୂଜନ ମଧ୍ୟ କରିଥିଲେ । ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

▸▸ ୧୫କୋଟି ଟଙ୍କାର ଅନୁଦାନ ପ୍ରଦାନ
▸▸ ଫିଫାସ୍ତରର ନିର୍ମାଣ ହେବ ପଡିଆ

### ଚିଟ୍‌ଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ କୋହଳ ନୀତି

# ସାଢ଼େ ତିନି ଲକ୍ଷ ଜମାକାରୀ ବିନା ରସିଦ୍‌ରେ ଫେରିପାଇବେ ଅର୍ଥ

କଟକ, (ସବ୍ୟୁ): ଚିଟ୍‌ଫଣ୍ଡ କମିସନ ୪ଲକ୍ଷ ୭୦ ହଜାର କ୍ଷୁଦ୍ର ଜମାକାରୀଙ୍କ ତାଲିକା ଦେଇଥିଲେ । ଏଥିରୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରାଯାଇଛି । କିନ୍ତୁ ବାକି ସାଢ଼େ ୩ଲକ୍ଷ ଜମାକାରୀଙ୍କ ମନି ରସିଦ୍ ନଥିବାରୁ ସେମାନଙ୍କୁ ଅର୍ଥ ଫେରସ୍ତରେ ସମସ୍ୟା ଦେଖାଦେଇଥିଲା। ଫଳରେ ଏହି ଜମାକାରୀଙ୍କୁ ବିନା ରସିଦରେ ଟଙ୍କା ଫେରସ୍ତ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିକୁ ନେଇ ସାଢ଼େ ୩ଲକ୍ଷ ଜମାକାରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମିଳିଥିବା ସୂଚନା ଅନୁସାରେ, ବର୍ତ୍ତମାନ ସୁଦ୍ଧା ଗୋଲଡେନ୍ ଲ୍ୟାଣ୍ଡ ଚିଟ୍‌ଫଣ୍ଡ କମ୍ପାନୀର ଦେଢ଼ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ସରିଛି। ରୋଜ୍‌ଭ୍ୟାଲୀର ୧ଲକ୍ଷ ୮୨ ହଜାର ଜମାକାରୀ ଏବଂ ହାଇଟେକ୍‌ର ୧୩୬୩ଜଣ ବୃହତ୍ତ ଜମାକାରୀଙ୍କୁ ରାଜ୍ୟ ସରକାର ସେମାନଙ୍କ ଅର୍ଥ ଫେରସ୍ତ କରି ସାରିଛନ୍ତି। କିନ୍ତୁ ଚିଟ୍‌ଫଣ୍ଡ ପାଇଁ ଗଠନ ହୋଇଥିବା ତଦନ୍ତ କମିସନରେ ଯେଉଁ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଥିଲା ସେମାନଙ୍କୁ ନେଇ ରାଜ୍ୟ ସରକାରଙ୍କୁ ବଡ଼ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚିଟ୍‌ଫଣ୍ଡ କମିସନ ଆରମ୍ଭ ସମୟରେ ସାଧାରଣ ଲୋକ ତଥା ଜମାକାରୀଙ୍କ ନିକଟରୁ ସତ୍ୟପାଠ ଲୋଡ଼ାଯାଇଥିଲା। ଏହି ସତ୍ୟପାଠରେ ଜମାକାରୀମାନେ ସେମାନଙ୍କ ଜମା ସଂକ୍ରାନ୍ତ ବିଭିନ୍ନ ଡକ୍ୟୁମେଣ୍ଟ ଆଦି କମିସନଙ୍କ ନିକଟରେ ଦାଖଲ କରିଥିଲେ। ଏହି ଡକ୍ୟୁମେଣ୍ଟ ଆଧାରରେ କମିସନଙ୍କ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କେବଳ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇ ଏହାର ତାଲିକା ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା । କମିସନ ବିଭିନ୍ନ ପର୍ଯ୍ୟାୟରେ ୪ଲକ୍ଷ ୭୦ ହଜାର କ୍ଷୁଦ୍ର ଜମାକାରୀଙ୍କ ତାଲିକା ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କମିସନଙ୍କ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ହେଲେ କମିସନଙ୍କ ପକ୍ଷରୁ କ୍ଷୁଦ୍ର ଜମାକାରୀଙ୍କ ଯେଉଁ ତାଲିକା ପ୍ରଦାନ କରାଯାଇଥିଲା ସେହି ଜମାକାରୀଙ୍କୁ ପଇସା ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରତ୍ୟେକ ଆରଆଇଙ୍କ ସ୍ତରରେ ଏହି ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରାଯିବ ବୋଲି କୁହାଯାଇଥିଲା । ଜମାକାରୀମାନଙ୍କୁ ମନି ରସିଦ୍ ଦେଖାଇ ସେମାନଙ୍କ ଅର୍ଥ ନେବାଲାଗି କୁହାଯାଇଥିଲା। କିନ୍ତୁ ଜମାକାରୀମାନେ କମିସନଙ୍କ ନିକଟରେ ମନି ରସିଦ୍ ଦାଖଲ କରି ଦେଇଥିବାରୁ ଏବଂ ଆଉ କିଛି ଜମାକାରୀଙ୍କ ନିକଟରେ ଏତେବର୍ଷ ପରେ ଆଉ ମନି ରସିଦ୍ ମିଳୁନଥିବାରୁ ସେମାନଙ୍କୁ ଟଙ୍କା ପାଇବା ବଡ଼ ସମସ୍ୟା ହୋଇଥିଲା। ଜମାକାରୀଙ୍କ ଏଭଳି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନି ରସିଦ୍ ନିୟମରେ କୋହଳ କରିଛନ୍ତି ।

# ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତାକୁ ବ୍ରିକ୍ସ ସମୁଦାୟର ସ୍ୱୀକୃତି

ଭୁବନେଶ୍ୱର (ସବ୍ୟୁ) : ଭାରତର ବ୍ରିକ୍ସ-୨୦୨୬ ଅଧ୍ୟକ୍ଷତା ଅଧୀନରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ଓଡ଼ିଶାର ପୁରୀଠାରେ ୦୩ ରୁ ୦୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟ ଗୋଷ୍ଠୀ (ଡିଆର୍‌ଆର୍‌ଜି) ବୈଠକ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଲୋକସେବା ଭବନଠାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ସଦସ୍ୟ ତଥା ବିଭାଗୀୟ ମୁଖ୍ୟ କୃଷ୍ଣ ସ୍ୱରୁପ ବତ୍ସା, ଏନ୍‌ଡିଏମ୍‌ଏର ସଦସ୍ୟ ଡ. ଦିନେଶ କୁମାର ଅସୱାଲ୍, ରୀତା ମିଶାଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ତଥା ଓଏସ୍‌ଡିଏମ୍‌ଏର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ "ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶ ପାଇଁ ନିର୍ମାଣ" ଶୀର୍ଷକ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି ବୈଠକରେ ବ୍ରିକ୍ସର ଆଠଟି ସଦସ୍ୟ ରାଷ୍ଟ୍ର- ଚୀନ୍, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଆଲୋଚନା କରିଥିଲେ।



ଏହି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ବୈଠକର ଆୟୋଜନ ଓଡ଼ିଶା ପାଇଁ ତାହାର ବିଶ୍ୱପ୍ରସିଦ୍ଧ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଉପସ୍ଥାପନ କରିବାର ଏକ ସୁଯୋଗ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀ ବୈଠକର ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ପକ୍ଷରୁ ପ୍ରାରମ୍ଭିକ ସତର୍କୀକରଣ ବ୍ୟବସ୍ଥା, ବାତ୍ୟା ପ୍ରସ୍ତୁତି, ସୁରକ୍ଷିତ ସ୍ଥାନାନ୍ତରଣ ଯୋଜନା ଏବଂ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅନୁସରଣ କରାଯାଉଥିବା ସର୍ବୋତ୍ତମ ପଦ୍ଧତିଗୁଡ଼ିକ ଉପସ୍ଥାପନ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଜନଜୀବନ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ପ୍ରତିନିଧିମାନେ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ବଡ଼ ବାତ୍ୟାଗୁଡ଼ିକ ସମୟରେ ପ୍ରାୟ ଶୂନ୍ୟ ଜନହାନି ଲକ୍ଷ୍ୟ ହାସଲ କରିବାରେ ରାଜ୍ୟର ନିରନ୍ତର ପ୍ରୟାସକୁ ସ୍ୱୀକୃତି ଦେଇଥିଲେ।

ଏହି ବୈଠକ ଓଡ଼ିଶାର ଅଧିକାରୀ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା, ଜ୍ଞାନ ଆଦାନ-ପ୍ରଦାନ ଏବଂ ବିଶ୍ୱସ୍ତରୀୟ ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପ୍ରଦାନ କରିଥିଲା। ପ୍ରତିନିଧିମାନେ ସିଧାସଳଖ ରାମଚଣ୍ଡୀଠାରେ ଓଡ୍ରାଫ୍ ପକ୍ଷରୁ ପ୍ରଦର୍ଶିତ ଜଳ ଉଦ୍ଧାର ପ୍ରଦର୍ଶନୀ ମଧ୍ୟ ଦେଖିଥିଲେ, ଯାହା ରାଜ୍ୟର ପରିଚାଳନାଗତ ପ୍ରସ୍ତୁତି, ଅତ୍ୟାଧୁନିକ ଉପକରଣ ଏବଂ ବନ୍ୟା ଓ ଜଳଜନିତ ଜରୁରୀ ପରିସ୍ଥିତିରେ ପ୍ରତିରକ୍ଷା କ୍ଷମତାକୁ ପ୍ରଦର୍ଶିତ କରିଥିଲା।

ବିପର୍ଯ୍ୟୟ ପରିଚାଳନା ବ୍ୟତୀତ ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନ ସମ୍ଭାବନାକୁ ବ୍ରିକ୍ସ ରାଷ୍ଟ୍ରସମୂହର ପ୍ରତିନିଧିଙ୍କ ସାମ୍ନାରେ ଆଲୋକପାତ କରିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିଥିଲା। ପ୍ରତିନିଧିମାନେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହ ଓଡ଼ିଶୀ, ଛଉ, ଯାତ୍ରା ଏବଂ ଆଦିବାସୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ମାଧ୍ୟମରେ ରାଜ୍ୟର ସମୃଦ୍ଧ ତଥା ସମ୍ଭ୍ରାନ୍ତ ସାଂସ୍କୃତିକ ପରମ୍ପରାର ଅନୁଭୂତି ଲାଭ କରିଥିଲେ। ଅନେକ ପ୍ରତିନିଧି ଓଡ଼ିଶାର ସମୃଦ୍ଧ ଇତିହାସ, ସ୍ଥାପତ୍ୟ କଳାର ଉତ୍କର୍ଷତା ଏବଂ ସାଂସ୍କୃତିକ ବିବିଧତା ପ୍ରତି ପ୍ରଶଂସା ବ୍ୟକ୍ତ କରିଥିଲେ।

ବ୍ରିକ୍ସ ଡିଆର୍‌ଆର୍‌ଜି ବୈଠକର ସଫଳ ଆୟୋଜନ ବିପର୍ଯ୍ୟୟ ପ୍ରତିରୋଧ ଏବଂ ପ୍ରସ୍ତୁତି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶାର ଆନ୍ତର୍ଜାତିକ ପରିଚିତିକୁ ଆହୁରି ସୁଦୃଢ଼ କରିଛି।

# ବିୟୁଟି ପାର୍ଲର ମହିଳା ଟ୍ୟଲେଟ୍‌ରେ ସିସି କ୍ୟାମେରା

ବାରଙ୍ଗ,(ସବ୍ୟୁ) : ବିୟୁଟି ପାର୍ଲର ମହିଳା ଟ୍ୟଲେଟରେ ଲାଗିଛି ସିସିଟିଭି କ୍ୟାମେରା । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନନ୍ଦନକାନନ ଥାନା ଅଞ୍ଚଳରେ । ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ନିକଟ ରୟାଲ ଆର୍କେଡ ପାଖରେ ଥିବା ଏକ ଲେଡିଜ ବିୟୁଟି ପାର୍ଲରର ଟ୍ୟଲେଟରେ ଲାଗିଛି ସିସିଟିଭି କ୍ୟାମେରା । ଟ୍ୟଲେଟରେ ସିସିଟିଭି ଲାଗୁଥିବା ନେଇ ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ରାସ୍ତା କଡ଼ରେ ରହିଛି ଏହି ପାର୍ଲର ଏବଂ ଉପର ମହଲାର ଏକ ବୁକ ଷ୍ଟୋର ପାଖରେ ଅଛି । ଟ୍ୟଲେଟ ଭିତରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ କେବଳ ମହିଳା ମାନେ ଏହି ଟ୍ୟଲେଟ ବ୍ୟବହାର କରୁଥିବା ନେଇ ସୂଚନା ମିଳିଛି । ହେଲେ ଏହି ପାର୍ଲରର ମାଲିକଙ୍କ ଏଭଳି ଘୃଣ୍ୟ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ବୁଦ୍ଧିଜୀବୀ । ସୁରକ୍ଷା ଓ ନିରାପତ୍ତା ପାଇଁ ପାର୍ଲର ମଧ୍ୟରେ ସିସିଟିଭି କ୍ୟାମେରା ଲଗାଇବା ସଠିକ ହେଲେ ଟ୍ୟଲେଟ ମଧ୍ୟରେ ସିସିଟିଭି ଲଗାଇବା କେତେଦୂର ଠିକ ଏବଂ ଆଇନସମ୍ମତ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେପଟେ ପାର୍ଲରକୁ ଆସୁଥିବା ମହିଳା, ଯୁବତୀ ଏବଂ ସେଠାରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀଙ୍କ ଗୋପନୀୟତା ଓ ମୌଳିକ ଅଧିକାରରେ ଏହା ଏକ ପ୍ରକାର ବାଧା ସୃଷ୍ଟି କରୁଛି । ବର୍ତ୍ତମାନ ଅନେକ ଲୋକ ମାଳମାଳ ବିୟୁଟି ପାର୍ଲର ଖୋଲି ଲୋକଙ୍କ ସ୍ୱାସ୍ଥ୍ୟ ଓ ଶରୀର ସହ ଖେଳ ଖେଳୁଛନ୍ତି । ମନମୁଖୀ ବିୟୁଟି ପାର୍ଲର ଖୋଲି ବିନା କୌଣସି ଟ୍ରେଡ ଲାଇସେନ୍ସ, ଜିଏସଟି, ସପ ଆଣ୍ଡ ଏଷ୍ଟାବ୍ଲିସମେଣ୍ଟ ସାର୍ଟିଫିକେଟ, ଉଦ୍ୟମ ରେଜିଷ୍ଟ୍ରେସନରେ ବ୍ୟବସାୟ କରି ଚାଲିଛନ୍ତି । ଯଦି କେହି ବିୟୁଟି ପାର୍ଲର ନିଜ ସଂସ୍ଥାରେ କାହାକୁ ଚାକିରୀରେ ରଖନ୍ତି ତେବେ ତାଙ୍କୁ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗରେ ରେଜିଷ୍ଟ୍ରେସନ କରି ଅନୁମତି ଆଣିବାକୁ ହୁଏ । ହେଲେ ଏଭଳି ଅନେକ ମାଳମାଳ ବିୟୁଟି ପାର୍ଲର ଏହି ନିୟମ ମାନୁ ନାହାଁନ୍ତି ।

### କଳାପଥର ଚୋରି ବେଳେ ବିଛାଖଣ୍ଡି ପାହାଡରେ ଦୁର୍ଘଟଣା

# ପଥରଖଣ୍ଡ ଓ ମେସିନ ତଳେ ଚାପି ହୋଇଗଲେ ଶ୍ରମିକ, ଘଟଣାକୁ ଲୁଚେଇ ଦେବାକୁ ଚକ୍ରାନ୍ତ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ମହୁଲଖଣି ନିକଟ ହନୁଆପୋଖରୀରେ ଏକ ବେଆଇନ କଳାପଥର ଖଣିରୁ ପଥର ଚୋରି ବେଳେ ଶନିବାର ସଂଧ୍ୟାରେ ବଡଧରଣର ଦୁର୍ଘଟଣା ଘଟିଛି। ପଥର ଚୋରି ପାଇଁ ଏହି ବେଆଇନ ଖଣିରେ କମ୍ପରେସର ଡ୍ରିଲିଂ ଚାଲିଥିଲା ବେଳେ ଖପଥରଣ୍ଡ ସହ ମେସିନ ଉପରୁ ତଳକୁ ଖସି ପଡିବାରୁ ତିନି/ଚାରିଜଣ ଶ୍ରମିକ ପଥର ଓ ମେସିତଳେ ଚାପିହୋଇ ଯାଇଛନ୍ତି। ଏହି ଶ୍ରମିକମାନେ ମୃତ ନା ଜୀବୀତ ଅଛନ୍ତି ତାହାର ସଠିକ ତଥ୍ୟ ଜଣାପଡି ନାହିଁ। ଗଭୀର ଖଣିର ପଥର ଓ ମାଟି ତଳେ ମେସିନ ସହ ଶ୍ରମିକମାନେ ପୋତିହୋଇ ରହିଥିବାରୁ ସେମାନେ ମୃତ ନା ଜୀବୀତ ତହା ଜଣା ପଡୁନାହିଁ। ତେବେ ଏହି ଦୁର୍ଘଘଟଣାରେ ଜଣେ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ପ୍ରଚାର ଚାଲିଛି। ଯେଉଁ ବେଆଇନ ପଥର ଖଣିରେ ଏହି ଦୁର୍ଘଟଣା ଘଟିଛି ସେହି ଖଣିକୁ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଭାଇ ବେଆଇନ ଭାବେ ଖନନ କରୁଥିବା ଜଣାପଡିଛି। ତେବେ ପୂର୍ବର ଅନ୍ୟ ପଥର ଖଣି ଦୁର୍ଘଟଣା ପରି ଏହି ଦୁଖଦ ଘଟଣାକୁ ପଥର ମାଫିଆମାନେ ଲୁଚାଇ ଦେବାକୁ ସୁଚିନ୍ତିତ ଯୋଜନା ଆରମ୍ଭ କରିଥିବା ଜଣାପଡିଛି। ଦୀର୍ଘଦିନ ହେବ ଧର୍ମଶାଳାର ବିଛାଖଣ୍ଡି, ଡଙ୍କାରୀ, ରାହାଡପୁର, ବାରମାଣ ପ୍ରଭୃତି ମୌଜାରେ ଥିବା ଶତାଧିକ ଖଣିରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି ମାଫିଆ ସିଣ୍ଡିକେଟ କୋଟି କୋଟି ଟଙ୍କାର କଳାପଥର ଚୋରି କରୁଛନ୍ତି। ବିନା ସରକାରୀ ଲିଜରେ ସମ୍ପୂର୍ଣ୍ଣ ବେଆଇନ ଭାବେ ଖୋଲାଖୋଲି ଭାବେ ଏହି ଲୁଟପାଟ ଚାଲିବା ସହିତ ମାଫିଆ ମାନଙ୍କ ଦ୍ୱାରା ସରକାରୀ ସମ୍ପତ୍ତି ଓ ସରକାରୀ ରାଜସ୍ୱ ଆତ୍ମସାତ ହୋଇ ଚାଲିଛି। ବାରମ୍ବାର ବିଭିନ୍ନ ବେଆଇନ ପଥର ଖଣି ଗୁଡିକରେ ଏହିପରି ଦୁର୍ଘଟଣା ଘଟି ନିରିହ ଗରିବ ଶ୍ରମିକ ମିନଙ୍କର ମୃତ୍ୟୁ ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଫଳରେ ଦିନକୁ ଦିନ ଏପରି ଅସାମାଜିକ କାର୍ଯ୍ୟ କଳାପ ଓ ବେଆଇନ ପଥର ଖଣିରେ ମୃତ୍ୟୁ ଘଟଣା ବଢିବଢି ଚାଲିଛି। ଗତ ଦୁଇବର୍ଷ ମଧ୍ୟରେ ୮ ଜଣ ଓ ୧୦ ବର୍ଷ ମଧ୍ୟରେ ଶହେରୁ ଉର୍ଦ୍ଧ୍ୱ ଲୋକଙ୍କର ବେଆଇନ ଖଡି ଖନନ ଜନିତ ମୃତ୍ୟୁ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି। ଏଥିନେଇ ଯାଜପୁର ଜିଲ୍ଲାପାଳ ,ଏସପି ଓ ଜିଲ୍ଲାର ବରିଷ୍ଠ ପୋଲିସ ଅଧିକାରୀ ମାନେ ସତ୍ୟତା ଅନୁସନ୍ଧାନ କରି ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ସର୍ଜଶେଷ ଖବର ଅନୁଯାୟୀ ଦୁର୍ଘଟଣା ଘଟିଥିବା ବେଆଇନ ଖଣି ସ୍ଥଳରେ ପୋଲିସ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ତେବେ ରାତି ସାଢେ ୯ଟା ସୁଦ୍ଧା ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ନଥିବା ଜଣାପଡିଛି।

### ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

# ପରିବେଶ ଅସ୍ୱଚ୍ଛ କଲେ କରାଯିବ ଫାଇନ

ପୁରୀ, (ସବ୍ୟୁ): ରଥଯାତ୍ରାରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ। ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରା କୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ। ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ।ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା,ଶୌଚାଳୟ ବ୍ୟବସ୍ଥା କରିବା,ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟ ର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ। କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ।



ଲଗାତାର ଏନଫୋର୍ସମେଣ୍ଟ କରାଯିବ। ୩୦ ଜୁନ ସୁଦ୍ଧା ସମସ୍ତ ଡ୍ରେନ ରେ ସ୍ଲାବ ପଡିବ, ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଣ୍ଟ ଟିମ ଦୃଷ୍ଟି ଦିଆଯିବ। ଅଧିକ ଲୋକ ଲଗାଯାଇ ପୁରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଚ୍ଛନ୍ନତା ରଖାଯିବ । ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରା ରେ ଅଧିକ ଶୌଚାଳୟ ର ବ୍ୟବସ୍ଥା କରାଯିବ। ଡ୍ରେନ ସଫା ତ୍ୱରାନ୍ୱିତ କରାଯାଇଛି,ରାସ୍ତା ରେ ବୁଲୁଥିବା ଗୋରୁ ଗାଈ ମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦା ରେ ରଖାଯିବ, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା,ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ରଖାଯିବ, ହୋଟେଲ ମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତା କୁ ଗୁରୁତ୍ୱ ଦିଆଯାଉଛି । ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ।

ଗଳି ମାନଙ୍କ ରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନ୍ନଦାନ ବ୍ୟବସ୍ଥା କରାଯିବ ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକ ଙ୍କୁ ସୂଚିତ କରାଯିବ, ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂ କୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଛିକାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗ ଦେଇଥିଲେ।ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ,ମହାନଗର ନିଗମ କମିଶନର, ଯୁଗ୍ମ କମିଶନର ଓ ଅନ୍ୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ।

### ଏମ୍ସ ଭୁବନେଶ୍ୱରରେ ମହିଳାଙ୍କ ହାତରୁ କଢ଼ାଗଲା

# ୭ କେଜିର ବିଶାଳ ଟ୍ୟୁମର

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱରର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଡାକ୍ତରମାନେ ଜଣେ ୪୭ ବର୍ଷୀୟା ମହିଳାଙ୍କର ବାମ ହାତରେ ଥିବା ଏକ ବିଶାଳ ପ୍ଲେକ୍ସିଫର୍ମ ନ୍ୟୁରୋଫାଇବ୍ରୋମା ଟ୍ୟୁମରକୁ ସଫଳତାର ସହିତ ଅସ୍ତ୍ରୋପଚାର ମାଧ୍ୟମରେ ଚିକିତ୍ସା କରିଛନ୍ତ । ପ୍ରାୟ ତିନି ଦଶନ୍ଧି ଧରି ପୀଡ଼ିତାଙ୍କ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଥିବା ୭ କେଜିର ଏହି ବିଶାଳ ଟ୍ୟୁମରକୁ ଦୁଇଟି ପର୍ଯ୍ୟାୟରେ କଢ଼ାଯାଇଛି । ଏଥିସହିତ ଉଭୟ ଶାରିରୀକ ଏବଂ ମାନସିକ ଯନ୍ତ୍ରଣା ଭୋଗୁଥିବା ଜଣେ ଆଦିବାସୀ ମହିଳାଙ୍କ ଜୀବନରେ ଆସିଛି ଗୁଣବତ୍ତାପୂର୍ଣ୍ଣ ଜୀବନ ବଞ୍ଚିବାର ନୂତନ ସୁଯୋଗ । ମୟୂରଭଞ୍ଜ ଜିଲ୍ଲା, ବାରିପଦାର ଜଣେ ଦିନମଜୁରିଆ ଶ୍ରମିକ ପ୍ରାୟ ୩୦ ବର୍ଷ ଧରି ତାଙ୍କ ବାମ ହାତର ମଧ୍ୟଭାଗରୁ ହାତର ପଛ ପାଶ୍ୱର୍ ପର୍ଯ୍ୟନ୍ତ ଏକ ବିରାଟ ଝୁଲନ୍ତା ଫୁଲା ସହିତ ବଞ୍ଚିଆସୁଥିଲେ । ସମୟ ସହିତ, ଟ୍ୟୁମରଟି କ୍ରମଶଃ ବୃଦ୍ଧି ପାଇଲା, ଅତ୍ୟନ୍ତ ଭାରୀ ହୋଇଗଲା ଏବଂ ଗୁରୁତ୍ୱପୂର୍ଣ୍ଣ ଅକ୍ଷମତା ସୃଷ୍ଟି କଲା । ଏହା ମହିଳାଙ୍କର କାନ୍ଧର ଗତିକୁ ଗୁରୁତର ଭାବରେ ପ୍ରତିବନ୍ଧିତ କରିବା ସହିତ ହାତର କାର୍ଯ୍ୟକ୍ଷମତା ନଷ୍ଟ କଲା ଏବଂ ଦୈନନ୍ଦିନ କାର୍ଯ୍ୟକଳାପକୁ କ୍ରମଶଃ କଷ୍ଟକର କରିଦେଲା ।



ଦୀର୍ଘ ସମୟ ଧରି ଚାପ ଯୋଗୁଁ ଉପର ଚର୍ମ ମଧ୍ୟ କଳା ଏବଂ ଘାଆ ହୋଇଗଲା । ଅସ୍ତ୍ରୋପଚାର ପୂର୍ବ ପରୀକ୍ଷାରୁ ପ୍ରାୟ ୪୫ ସେମି ଲମ୍ବ ଏକ ରକ୍ତବାହୀ କ୍ଷତ ଥିବା ଜଣାପଡ଼ିଥିଲା ।ଏହି କାରଣରୁ ରକ୍ତସ୍ରାବର ଯଥେଷ୍ଟ ବିପଦ ହେତୁ ଅସ୍ତ୍ରୋପଚାର ବିଶେଷ ଭାବରେ ଆହ୍ୱାନଭରା ଥିଲା । ମାମଲାର ଜଟିଳତାକୁ ଦୃଷ୍ଟିରେ ରଖି, ରୋଗୀଙ୍କୁ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଯାଇଥିଲା । ପ୍ରଥମ ଅସ୍ତ୍ରୋପଚାର ୬ ଘଣ୍ଟା ଧରି ଚାଲିଥିଲା । ଏହି ପ୍ରକ୍ରିୟାରେ ଟ୍ୟୁମରର ଆଗ ଅଂଶକୁ କାଢି ଦିଆଯାଇଥିଲା । ୬ ମାସର ବ୍ୟବଧାନ ପରେ, ହାତ ଅଂଶକୁ କାଟିବା ପାଇଁ ଦ୍ୱିତୀୟ ଅସ୍ତ୍ରୋପଚାର କରାଯାଇଥିଲା, ଯାହା ପ୍ରାୟ ତିନି ଘଣ୍ଟା ଧରି ଚାଲିଥିଲା । ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଜଟିଳ ଅସ୍ତ୍ରୋପଚାରର ସଫଳ ସମ୍ପାଦନକୁ ପ୍ରଶଂସା କରିଥିଲେ । ଏହି ପ୍ରକ୍ରିୟା ମହିଳାଙ୍କୁ ଏକ ନୂତନ ଜୀବନ ପ୍ରଦାନ କରିଥିବା ଡ. ବିଶ୍ୱାସ ପ୍ରକାଶ କରିଥିଲେ । ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଶଲ୍ୟଚିକିତ୍ସା ଦଳରେ ଡ. ସଞ୍ଜୟ କୁମାର ଗିରି, ଡ. ଶ୍ୟାମ ସୁନ୍ଦର ବେହେରା, ଡ. ଆହାନା ବନ୍ଦୋପାଧ୍ୟାୟ, ଡ. ସୂର୍ଯ୍ୟ ଯଶସ୍ୱୀ ପିଭିଏସ, ଡ. କୀର୍ତ୍ତି ଜି, ଡ. ନିଖିଲ କୁମାର ଶର୍ମା ଏବଂ ଡ. ଆଶୁତୋଷ ଅଧିକାରୀ ଥିଲେ । ଡ. ଦେବାଶ୍ରୀ ଦାସ ଏବଂ ଡ. ପୂଜା ଆନାସ୍ଥେସିଆ ସହାୟତା ପ୍ରଦାନ କରିଥଲେ ।









କାଳବୈଶାଖୀରେ ବିପର୍ଯ୍ୟସ୍ତ ରାଜଧାନୀ

### ରୋଗୀଙ୍କଠାରୁ ପ୍ରି ଓ ପୋଷ୍ଟ ହସ୍ପିଟାଲାଇଜେସନ ଖର୍ଚ୍ଚ ଆଦାୟ ନ କରିବାକୁ ଆଡଭାଇଜରି ଜାରି

# ଆଡଭାଇଜରି ପାଳନର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଚିକିତ୍ସା ସେବା ପାଉଥିବା ହିତାଧିକାରୀ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ ଏବଂ ରୋଗୀ ଡିସ୍‌ଚାର୍ଜ ହେବା ପରେ ୧୫ ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରାମର୍ଶ, ଔଷଧ, ଡାଇଗ୍ନୋଷ୍ଟିକ୍ ପରୀକ୍ଷା ଓ ପୋଷ୍ଟ-ଅପରେଟିଭ୍ କେୟାର ମଧ୍ୟ ପ୍ୟାକେଜ ମୂଲ୍ୟ ଅଧୀନରେ ରହିବ ଏବଂ ପୋଷ୍ଟ-ହସ୍ପିଟାଲାଇଜେସନ ସମ୍ବନ୍ଧୀୟ ଖର୍ଚ୍ଚ ଆଦାୟ ନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ ସମସ୍ତ ପଞ୍ଜୀକୃତ ହସ୍ପିଟାଲକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଏବଂ ପୁନଃ ଭର୍ତ୍ତି ହେବାର ଖର୍ଚ୍ଚ ମଧ୍ୟ ପୂର୍ବ ପ୍ୟାକେଜ ମୂଲ୍ୟରେ ସାମିଲ ରହିବ।

ସମସ୍ତ ପଞ୍ଜୀକୃତ ହସ୍ପିଟାଲ ଏହି ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଏବଂ ପ୍ୟାକେଜ ଅଧୀନରେ ଥିବା କୌଣସି ସେବା ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବା ହସ୍ପିଟାଲ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ କୁହାଯାଇଛି । ଏହି ପରିପେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭୁବନେଶ୍ୱରର ଦୁଇଟି ବେସରକାରୀ ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ କରି ଜାରି ହୋଇଥିବା ଆଡଭାଇଜରି କେମିତି ଅନୁପାଳନ ହେଉଛି ପଚାରି ବୁଝିଥିଲେ । ସେହିପରି ଏହି ପରିଦର୍ଶନ ସମୟରେ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ବରୁ ହୋଇଥିବା ପଞ୍ଜୀକୃତ ମେଡିକାଲ ମାନଙ୍କ ସହ ସମୀକ୍ଷା ବୈଠକରେ ହେଲ୍ପ ଡେସ୍କ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ବିଷୟରେ ପଚାରିବା ସହ ରୋଗୀଙ୍କୁ ସମ୍ମାନର ସହ ଉଚିତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ।



ଚିକିତ୍ସାଳୟଗୁଡ଼ିକ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇବା ସହିତ ଡିସ୍‌ଚାର୍ଜ ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଆବଶ୍ୟକ ଫଲୋ-ଅପ୍ ଭିଜିଟ୍ ଓ ପରୀକ୍ଷା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ପ୍ରଦାନ କରିବାକୁ ବାଧ । ଅସ୍ତ୍ରୋପଚାର କ୍ଷେତ୍ରରେ ଚିକିତ୍ସା ସହ ଜଡିତ ରୋଗୀ ଡିସ୍‌ଚାର୍ଜ ଜଟିଳତା

## ୧୧ କେ ଭି ବିଦ୍ୟୁତ ସଂସ୍ପର୍ଶରେ ବାଳକ ଗୁରୁତର

ବାଲୁଗାଁ , (ସବ୍ୟୁ) : ଶନିବାର ସନ୍ଧ୍ୟାରେ ବାଲୁଗାଁ ନିକଟ ନିମିକ୍ଷେତା ଗ୍ରାମରେ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ୧୧ କେ ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବାଳକ ଗୁରୁତର ହୋଇଥିବା ଜଣାଯାଇଛି । ନିମିକ୍ଷେତା ଗ୍ରାମର ବିପିନ ମହାପାତ୍ରଙ୍କ ପୁଅ ରାହୁଲ (୧୫) ଶନିବାର ସନ୍ଧ୍ୟାରେ ସାଙ୍ଗାନଙ୍କ ସହ ଘର ଛାତ ଉପରେ ଖେଳୁଥିବା ବେଳେ ଛାତ ପାଖର୍ ଦେଇ ଯାଇଥିବା ୧୧ କେ ଭି ତାର ସଂସ୍ପର୍ଶରେ ଆସିଥିଲେ । ଏହି ସମୟରେ ହଠାତ ବିଦ୍ୟୁତ ସବ ଷ୍ଟେସନରୁ ସର୍ଟ ସର୍କିଟ ହୋଇ ଫ୍ୟୁଜ ଚାଲିଯିବାରୁ ରାହୁଲ ଛିଟିକି ତଳେ ପଡିଯାଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ରାହୁଲକୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଆଣିଥିଲେ । କିନ୍ତୁ ସେଠାରେ ଅବସ୍ଥା ଉଦବେଗଜନକ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

# ଭୁବନେଶ୍ୱରରେ ଅଭାଦା ଭାରତ ଉଦୟ ଯାତ୍ରାରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ

ଭୁବନେଶ୍ୱର, (ସବ୍ୟୁ): ନବୀକରଣଯୋଗ୍ୟ ଶକ୍ତି ନେତୃତ୍ୱରେ ମିଶ୍ରିତ ଶକ୍ତି ଏବଂ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ରୂପାନ୍ତରଣ ଆଡକୁ ଓଡ଼ିଶାର ଲକ୍ଷ୍ୟ ବିଷୟରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଲ୍ଲେଖ କରିଛନ୍ତି। ଭୁବନଶ୍ୱରରେ ଅଭାଦା ଭାରତ ଉଦୟ ଯାତ୍ରା କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ ଯୋଗଦେଇ ତାହାକୁ ଉଦ୍‌ଘାଟନ କରିବା ଅବସରରେ ଏହା ପ୍ରକାଶ କରିଛନ୍ତି। ସହରରେ ଏହା ଦ୍ୱିତୀୟ ଅଭାଦା ଭାରତ ଉଦୟ ଯାତ୍ରା ହୋଇଥିବାବେଳେ ଉପ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମବେତ ହୋଇଥିବା

ନାଗରିକବୃନ୍ଦ, ଛାତ୍ର ଛାତ୍ରୀ, ଶିଳ୍ପସମୂହର ପ୍ରତିନିଧିଗଣ ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କୁ ଅଭାଦା ଗ୍ରୁପ୍‌ର ପ୍ରେସିଡେଣ୍ଟ ଓ ହେଡ୍- ଗ୍ରୀନ୍‌ହାଇଡ୍ରୋଜେନ / ଆମୋନିଆ ବିଜିନେସ୍ ଓ ନିୟୁ ଇନିସିଏଟିଭସ୍, ପ୍ରଶାନ୍ତ ଚୌବେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶକ୍ତି ଓ ଆଇଟି ବିଭାଗ ବିଶାଳ ଦେବ, ଭାସ୍କର ଜ୍ୟୋତି ଶର୍ମା ଚେୟାରମ୍ୟାନ-କମ୍- ମ୍ୟାନେଜିଂ ଡାଇରେକ୍ଟର, ଓପିଟିସିଏଲ୍; ଏବଂ ଡ. ସତ୍ୟପ୍ରିୟ ରଥ, ମ୍ୟାନେଜିଂ ଡାଇରେକ୍ଟର, ଗ୍ରୀଡକୋଙ୍କ ସମେତ ବରିଷ୍ଠ ସରକାରୀ ପଦାଧିକାରୀଗଣ ଯୋଗ ଦେଇଥିଲେ। ଭାରତର ଅନ୍ୟତମ ଅଗ୍ରଣୀ ସମନ୍ୱିତ ଶକ୍ତି ରୂପାନ୍ତରଣକାରୀ ଗୋଷ୍ଠୀ ଅଭାଦା ଗ୍ରୁପ୍‌ସ ମାବେଶକୁ ସମ୍ବୋଧିତ କରି କନକ ବର୍ଦ୍ଧନ ସିଂହଦେଓ କହିଥିଲେ। ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ତ୍ୱରାନ୍ୱିତ କରିବା ଦିଗରେ ଭାରତ ଉଲ୍ଲେଖନୀୟ ଲମ୍ଫ ପ୍ରଦାନ କରିଛି। ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ, ପିଏମ୍- କୁସୁମ, ସୌର ବିନିର୍ମାଣ ପ୍ରୋତ୍ସାହନ ଏବଂ ଆକାଂକ୍ଷୀ ନବୀକରଣଯୋଗ୍ୟ ଶକ୍ତି କ୍ଷମତା ଲକ୍ଷ୍ୟ ଆଦି ଭଳି ଯୁଗାନ୍ତକାରୀ ପ୍ରୟାସଗୁଡିକ ରାଜ୍ୟଗୁଡିକ ନିମନ୍ତେ ପୁଞ୍ଜିନିବେଶ ଆକୃଷ୍ଟ କରିବା ଏବଂ ସ୍ୱଚ୍ଛ ଶକ୍ତି ନିୟୋଜନରେ ପରିମାଣାତ୍ମକ ବୃଦ୍ଧି ଘଟାଇବାକୁ ଏକ ଅନୁକୂଳ ପରିବ୍ୟବସ୍ଥା ସୃଷ୍ଟି କରିଛି। ସ୍ୱଚ୍ଛ ଶକ୍ତି, ପରିବେଶଗତ ଦାୟିତ୍ୱ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରୁଥିବା ପ୍ରୟାସଗୁଡ଼ିକୁ ସମର୍ଥନ କରିବା ନେଇ ଆମେ ପ୍ରତିବଦ୍ଧ ରହିଛୁ।" ଓଡ଼ିଶାରେ ଅଭାଦା ର ବର୍ଦ୍ଧିତ ଉପସ୍ଥିତି ପରବର୍ତ୍ତୀ ପିଢିର ଶକ୍ତି ସମାଧାନସମୂହ, ବିଶେଷକରି ସବୁଜ ହାଇଡ୍ରୋଜେନ ଏବଂ ସବୁଜ ଆମୋନିଆ କ୍ଷେତ୍ରରେ ଏକ ରଣକୌଶଳାତ୍ମକ ସ୍ଥଳ ଭାବରେ ଓଡ଼ିଶାର ଉଦ୍ଭବକୁ ପ୍ରତିଫଳିତ କରୁଛି ଏବଂ ଏହି କ୍ଷେତ୍ରଗୁଡିକ ଭାରତର ଅଙ୍ଗାରକ ନିର୍ଗମନ ହ୍ରାସ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆଶା କରାଯାଉଛି।




# ହାଇଟେକ୍ ଡେଣ୍ଟାଲ୍ କଲେଜ୍‌ରେ ପିଏଫ୍ ଜାତୀୟ କନ୍‌ଭେନସନ୍

ଭୁବନେଶ୍ୱର, (ସବ୍ୟୁ): ହାଇଟେକ୍ ଡେଣ୍ଟାଲ କଲେଜ୍ ଓ ହସ୍ପିଟାଲ୍ ପରିସରରେ ପିଏର୍ ଫୋଚାର୍ଡ ଏକାଡେମୀ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଛି ଓ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ, ଦନ୍ତ ଚିକିତ୍ସା କ୍ଷେତ୍ରରେ ନେତୃତ୍ୟ ସୃଷ୍ଟି କରିବା



ସହ, ଉନ୍ନତମାନର ଗବେଷଣା ଓ ଚିକିତ୍ସା ପଦ୍ଧତିକୁ ଅନୁସରଣ କରିବା ଓ ଦେଶର ବିଭିନ୍ନ ଡେଣ୍ଟାଲ୍ କଲେଜ୍ ଓ ହସ୍ପିଟାଲ୍‌ରୁ ବିଶିଷ୍ଟ ଦନ୍ତ ଚିକିତ୍ସକ, ଶିକ୍ଷାବିତ୍, ଗବେଷକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ଓ ପିଏଫ୍ଏ ଅଧକ୍ଷା ପ୍ରଫେସର ଡାକ୍ତର ସବିତା ଏମ୍ ରାମ୍ ଏବଂ ସଚିବ ପ୍ରଫେସର ଡାକ୍ତର ମାୟା ରମେଶଙ୍କ କହିବା ହେଲା ପୂର୍ବ ଓଡିଶାରେ ପ୍ରଥମ ଥର ପାଇଁ ଏହି ପିଏଫ୍ଏ ଜାତୀୟ ସମ୍ମିଳନୀ ଆୟୋଜନ କରି ଖୁବ୍ ଗର୍ବିତ ଓ ଏହା ଦ୍ୱାରା ଦନ୍ତ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବା ସହ ଚିକିତ୍ସା କ୍ଷେତ୍ରରେ ନୂତନ ଦକ୍ଷତା ସୃଷ୍ଟି କରାଯାଇପାରିବ । ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ କହିବା ହେଲା,ଦନ୍ତ ଚିକିତ୍ସକ ମାନେ ଗରିବ, ଅସହାୟ ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦିଅନ୍ତୁ । ରୋଗୀ ସେବା କଲାବେଳେ ଅର୍ଥ ନୁହଁ ରୋଗ ଓ ରୋଗୀଙ୍କ ସେବାରେ ଉତ୍ସର୍ଗ ରହିବାକୁ ସେ ପରାମର୍ଶ ଦେଇଥିଲେ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ହାଇଟେକ୍ ଡେଣ୍ଟାଲ କଲେଜର କାର୍ଯ୍ୟକାରୀ ଅଧକ୍ଷା ମଧୁସ୍ମିତା ତ୍ରିପାଠୀ ଦନ୍ତଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ପିଏଫ୍ ଜାତୀୟ ସମ୍ମିଳନୀ ନୂତନ ଦିଗଦର୍ଶନ ଦେଉ ବୋଲି କହିଥିଲେ ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଆଇଏଏସ୍ ରାଜ୍ୟର ପ୍ରତ୍ୟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠୁ ଆରମ୍ଭ କରି, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠି ଉନ୍ନତମାନର ଦନ୍ତ ଚିକିତ୍ସା କେନ୍ଦ୍ର ଖୋଲାଯିବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ ଝ ଡାକ୍ତର ମନିଷ ଅଗ୍ରୱାଲ ଓ ଡାକ୍ତର ଅମିତ କୁମାର ପୃଷ୍ଟି ଦୁଇଟି ସନ୍ଦର୍ଭ ପାଠ କରିଥିଲେ, ଏହି ଅବସରରେ ପିଏଫଏ ଜୋର୍ଣ୍ଣାଲର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ କରାଯାଇଥିଲା ଓ ହାଇଟେକ୍ ଡେଣ୍ଟାଲ୍ କଲେଜ ଅଧକ୍ଷ ପ୍ରଫେସର ଡାକ୍ତର ସଂଗ୍ରାମ ପାଣିଗ୍ରାହୀ,ପ୍ରଫେସର ଡାକ୍ତର ସୁବାସ ଚନ୍ଦ୍ର ନାୟକ, ପ୍ରଫେସର ଡାକ୍ତର ଅଭିତୋଷ ଦେବତାଙ୍କ ସମେତ ସମସ୍ତ ଡାକ୍ତରଙ୍କ ନେତୃତ୍ୟରେ ଏହି ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା । ଡାକ୍ତର ଶୁଭସୋମ୍ୟ ଦାନୀ ଓ ଡାକ୍ତର ଶ୍ରଦ୍ଧାଶ୍ରୀ ଦିପାଳିନୀଙ୍କ ଉଚ୍ଚକୋଟୀର ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ମୁଖ୍ୟମନ୍ତ୍ରୀ ଟ୍ରଫି- ୨.୦କବାଡ଼ି ଚାମ୍ପିୟନସିପ୍

# ଦ୍ୱିତୀୟ ଦିବସରେ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ

କଟକ,(ସବ୍ୟୁ):ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି–୨.୦ କବାଡ଼ି ଚାମ୍ପିୟନସିପ୍ –୨୦୨୬ ଅନ୍ତର୍ଗତ ଜୋନ୍–୨ (କଟକ) ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମ୍ୟାଚ୍‌ଗୁଡ଼ିକ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ଅତ୍ୟନ୍ତ ରୋମାଞ୍ଚକର ପରିବେଶରେ ଅନୁଷ୍ଠିତ ହୋଇଛି । ୦୫ ଜୁନରୁ ୦୭ ଜୁନ ପର୍ଯ୍ୟନ୍ତ ଚାଲିଥିବା ଏହି ଚାମ୍ପିୟନସିପ୍ ରେ ବିଭିନ୍ନ ଜିଲ୍ଲାର ପ୍ରତିଭାଶାଳୀ ଖେଳାଳିମାନେ ନିଜ ଦକ୍ଷତାର ଉତ୍କୃଷ୍ଟ ପ୍ରଦର୍ଶନ କରୁଛନ୍ତି । ବାଳକ ବର୍ଗରେ ପୁରୀ ଦଳ ୫୨–୩୬ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୧୬ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ କଟକ ଦଳ ୫୧–୪୦ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୧୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି । ସେହିପରି ଜଗତସିଂହପୁର ଦଳ ୫୦–୩୭ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୩ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି । ଅନ୍ୟପକ୍ଷେ ବାଳିକା ବର୍ଗରେ ଜଗତସିଂହପୁର ଦଳ ୬୧–୪୨ ପଏଣ୍ଟରେ ଖୋର୍ଦ୍ଧାକୁ ପରାସ୍ତ କରି ୧୯ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି । କଟକ ଦଳ ୪୪–୧୬ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରି ୨୮ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି । ପୁରୀ ଦଳ ୫୩–୩୨ ପଏଣ୍ଟରେ ଯାଜପୁରକୁ ପରାସ୍ତ କରି ୨୧ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ କଟକ ଦଳ ୪୭–୧୨ ପଏଣ୍ଟରେ ଭଦ୍ରକକୁ ପରାସ୍ତ କରି ୩୫ ପଏଣ୍ଟ ବ୍ୟବଧାନରେ ଚମତ୍କାର ବିଜୟ ହାସଲ କରିଛି । ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଜୟଶ୍ରୀ ସ୍ୱାଇଁ ଏବଂ ଚୟନ ସମିତିର ଅଧ୍ୟକ୍ଷ ଶ୍ରୀ ଶୁଭ୍ରାଂଶୁ ଶେଖର ବେହେରା ପ୍ରତିଯୋଗିତାର ସୁପରିଚାଳନା ଓ ତଦାରଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଉପସଭାପତି ଶ୍ରୀ ପୃଥ୍ୱୀରାଜ ପଟ୍ଟନାୟକ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ମନୋବଳ ବୃଦ୍ଧି କରିବା ସହ କ୍ରୀଡ଼ା ମନୋଭାବକୁ ପ୍ରୋତ୍ସାହିତ କରିଥିଲେ । ଆସନ୍ତା ୦୭ ଜୁନ ୨୦୨୬ ତାରିଖରେ ଜୋନ୍–୨ର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏହାକୁ ନେଇ କ୍ରୀଡ଼ାପ୍ରେମୀ, କବାଡ଼ି ଅନୁରାଗୀ ଓ ସାଧାରଣ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହେଉଛି ।

# ପୁରୀ ପୋଲିସ ପକ୍ଷରୁ ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା

ପୁରୀ, (ସବ୍ୟୁ): ରଥଯାତ୍ରକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ପୋଲିସ ଲାଇନ କନଫରେନ୍ସ ହଲ୍ ଠାରେ ଏକ ସ୍ୱତନ୍ତ୍ର ଆଚରଣଗତ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଜନସାଧାରଣ ଓ ଶ୍ରଦ୍ଧାଳୁମାନଙ୍କ ସହ ଅଧିକ ସୌହାର୍ଦ୍ଦ୍ୟପୂର୍ଣ୍ଣ, ସମ୍ବେଦନଶୀଳ ଏବଂ ସେବାଭାବପୂର୍ଣ୍ଣ ବ୍ୟବହାର କରିବା ସହିତ ବୃହତ୍ ଜନସମାଗମର ସୁଚାରୁ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷିତ କରିବା। ଏହି କର୍ମଶାଳା ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ତପସ ରଞ୍ଜନ ଦାସ, ପୂର୍ବତନ ଏସ୍. ପି. ଜ୍ଞାନରଞ୍ଜନ ମହାପାତ୍ର, ଏସ୍.ଏସ୍. ଏମ୍.ଏସ୍.ବି.ର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ, ଦୀପକ ଗଡ଼ନାୟକ, ମିସ ଅନାଖା କେ ବିଜୟାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ, ଏସ୍. ଏସ୍.ଏମ୍.ଏସ୍.ବି. ଅଧିକାରୀ ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱରର ବିଶିଷ୍ଟ ବିଶେଷଜ୍ଞ ଡ଼ଃ ଅମ୍ରିତ ପଟ୍ଟଯୋଶୀ ଏବଂ ଡ଼ଃ ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇଥିଲେ।

ସେମାନେ ଜନଗହଳିର ମନସ୍ତତ୍ତ୍ୱ, ଚାପପୂର୍ଣ୍ଣ ପରିସ୍ଥିତିରେ ପୋଲିସର ଭୂମିକା, ଜନସାଧାରଣଙ୍କ ସହ ପ୍ରଭାବଶାଳୀ ଯୋଗାଯୋଗ, ସକାରାତ୍ମକ ବ୍ୟବହାର ଓ ମାନସିକ ସନ୍ତୁଳନ ବଜାୟ ରଖିବା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ରଥଯାତ୍ରା ଭଳି ବୃହତ୍ ଧାର୍ମିକ ସମାବେଶରେ କିପରି ଧୈର୍ଯ୍ୟ, ସହନଶୀଳତା ଏବଂ ଭଲ ଆଚରଣ ମାଧ୍ୟମରେ ଜନଗହଳିକୁ ସଫଳତାର ସହ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ସଭାକୁ ସମ୍ବୋଧିତ କରି ପୁରୀ ଏସ୍‌ପି ପ୍ରତୀକ ସିଂ କହିଥିଲେ ଯେ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିଥାନ୍ତି ଏବଂ ସେମାନଙ୍କ ସହ ପୋଲିସର ଆଚରଣ ହିଁ ପୁରୀ ପୋଲିସର ପ୍ରକୃତ ପରିଚୟ ବହନ କରିଥାଏ। ତେଣୁ ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କୁ ଜନବନ୍ଧୁ ପୋଲିସିଂର ମନୋଭାବ ନେଇ କାର୍ଯ୍ୟ କରିବାକୁ ହେବ। ଶ୍ରଦ୍ଧାଳୁମାନଙ୍କ ସମସ୍ୟାକୁ ବୁଝିବା, ସେମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ଏବଂ ସମ୍ମାନଜନକ ବ୍ୟବହାର ମାଧ୍ୟମରେ ପୁରୀ ପୋଲିସର ସକାରାତ୍ମକ ଭାବମୂର୍ତ୍ତିକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କର୍ମଶାଳାରେ ଜନଗହଳି ନିୟନ୍ତ୍ରଣ, ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଭିଡ଼ ମଧ୍ୟରେ ହଜିଯାଇଥିବା ବ୍ୟକ୍ତିଙ୍କୁ ସହାୟତା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଏବଂ ଦର୍ଶନ ବ୍ୟବସ୍ଥାକୁ ସୁଚାରୁ ରଖିବା ସମ୍ପର୍କରେ ବିଭିନ୍ନ ବ୍ୟବହାରିକ ପରାମର୍ଶ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ନିଜ ଦୀର୍ଘ ପ୍ରଶାସନିକ ଅନୁଭୂତି ଆଧାରରେ ରଥଯାତ୍ରା ଭଳି ବିଶାଳ ଧାର୍ମିକ ଉତ୍ସବରେ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାରର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।



## ଟାଉନ୍ ହଲ୍ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷଣ

# ବ୍ୟକ୍ତିଗତ ଜମିରେ ଗାତ ଖୋଳି ଅଡୁଆରେ ପ୍ରଶାସନ



ବୁଗୁଡା, (ସବ୍ୟୁ): ବୁଗୁଡ଼ାରେ ପାଞ୍ଚ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଏନ୍ଏସି ଅନ୍ତର୍ଗତ କାଞ୍ଚିଆପଲ୍ଲୀ ପାର୍କ ରାସ୍ତା ଏବଂ ମୋଟାବାଡି ରାସ୍ତା କଡରେ ତହସିଲଦାରଙ୍କ ଦ୍ୱାରା ୩୭୦ ଡେସିମିଲ ସରକାରୀ ଜାଗା ଚିହ୍ନଟ ପରେ ସେହି ସ୍ଥାନର ମୃତ୍ତିକା ପରୀକ୍ଷଣ କାର୍ଯ୍ୟକ୍ରମ ଗତ ୩ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ତେବେ ମୃତ୍ତିକା ପରୀକ୍ଷଣ ପାଇଁ ସରକାରୀ ଜାଗାରେ ଗାତ ଖୋଳିବା ପରିବର୍ତ୍ତେ ରଘୁନାଥ ସାହୁ ନାମକ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗାରେ ୭ ଫୁଟ ଗଭୀରତା ବିଶିଷ୍ଟ ୩ଟି ଗାତ ଖୋଳା ଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏନେଇ ସେ ତହସିଲଦାର ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଉକ୍ତ ଗାତ ପୋତିବା ପାଇଁ ଅନୁରୋଧ କରିଥିବା କହିଛନ୍ତି । ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ପଚାରିବାରେ ରଘୁନାଥଙ୍କ ଜାଗାରେ ଭୁଲବଶତଃ ଗୋଟିଏ ଗାତ ଖୋଳି ହୋଇଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି ଜାଗା ଚିହ୍ନଟ କରିଥିବା ରାଜସ୍ୱ ନିରୀକ୍ଷକଙ୍କ ଭୁଲ ଯୋଗୁଁ ଏପରି ହୋଇଛି ନା ଏନ୍ଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏମିତି ତ୍ରୁଟି ଘଟିଛି । ଅନ୍ୟ ପକ୍ଷରେ ଟାଉନ୍ ହଲ୍ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମି ବୁଗୁଡ଼ା ସହର ଠାରୁ ବହୁ ଦୂରରେ ହୋଇଥିବାରୁ ସହର ଭିତରେ ଟାଉନ୍ ହଲ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି ।

## ବେଆଇନ ମଦ ବିକ୍ରୀ ବନ୍ଦ କରିବା ପାଇଁ ସରପଞ୍ଚଙ୍କ ଦାବି

ଛତ୍ରପୁର, (ସବ୍ୟୁ): ଛତ୍ରପୁରଥାନା ଅଧୀନ ସୁନ୍ଦରପୁର ଗ୍ରାମ ବଜାର ମୁଖ୍ୟ ରାସ୍ତା ତଥା ଗାଁ ମଝିରେ ବେଆଇନ ମଦ ବିକ୍ରିକୁ ବନ୍ଦ କରିବାକୁ ସରପଞ୍ଚ ଗଗନ କୁମାର ବେହେରା ଦାବି କରିଛନ୍ତି । ଏହି ରାସ୍ତାରେ ପ୍ରତ୍ୟେକ ଦିନ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଟ୍ୟୁସନ୍ ଯାଆନ୍ତି । ଏହାସହ ଉକ୍ତ ରାସ୍ତା ଦେଇ ଦୈନିକ ମହିଳାମାନେ ଗ୍ରାମପଂଚାୟତ କାର୍ଯ୍ୟାଳୟ, ମେଡିକାଲ, ଅଙ୍ଗନବାଡି କେନ୍ଦ୍ର, ଡିପିଏଲ୍ଏଫ କାର୍ଯ୍ୟାଳୟ ଏବଂ ସୁନ୍ଦରେଶ୍ୱର ମନ୍ଦିରକୁ ଯିବାଆସିବା କରନ୍ତି । ଗ୍ରାମରେ ଗୋଟିଏ ସରକାରୀ ଦେଶୀ ମଦ ଦୋକନା ଥାଇ ମଧ ଉକ୍ତ ବଜାର ମଧ୍ୟରେ ଆଜକୁ ବହୁବର୍ଷ ହେଲାଣି ବେଆଇନ ଭାବେ ଗ୍ରାମର କିଛି ବ୍ୟକ୍ତି ଅରାଜଗତ ଭାବେ ଖୁଲମଖୁଲା ମଦ ବିକ୍ରି କରୁଛନ୍ତି । ଫଳରେ ସେହି ସ୍ଥାନରେ ପ୍ରତିଦିନ ଅଶାନ୍ତି ଲାଗି ରହୁଛି । ଟ୍ରାଫିକ୍ ସମସ୍ୟା ବଢିବା ସହିତ ଝଗଡା ମଧ ହେଉଛି । ମହିଳମାନେ ସେହି ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି । ଏଣୁ ତୁରନ୍ତ ଏହି ବେଆଇନ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଗଞ୍ଜାମ ଅବକାରୀ ଅଧୀକ୍ଷକଙ୍କୁ ସୁନ୍ଦରପୁର ସରପଂଚ ଶ୍ରୀ ବେହେରା ଏକ ଦାବି ପତ୍ର ଜଣାଇଛନ୍ତି । ଏଦିଗରେ ତୁରନ୍ତ ପଦକ୍ଷେପ ନନେଲେ ସେ ଗଞ୍ଜାମ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ମୟୂରଭଞ୍ଜରେ ପେଟ୍ରୋଲ, ଡିଜେଲ କଟକଣା

# ଆଦିବାସୀ ଉନ୍ନୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ପ୍ରଭାବିତ

ବାରିପଦା, (ସବ୍ୟୁ) : ରାଜ୍ୟର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ଯୋଗାଣରେ ଲାଗୁ କଟକଣା ଯୋଗୁଁ ଉନ୍ନୟନ ମୂଳକ କାର୍ଯ୍ୟ, ନିର୍ମାଣ କାର୍ଯ୍ୟ, କୃଷି, କଳକାରଖାନା, ଛୋଟ ଉଦ୍ୟୋଗ ଏବଂ ଖଣି ଖାଦାନ କାର୍ଯ୍ୟ ପ୍ରଭାବିତ ହେବାରେ ଲାଗିଛି । ପେଟ୍ରୋଲ ପମ୍ପରେ ଡିଜେଲ ବ୍ୟାରେଲ ବା ଜାରରେ ଯୋଗାଣ ନକରି କେବଳ ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ସ୍ଥାନୀୟ ଉଦ୍ୟୋଗପତି ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ଓ ଚଳିତ ଉନ୍ନୟନ କାର୍ଯ୍ୟ ପାଇଁ ଡିଜେଲ ଆବଶ୍ୟକତା ଅଧିକ ଥିବା ସତ୍ତ୍ୱେ ପମ୍ପ ମାଲିକମାନେ ବ୍ୟାରେଲ ବା ଜାର ଯୋଗେ ଡିଜେଲ ଦେବାକୁ ମନା କରୁଛନ୍ତି । ଫଳସ୍ୱରୂପ ନିର୍ମାଣ ସାଇଟ୍, ରାସ୍ତା ନିର୍ମାଣ, କୃଷି କାର୍ଯ୍ୟ, ଖଣି ଓ କ୍ରସର ଇଉନିଟ୍ ଗୁଡ଼ିକର କାର୍ଯ୍ୟ ପ୍ରାୟ ସ୍ଥବିର ହୋଇପଡ଼ିଛି । ଆଦିବାସୀ ଅଞ୍ଚଳର ଅର୍ଥନୈତିକ ଉନ୍ନୟନ ପାଇଁ ଚାଲିଥିବା ଏହି କାର୍ଯ୍ୟଗୁଡ଼ିକରେ ବ୍ୟାପକ ବିଳମ୍ବ ହେବା ଆଶଙ୍କା ଦେଖାଦେଇଛି । ଜିଲ୍ଲାର କେତେକ ପ୍ରମୁଖ ଉଦ୍ୟୋଗପତି ଏହି ପ୍ରସଙ୍ଗରେ ତୀବ୍ର ଆପତ୍ତି ଉଠାଇଛନ୍ତି । ସେମାନେ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ପ୍ରଧାନ ଅଞ୍ଚଳ ହୋଇଥିବାରୁ ଏଠାରେ ଉନ୍ନୟନ କାର୍ଯ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପେଟ୍ରୋଲ ପମ୍ପରେ ଡିଜେଲ ବ୍ୟାରେଲରେ ନଦେବା ଯୋଗୁଁ ନିର୍ମାଣ କାର୍ଯ୍ୟ, କୃଷି ଓ ଖଣି କାର୍ଯ୍ୟ ପ୍ରଭାବିତ ହେଉଛି । ଛୋଟ ଉଦ୍ୟୋଗ ଓ କଳକାରଖାନା ଚାଲୁ ରଖିବା ପାଇଁ ଡିଜେଲ ଆବଶ୍ୟକ । ଏହି କଟକଣା ଯୋଗୁଁ ଶ୍ରମିକଙ୍କ ରୋଜଗାର ପ୍ରଭାବିତ ହେଉଛି ଏବଂ ଜିଲ୍ଲାର ସାମଗ୍ରିକ ଉନ୍ନୟନ ବାଧାପ୍ରାପ୍ତ ହେଉଛି । ସେମାନେ ଆହୁରି କହିଛନ୍ତି ଯେ, ଯାନବାହନକୁ ସୀମିତ ପରିମାଣରେ ଡିଜେଲ ଦିଆଯାଉଥିବାରୁ ନିର୍ମାଣ ସାମଗ୍ରୀ ଓ ଯନ୍ତ୍ରପାତି ପରିବହନ ପାଇଁ ବିପଦ ସୃଷ୍ଟି ହେଉଛି । ଏହା ଜିଲ୍ଲାର ଅର୍ଥନୈତିକ ଗତିବିଧିକୁ ମନ୍ଥର କରିଦେଇଛି । ଫଳରେ ରାସ୍ତା, ସେତୁ ଓ ସରକାରୀ ଭବନ ନିର୍ମାଣ କାର୍ଯ୍ୟ ବନ୍ଦ ପ୍ରାୟ ହୋଇଯାଇଛି । ସେହିପରି ଚାଷ ଓ ସେଚନ ଯନ୍ତ୍ରପାତି ପାଇଁ ଡିଜେଲ ଅଭାବରୁ କୃଷକମାନେ ସଙ୍କଟରେ ପଡ଼ିଛନ୍ତି । ଖଣି ଖାଦାନ ଓ କ୍ରସର ଇଉନିଟ୍ ଗୁଡ଼ିକର ଉତ୍ପାଦନ କାର୍ଯ୍ୟ ବ୍ୟାହତ ହୋଇଛି । ସ୍ଥାନୀୟ କଳକାରଖାନା ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉଦ୍ୟୋଗ ପ୍ରଭାବିତ ହେଉଛି । ଏହି ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଉଦ୍ୟୋଗପତିଗଣ ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ପୁଲିସ ଅଧିକାରୀଙ୍କୁ ଆବେଦନ କରିବେ ବୋଲି ଜଣାପଡ଼ିଛି । ସ୍ଥାନୀୟ ଜନପ୍ରତିନିଧିମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ଉଠାଇବାକୁ ଆହ୍ୱାନ ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଏହି କଟକଣା ଶୀଘ୍ର ପ୍ରତ୍ୟାହାର କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହି ସମସ୍ୟା ସମାଧାନ ନହେଲେ ଜିଲ୍ଲାର ଉନ୍ନୟନ ଗତି ବ୍ୟାପକ ଭାବେ ବାଧାପ୍ରାପ୍ତ ହେବ ବୋଲି ଆଶଙ୍କା କରାଯାଉଛି ।

## ଫୁଲବାଣୀ ମେଡିକାଲ କଲେଜରେ ବୃକ୍ଷରୋପଣ



ଫୁଲବାଣୀ, (ସବ୍ୟୁ) : ବିଶ୍ୱ ପରିବେଶ ଦିବସ ଅବସରରେ ଫୁଲବାଣୀ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଡିନ୍ ଡା. ଦେବ ପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେଡିକାଲ କଲେଜ ପରିସରରେ ପ୍ରାୟ ୧୦୦ଟି ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏମ୍ବିବିଏସ୍ ପ୍ରଥମ ବର୍ଷର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହ କଲେଜର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଡିନ୍ ଡା. ମହାନ୍ତି ନିଜ ବକ୍ତବ୍ୟରେ ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ସୁସ୍ଥ ଓ ସବୁଜ ପରିବେଶ ହିଁ ଆଗାମୀ ପିଢ଼ୀ ପାଇଁ ସର୍ବଶ୍ରେଷ୍ଠ ଉପହାର । ସମସ୍ତେ ମିଳି ମିଶି ଗଛ ଲଗାଇବା ସହ ସେଗୁଡ଼ିକର ଯତ୍ନ ନେଲେ ପରିବେଶ ସନ୍ତୁଳନ ରକ୍ଷା ହେବ । ପରିବେଶ ସନ୍ତୁଳନ ରକ୍ଷା ହେଲେ ମାନବ ସମାଜ ବହୁ ରୋଗବ୍ୟାଧିରୁ ମୁକ୍ତି ପାଇବେ ଓ ଭବିଷ୍ୟତ ପିଢ଼ୀ ଏକ ସୁନ୍ଦର ପୃଥିବୀ ପାଇପାରିବେ । ଶେଷରେ ସମସ୍ତ ଉପସ୍ଥିତ ସଦସ୍ୟ ପରିବେଶ ସୁରକ୍ଷା ପାଇଁ ସଚେତନ ରହିବା ଏବଂ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ସଂକଳ୍ପ ନେଇଥିଲେ ।

### ବିଶ୍ୱ ପରିବେଶ ଦିବସ

## ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞରେ ଯୋଗ ଦେଲେ ସାଂସଦ



ଗଞ୍ଜାମ, (ସବ୍ୟୁ) : ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଗୁରୁଣ୍ଟି ଗ୍ରାମରେ ଅନୁଷ୍ଠିତ ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର କଳଶ ଯାତ୍ରା ଏବଂ ଦୀପ ଯଜ୍ଞରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ପ୍ରାତଃ ୮ଟା ସମୟରେ ଗୁରୁଣ୍ଟି ନୃସିଂହନାଥ ମନ୍ଦିର ନିକଟସ୍ଥ ଯଜ୍ଞ ଶାଳାରେ ଦେବ ଦମ୍ପତି ମାନଙ୍କ ଦ୍ୱାରା ଦେବା ଆବାହନ ଓ ଦେବପୂଜନ ପରେ ନବ କୁଣ୍ଡୀୟ ନବ ଚେତନା ଗାୟତ୍ରୀ ମହାଯଜ୍ଞ ପ୍ରାରମ୍ଭ ହୋଇଥିଲା । ଏହି ଯଜ୍ଞରେ ୪୦ ଜଣ ଦୀକ୍ଷା ଗ୍ରହଣ କରିଥିଲେ । ଓଡ଼ିଶା ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ ମିଶ୍ର ଯଜ୍ଞ ପରିଚାଳନା କରିଥିଲାବେଳେ ସଂଗୀତ ପରିଚାଳନା କରିଥିଲେ କୁମାରୀ ନିବେଦିତା, ଆକାଶ ଏବଂ ସ୍ୱର୍ଣ୍ଣିମ କୁମାର । ଗୁରୁଣ୍ଟି ଗ୍ରାମର ଗାୟତ୍ରୀ ପରିବାର ପରିଜନ ଏବଂ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଏବଂ ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠ ତତ୍ତ୍ୱାବଧାନରେ ଯଜ୍ଞ ସଫଳ ହୋଇଥିବାରୁ ଗାୟତ୍ରୀ ଶକ୍ତିପୀଠର ବ୍ୟବସ୍ଥାପକ ପ୍ରଫୁଲ୍ଲ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଶାନ୍ତି ପାଠ କରିଥିଲେ ।

## ବାଇକ୍ ଚୋରି ରାକେଟ ଠାବ

### ୧୨ ବାଇକ୍ ଜବତ ୩ ଗିରଫ

ଆସିକା, (ସବ୍ୟୁ): ଦକ୍ଷିଣ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରେ ମୋଟର ସାଇକଲ ଚୋରୀ କରୁଥିବା ଏକ ରାକେଟ୍‌କୁ ଆସିକା ପୋଲିସ ଠାବ କରିଛି । ଏଥିରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଟି ଚୋରୀ ଯାଇଥିବା ମୋଟର ସାଇକଲ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଥାନା ଅନ୍ତର୍ଗତ ଗଣ୍ଡପଲ୍ଲି ଗ୍ରାମର ଏ. ସନ୍ତୋଷ, ଡି. ଚିନା ଓ ଠେଙ୍ଗାପଲ୍ଲି ଗ୍ରାମର ପି. ଅଜୟ ବୋଲି ପୋଲିସ ପ୍ରକାଶ କରିଛି । ଶନିବାର ଦିନ ଆସିକା ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଏସଡିପି ଓ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନା ଅଧିକାରୀ ସଞ୍ଜୟକୁମାର ସାହୁ ପ୍ରମୁଖ ଏହି ରାକେଟ ସଂପର୍କରେ ବିଶଦ ସୂଚନା ଦେଇଥିଲେ । ଗତ ସନ୍ଧ୍ୟାରେ ମୋଟର ସାଇକଲର ନମ୍ବର ପ୍ଲେଟ ବଦଳାଇ କିଛି ଯୁବକ ଅପରାଧିକ କାର୍ଯ୍ୟ କରିବାକୁ ଉଦ୍ୟମ କରୁଥିବା ଖବର ପାଇ ପୋଲିସ ଦୁଇଟି ଟିମ୍ ଗଠନ କରି ଅନୁସନ୍ଧାନ ଜାରୀ ରଖିଥିଲେ । ଯାଞ୍ଚ ସମୟରେ ଠେଙ୍ଗା ପଲ୍ଲିଗ୍ରାମର ଏରୋଗୋଲା ବସ୍ତିରୁ ୧୦ ଟି ଚୋରୀ ବାଇକ୍ ଓ ଅଭିଯୁକ୍ତଙ୍କ ୨ ଟି ମୋଟସାଇକେଲ ମୋଟ ୧୨ ଜବତ କରିଥିଲେ । ଗିରଫ ସମସ୍ତଙ୍କୁ ଆସିକା ଥାନାରେ କେସ ନମ୍ବର ୧୧୨ରେ କୋର୍ଟ ଚାଲାଣ କରାଯାଇଛି ।

## ବିଜେଡି ନେତାଙ୍କ ପିତୃବିୟୋଗ



ଛତ୍ରପୁର, (ସବ୍ୟୁ): ବିଜୁ ଜନତା ଦଳର ଯୁବ ନେତା ଭି. ମାଙ୍ଗଲେଶ୍ୱର ରାଓଙ୍କ ପିତା ଛତ୍ରପୁର ରିକାପଲ୍ଲୀ ରେଡ୍ଡୀ ସାହି ନିବାସୀ ଅବସରପ୍ରାପ୍ତ ପିଇଓ ଭି. ଶଙ୍କର ରାଓ ( ୭୫)ଙ୍କ ଆଜି ବିୟୋଗ ଘଟିଛି । ସ୍ୱର୍ଗତ ଭି.ଶଙ୍କର ରାଓ ଜଣେ ଧର୍ମପରାୟଣ, ମେଳାପି, ପରୋପକାରୀ, ବନ୍ଧୁବତ୍ସଳ ଓ ଶାନ୍ତ ସ୍ୱଭାର ବ୍ୟକ୍ତି ଭାବେ ସୁପରିଚିତ ଥିଲେ । ତାଙ୍କର ମୃତ୍ୟୁ ଖବର ଶୁଣି ରେଡ୍ଡୀ ସାହି ସ୍ଥିତ ବାସଭନରେ ଛତ୍ରପୁର ପୌରପରିଷଦର ଉପାଧକ୍ଷ ଜି. ପାପା ରାଓ, ୧୦ ନଂ ଓ୍ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର ରାଜେଶ ସାହୁ ଓ କିଶୋର ଚନ୍ଦ୍ର ସେନାପତି, ସମାଜସେବୀ ଦୀପକ କୁମାର ମୁଦୁଲି, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ନାଗେଶ୍ୱର ରାଓ, ଏନ. ଗିରିଧର ରାଓ, ରବୀନ୍ଦ୍ର ସାହୁ, ବଳିଆ ବେହେରା, ଉମାକାନ୍ତ ରେଡ୍ଡୀ, ଅଟଳ ବିହାରୀ ପଟ୍ଟନାୟକ, ବି. ଗୋପାଳସ୍ୱାମୀ, ମୋହନ ରେଡ୍ଡୀ, ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ କୁମାର ସାମଲ, ଓଡିଶା ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘର ଉପସଭାପତି ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, ଆଇନଜୀବି ଓ ବୁଦ୍ଧିଜୀବି ମାନେ ଉପସ୍ଥିତ ରହି ଶୋକ ସନ୍ତପ ପରିବାରଙ୍କୁ ସମବେଦନା ଜଣାଇଥିଲେ । ତାଙ୍କର ବିୟୋଗରେ ସାରା ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ମୃତ ଶର୍ଯ୍ୟା ନିକଟରେ ତାଙ୍କ ପନି, ପୁଅ, ଝିଅ, ବନ୍ଧୁବାନ୍ଧବ ଏବଂ ବହୁ ଅଂଚଳ ବାସୀମାନେ ଉପସ୍ଥିତ ଥିଲେ । ପାଲିଆ ଛତ୍ରପୁର ସ୍ଥିତ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

# ଏନ୍‌ଜିଟି ନିର୍ଦ୍ଦେଶ ଲଙ୍ଘନ

### ଜେସିବି ମେସିନ୍ ଦ୍ୱାରା ଗଛ କଟା ଓ ପ୍ରମାଣ ନଷ୍ଟ ଅଭିଯୋଗ

ବାରିପଦା, (ସବ୍ୟୁ) : ବାରିପଦାରେ ପ୍ରସ୍ତାବିତ ବସ୍ ଷ୍ଟାଣ୍ଡ ପାଇଁ ଗଛ କଟା ମାମଲାରେ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପୂର୍ବାଞ୍ଚଳ ବେଞ୍ଚ ସମ୍ମୁଖରେ ଚାଲିଥିବା ମାମଲା ମଧ୍ୟରେ ଜେସିବି ମେସିନ୍ ବ୍ୟବହାର କରି ଗଛ କଟା ଏବଂ ପ୍ରମାଣ ନଷ୍ଟ କରାଯାଇଥିବା ଅଭିଯୋଗ ଉଠିଛି । ପ୍ରମୋଦ କୁମାର ହେମ୍ବ୍ରମ୍ ନାମକ ଜଣେ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ ଜିଲ୍ଲାପାଳ, ଡିଭିଜନାଲ ଫରେଷ୍ଟ ଅଫିସର ସମେତ ଅନ୍ୟାନ୍ୟ ଉଚ୍ଚ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ଜୁନ୍ ୫ତାରିଖରେ ଦୁଇଟି ଜେସିବି ମେସିନ୍ ଦ୍ୱାରା ପୂର୍ବରୁ କଟାଯାଇଥିବା ଗଛର ମୂଳ ଉପୁଡ଼ାଇ ଏବଂ ନୂତନ ଗଛ କଟା କରାଯାଇଥିଲା । ଜୁନ୍ ୬ତାରିଖରେ ଆଉ ତିନୋଟି ଜେସିବି ମେସିନ୍ ସ୍ଥଳରେ କାମ କରୁଥିବା ଦେଖାଯାଇଛି । ଏନ୍‌ଜିଟି ଓରିଜିନାଲ ଆପ୍ଲିକେସନ୍ ନମ୍ବର ୨୧୩/୨୦୨୫ରେ ଏହି ମାମଲା ଶୁଣାଣି ହେଉଛି । ମାର୍ଚ୍ଚ ୩୦, ୨୦୨୬ ତାରିଖରେ ଶୁଣାଣି ହୋଇ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବାକୁ ସମୟ ଦିଆଯାଇଥିଲା । ପରବର୍ତ୍ତୀ ଶୁଣାଣି ଜୁଲାଇ ୭, ୨୦୨୬ ତାରିଖରେ ନିର୍ଦ୍ଧାରିତ ରହିଛି । ଏହି ସମୟ ମଧ୍ୟରେ ଏପରି କାର୍ଯ୍ୟକଳାପ ଜାରି ରହିବା ଏନ୍‌ଜିଟି ନିର୍ଦ୍ଦେଶର ସ୍ପଷ୍ଟ ଲଙ୍ଘନ ବୋଲି ଅଭିଯୋଗ ହୋଇଛି । ଅଭିଯୋଗକାରୀ ଜେସିବି ମେସିନ୍ କାମ କରୁଥିବା ସ୍ଥଳର ଫଟୋ ସହିତ ଜିପିଏସ୍ ଲୋକେସନ୍ ପ୍ରଦାନ କରିଛନ୍ତି । ଫଟୋରେ ସ୍ପଷ୍ଟ ଭାବେ ଦୁଇଟି ଜେସିବି ଏବଂ ଉପୁଡ଼ା ଯାଇଥିବା ଗଛ ମୂଳ ଦେଖାଯାଉଛି । ଅଭିଯୋଗକାରୀ ପ୍ରମୋଦ କୁମାର ହେମ୍ବ୍ରମ୍ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ଯେ, ଏନ୍‌ଜିଟି ଶୁଣାଣି ପୂର୍ବରୁ ଏହି କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରିବାକୁ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ । ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ପରିବେଶ ପ୍ରେମୀମାନେ ଏହାକୁ ଗମ୍ଭୀର ପରିବେଶ ଅପରାଧ ବୋଲି କହୁଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ବନ ବିଭାଗରୁ ଏ ବାବଦରେ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିନାହିଁ ।

# ଚୋରି ସୁନା ଫେରାଇଲା ପୋଲିସ

### ପୂର୍ବରୁ ୫ ଲୁଟେରା ହୋଇଥିଲେ ଗିରଫ

ବ୍ରହ୍ମପୁର: (ସବ୍ୟୁ): ବ୍ରହ୍ମପୁର ପୋଲିସ ଛିନତାଇଙ୍କ ଠାରୁ ଜବତ ହୋଇଥିବା ପ୍ରାୟ ୮୦.୪୦ ଗ୍ରାମ ଓଜନର ୭ଟି ସୁନା ଚେନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରାଇଛି । ଏହି ଘଟଣାରେ ପୂର୍ବରୁ ୫ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଦୁଇଟି ମୋଟରସାଇକେଲ ସହ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା । ୨୦୨୪ ରୁ ୨୦୨୬ ମଧ୍ୟରେ ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚେନ୍ ଛିନତାଇ ଓ ଲୁଟ୍ ଘଟଣାର ତଦନ୍ତ ପରେ ପୋଲିସ ଏହି ସଫଳତା ହାସଲ କରିଥିଲା । ପୋଲିସ ଛିନତାଇ ଗ୍ୟାଙ୍ଗର ମୁଖ୍ୟ ସୁନୀଲ ନାହାକ ଗୋଳନ୍ଥରା ଥାନା ଅଞ୍ଚଳରେ ପୋଲିସ ଗୁଳି ବିନିମୟରେ ଆହତ ହୋଇଥିଲେ । ସେହି ସମୟରେ ଅନ୍ୟ ସହଯୋଗୀ ବାବୁ ମାଝୀଙ୍କ ସହିତ ମିଶି ୨୦୨୪ ରୁ ୨୦୨୬ ମଧ୍ୟରେ ଅନେକ ଚେନ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲା । ଦୁହିଁଙ୍କୁ ଅଧିକ ଜେରା କରିବା ପରେ ପ୍ରଭାକର ମୁଦୁଲି, ମଧୁସୂଦନ ବେହେରା ଓରଫ୍ ମଧୁ ଏବଂ ଚୋରି ସୁନା କିଣିଥିବା ବିଶ୍ୱନାଥ ନାୟକକୁ ପୋଲିସ ଗିରଫ କରିଥିଲା । ସେମାନଙ୍କ ନିକଟରୁ ୮୦.୪୦ ଗ୍ରାମ ଓଜନର ୭ଟି ସୁନା ଚେନ ସମେତ ଦୁଇଟି ଦୁଇ ଚକିଆ ଯାନ, ତିନୋଟି ମୋବାଇଲ ଜବତ କରିଥିଲା । ଏହି ଛିନତାଇ ଟିମ୍ ଦୀର୍ଘଦିନ ଧରି ନିମଖଣ୍ଡି ଥାନା ଅଞ୍ଚଳର ବ୍ରଜନଗର ୩ୟ ଲାଇନ, ଶକ୍ତିନଗର ୨ୟ ଲାଇନ ଏକ୍ସଟେନ୍ସନ, ଗୋବିନ୍ଦ ବିହାର ୮ମ ଲାଇନ ଏବଂ ବାସୁଦେବ ନଗର ୧ମ ଲାଇନ ସହିତ ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କସନ, ଅମ୍ବାପୁଆ ଇନକମ୍ ଟ୍ୟାକ୍ସ ଅଫିସ ଛକ ଓ ଅମ୍ବାପୁଆ ମୁଖ୍ୟ ରାସ୍ତା ଅଞ୍ଚଳରେ ସଂଗଠିତ ଭାବେ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲେ ବୋଲି ପୁଲିସ କହିଛି । ପୁଲିସ ଏହି ଛିନତାଇ ଗ୍ୟାଙ୍ଗ ଠାରୁ ଜବତ କରିଥିବା ସୁନାକୁ ପ୍ରକୃତ ମାଲିକଙ୍କୁ ଉପଯୁକ୍ତ ପ୍ରମାଣ ଏବଂ ଅଭିଯୋଗକୁ ଯାଞ୍ଚ କରିବା ପରେ ହସ୍ତାନ୍ତର କରିଛି । ଏହି ମାମଲାର ତଦନ୍ତ ନିମଖଣ୍ଡି ଥାନାର ଅଧିକାରୀ କୃଷ୍ଣ ସାହୁଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଇଥିଲା ।

### କନଷ୍ଟେବଲଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ହତ୍ୟା ଉଦ୍ୟମ ଆଣିଲେ ପରିବାର ଲୋକ

ବ୍ରହ୍ମପୁର, (ସବ୍ୟୁ) : ପୋଲିସ ଦମ୍ପତ୍ତିଙ୍କ ଘରୋଇ କଳିରୁ ଏକ କରୁଣ ଦୃଶ୍ୟ ସାମନାକୁ ଆସିଛି । ଶୁକ୍ରବାର ରାତ୍ର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁରରେ ଥିବା ପୋଲିସ କ୍ୱାର୍ଟରରେ ରହୁଥିବା କନଷ୍ଟେବଲ ଆଶୁତୋଷ ମୃଦଙ୍ଗୟା (୩୧)ଆତ୍ମହୁତି ଉଦ୍ୟମ କରିଛନ୍ତି । କିନ୍ତୁ ତାଙ୍କ ମା ଓ ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ତାଙ୍କ ସ୍ତ୍ରୀ ଓ ଶଳା ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି । ଅନ୍ୟପଟେ ଅଶୁତୋଷଙ୍କ ଭଉଣୀ ନିବେଦିତାଙ୍କ ଅଭିଯୋଗ ଆଧାରରେ ଟାଉନ ଥାନା ପୋଲିସ ୨୪୭/୨୬ ରେ ଏକ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ କରାଯାଉଛି ବୋଲି ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ଗତକାଲି ରାତ୍ର ଘଟଣାରେ ଗୁରୁତରଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଟିମ ଅଫ ଡାକ୍ତର (ଡାକ୍ତରଦଳ) ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ । ତାଙ୍କ ଶରୀରର ଶତକଡା ୭୫ ଭାଗ ପୋଡି ଯାଇଥିବା ଏମକେସିଜି ଅଧିକ୍ଷକ ପ୍ରଫେସର ଡା. ସୁଦୀପା ଦାଶ କହିଛନ୍ତି । ପୋଲିସ ଓ ଡାକ୍ତରଙ୍କ ଉପସ୍ଥିତିରେ ତାଙ୍କର ଜମାନ ବନ୍ଦୀ ନିଆଯାଇଛି । ତାଙ୍କ ଉପରେ ନିଜର ସ୍ତ୍ରୀ ଓ ଶଳା ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବା ଗୁରୁତର ଜଣଙ୍କ କହିଥିବା ଜଣାପଡିଛି । ଘଟଣା ଜଣାପଡିବା ପରେ ବ୍ରହ୍ମପୁର ଏସପି ଡା.ସର୍ଣା ବିବେକ ଏମ. ଘଟଣା ସ୍ଥଳ ଓ ଏମକେସିଜି ଯାଇ ଗୁରୁତରଙ୍କୁ ଭେଟିଛନ୍ତି । ପୋଲିସ ଏବେ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି । ଗୁରୁତାରଙ୍କ ସ୍ତ୍ରୀ'ସନ୍ଧ୍ୟା ନାୟକ ମଧ୍ୟ ଜଣେ କନେଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି । ଘଟଣା ସ୍ଥଳରୁ ପୋଲିସ ଓ ସାଇଣ୍ଟିଫିକ ଟିମ ଜବତ ସାମଗ୍ରୀକୁ ତଦନ୍ତ କରୁଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର କଳ୍ପନାଜଳ୍ପନା ଚାଲିଛି । ଅନ୍ୟପରେ ଗୁରୁତାରଙ୍କ ମା'ଏମକେସିଜି ମେଡିକାଲରେ ପହଞ୍ଚି ମୋ ପୁଅକୁ ତାରି ସ୍ତ୍ରୀ'ଓ ସମ୍ପର୍କୀୟ ମାନେ ପେଟ୍ରୋଲ ପକାଇ ନିଆଁ ଲଗାଇ ହତ୍ୟା ଉଦ୍ୟମ ଭଳି ହୀନ ଉଦ୍ୟମ କରିଛନ୍ତି । ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ଆଶୁତୋଷ ୨୦୨୫ ଫେବୃଆରୀ ମାସରେ ସନ୍ଧ୍ୟା ନାୟକ(୩୨)ଙ୍କୁ ପ୍ରେମ ବିବାହ କରିଥିଲେ । ବିଜିପୁର ପୋଲିସ କ୍ୱାର୍ଟରରେ ସେମାନେ ରହୁଥିଲେ । ସନ୍ଧ୍ୟାଙ୍କୁ ଅଧିକ ଯୌତୁକ ଦାବି ସହ ହତ୍ୟା ଉଦ୍ୟମ ଅଭିଯୋଗରେ ମହିଳା ପୋଲିସ ୪୯/୨୬ ରେ ଆଶୁତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ଜମିନରେ ମୁକୁଳିଥିଲେ । ଶୁକ୍ରବାର ରାତ୍ରରେ ସେ କନେଷ୍ଟେବଲ ସନ୍ଧ୍ୟା ନାୟକଙ୍କ କ୍ୱାର୍ଟରକୁ ଯାଇଥିଲେ । କୌଣସି ଘରୋଇ କଳିକୁ କେନ୍ଦ୍ରକରି ଉକ୍ତ କ୍ୱାର୍ଟର ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମହୁତି ଉଦ୍ୟମ କରିଥିଲେ । ସେ ଜଳୁଥିବା ଅବସ୍ଥାରେ ସିଡି ରାସ୍ତାରେ ତଳକୁ ଓହ୍ଲାଇ ଥିବା ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଥିଲା । ସେ ନିଜ ଜୀବନ ବଞ୍ଚାଇବା ପାଇଁ ଜଣେ ପୋଲିସ ହାବିଲଦାର ଗୋପାଳ ନାୟକଙ୍କ ଘରେ ପଶିଯାଇଥିଲେ । ଫଳରେ ଗୋପାଳଙ୍କ ଘରର ଆସବାବପତ୍ର ସହ ତାଙ୍କ ହାତ ପୋଡ଼ିଯାଇଛି । ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କିଛି ପୋଲିସ ଏବଂ କଲୋନୀ ଲୋକ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଛନ୍ତି । ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ବୃକ୍ଷରୋପଣ କରି ବିଶ୍ୱ ପରିବେଶ ଦିବସ ପାଳିଲା ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍(ଟିପିଏସ୍ଓଡିଏଲ୍) ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଗୋପାଳପୁର ସ୍ଥିତ ଜେଏନ୍ ଟାଟା ଟେକ୍ନିକାଲ୍ ଇନଷ୍ଟିଚ୍ୟୁଟ୍ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ କର୍ମଚାରୀ ତଥା ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ସବୁଜ ପୃଥିବୀ ଗଠନ ଦିଗରେ କମ୍ପାନୀର ଏହି ସାମୂହିକ ଉଦ୍ଦେଶ୍ୟକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଟାଟା ସଷ୍ଟେନେବିଲିଟି ମାସ ୨୦୨୬କୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଛି, ଯାହାର ଥିମ୍ ରହିଛି- ଥିଙ୍କିଂ ଇଜ୍ ଗୁଡ୍, ଡୁଇଂ ଇଜ୍ ବେଟର୍ । ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସାମଗ୍ରିକ ଭାବେ ପରିବେଶ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ସହ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବ୍ୟକ୍ତିଗତ ଜୀବନରେ କିପରି ସବୁଜ ପୃଥିବୀ ଗଠନର ବାର୍ତ୍ତାବାହ ସାଜିବେ ସେନେଇ ସଚେତନ କରାଇବ ପ୍ରତିବର୍ଷ ଜୁନ ୫ ତାରିଖରେ ସାରା ବିଶ୍ୱ, ବିଶ୍ୱ ପରିବେଶ ଦିବସ ପାଳନ କରେ । ଚଳିତବର୍ଷ ଏହାର ବିଷୟବସ୍ତୁ ରହିଛି -ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଏକ ସାମଗ୍ରିକ ପ୍ରୟାସର ଆବଶ୍ୟକତାକୁ ଅନୁଭବ କରି ଟିପିଏସ୍ଓଡିଏଲ୍ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ ପରିବେଶ ସଂରକ୍ଷଣ ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଟାଟା ଗ୍ରୁପ୍ ନିଜ ଦୃଢ଼ ପ୍ରତିବଦ୍ଧତା ଦେଖାଉଛି । ନିଜ କର୍ମଚାରୀ ତଥା ଉପଭୋକ୍ତା ସଂପ୍ରଦାୟଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟ



ଟାଟା ସଷ୍ଟେନେବିଲିଟି ମାସ ପାଳନ କରିଆସୁଅଛି । କମ୍ପାନୀ ପକ୍ଷରୁ ଏହି ମାସରେ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କିତ ସଚେତନତା ଅଧିବେଶନ, ବେଳାଭୂମି ସଫେଇ ଅଭିଯାନ, ବୃକ୍ଷରୋପଣ ତଥା ଅନ୍ୟାନ୍ୟ ପରିବେଶ ସଂରକ୍ଷଣ କରୁଛି ଟିପିଏସ୍ଓଡିଏଲର ଏହି ବୃକ୍ଷରୋପଣ ଅଭିଯାନ ବିଭିନ୍ନ ଜିଲ୍ଲାରେ ଥିବା କାର୍ଯ୍ୟାଳୟ ଗୁଡ଼ିକରେ ମଧ୍ୟ ଅନୁଷ୍ଠିତ ହୋଇଛି, ଯେଉଁଥିରେ କମ୍ପାନୀର କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ।

# ଶିକାରୀ ଗିରଫ:୧୨ କେଜି କୁଟୁରା ମାଂସ ଜବତ

ଢେଙ୍କାନାଳ/କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଦଣ୍ଡାଧର -ବୁଢିବିଲି ପୂର୍ତ୍ତବିଭାଗ ରାସ୍ତାରୁ ଚୋରାରେ ଜନ୍ତୁ ମାଂସ ନେଉଥିବା ଶିକାରୀକୁ ବନବିଭାଗ କୌଶଳକ୍ରମେ ଗିରଫ କରିଛି । କଙ୍କଡାହାଡ଼ ଥାନା ବୁଢିବିଲି ଗ୍ରାମର ନୃସିଂହ ହାଁସଦା ଏହି ମାଂସ ନେଉଥିବା ବେଳେ ବନବିଭାଗ ହାତରେ ଧରାପଡିଛନ୍ତି । ସୂଚନା ଅନୁସାରେ ନୃସିଂହ ଦଣ୍ଡାଧର ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରେ ସବୁବେଳେ ଜନ୍ତୁ ଶିକାର କରି ବିଭିନ୍ନ ସ୍ଥାନକୁ ଚୋରାରେ ମାଂସ ରପ୍ତାନି କରିଥାଏ ।ଗତକାଲି ସଂଧ୍ୟାରେ ନୃସିଂହ ଏକ କୁଟୁରାକୁ ମାରି ତା ମାଂସକୁ କାଟି ଚୋରାରେ



ଏକ ବାଇକ ଯୋଗେ କଙ୍କଡାହାଡ଼ ଅଭିମୁଖେ ଆସୁଥିବା ବେଳେ ଦଣ୍ଡାଧର -ବୁଢିବିଲି ରାସ୍ତାରୁ ବାଇକ ସହ ଚୋରା କୁଟୁରା ମାଂସକୁ ଜବତ କରାଯାଇଛି । ନୃସିଂହ ନିକଟରୁ ୧୨ କିଲୋ ୫୦୦ ଗ୍ରାମ କୁଟୁରା ମାଂସ ଜବତ ହୋଇଥିବା ବେଳେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଘୋଡା ନାଚରେ ଏସ ଆଇ ଆର ସଚେତନତା

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ତରଫରୁ ଭୋଟ ର ତାଲିକା ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଗାନ୍ଧୀ ପାର୍କ ଛକ ନିକଟରେ ଘୋଡା ନାଚ ଜରିଆ ରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ତହସିଲଦାର ପ୍ରସନ୍ନ ଟେଟେ, ସହକାରୀ ଜିଲ୍ଲାପାଳ ଡ଼ଃ ବିଶ୍ୱଜ୍ୟୋତି ମହାନ୍ତି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ, ସହକାରୀ ଜିଲ୍ଲାପାଳ ସୋମ୍ୟ ରଞ୍ଜନ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କଳାକାର ଶ୍ରୀକାନ୍ତ ମାହାର ଙ୍କ ନେତୃତ୍ୱ ରେ ଘୋଡା ନାଚ କରା ଯାଇଥିଲା।

## ଝାନ୍‌ସୀରେ ନାବାଳିକାଙ୍କୁ ବିକ୍ରୀ ଓ ଯୌନ ନିର୍ଯାତନା ଘଟଣା

# ନାବାଳିକାକୁ ଲକ୍ଷେ ଟଙ୍କାରେ କିଣିଥିବା ଅଭିଯୁକ୍ତ ଝାନ୍‌ସୀରୁ ଗିରଫ

କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ନାବାଳିକାକୁ ଉତ୍ତରପ୍ରଦେଶର ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣାରେ ନାବାଳିକା ଜଣକୁ ଲକ୍ଷେ ଟଙ୍କାରେ କିଣିଥିବା ଅଭିଯୁକ୍ତକୁ ଉତ୍ତର ପ୍ରଦେଶର ଝାନ୍ସି ଜିଲ୍ଲା ଇରେଜ ଥାନା ଅନ୍ତର୍ଗତ ପଠା ଗ୍ରାମରୁ ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁସାରେ କାମାକ୍ଷାନଗରର ଜଣେ ନାବାଳିକା ରୋଗଗ୍ରସ୍ତ ମାଆର ଚିକିତ୍ସା ନିମନ୍ତେ ଅର୍ଥ ରୋଜଗାର କରିବାକୁ ଜଣେ ପରିଚିତ ବ୍ୟକ୍ତିଙ୍କ ପରାମର୍ଶରେ ଭୁବନେଶ୍ୱର ଆସିଥିଲେ । କିଛି ଅର୍ଥ ରୋଜଗାର କରି ମାକୁ ଭଲକରିବା ପାଇଁ ବିଶ୍ୱାସ ରଖିବା ସହିତ ପରିଚିତ ବ୍ୟକ୍ତିଙ୍କ ସହଯୋଗରେ ଭୁବନେଶ୍ୱର ଆସିଥିଲେ କିନ୍ତୁ ସେଠାରେ ପହଂଚିବା ପରେ ସବୁକିଛି ଆଶା ଭରସା ଭାଙ୍ଗି ଯାଇଥିଲା । ପରିଚିତ ଲୋକ ଜଣଙ୍କ ତାଙ୍କୁ ଭୁବନେଶ୍ୱରରୁ ସିଧା ଉତ୍ତରପ୍ରଦେଶର ଝାନ୍ସିକୁ ଲକ୍ଷେ ଟଙ୍କାରେ ବିକ୍ରି କରିଦେଇଥିଲା ।ସେଠାରେ କିଣିଥିବା ଲୋକ



ତିନିମାସ ଧରି ଶାରିରିକ ସମ୍ପର୍କ ରଖିବା ପରେ ଗର୍ଭବତୀ ହେବାରୁ ଗର୍ଭନଷ୍ଟ କରାଇ ଆଉ ଜଣକୁ ପଚାଶ ହଜାର ଟଙ୍କାରେ ବିକି ଦେଇଥିଲେ । ସେଠାରେ ମଧ୍ୟ ଯୌନ ନିର୍ଯାତନା ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଭୋଗିବା ପରେ ବହୁକଷ୍ଟରେ ସେଠାରୁ ଖସିଆସିଥିଲେ । ସେଠାରୁ ଆସି ଗତ ୨୩ ତାରିଖ ଦିନ କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ନାବାଳିକା ବୟାନରୁ ଲୋମହର୍ଷଣ କାରୀ ଘଟଣା ଜଣାପଡିଥିଲା । ବାରମ୍ବାର ଯୌନ ରାକ୍ଷସଙ୍କ ନିକଟରେ ବିକ୍ରି ଓ ଯୌନ ନିର୍ଯାତନା ପାଇବା ପରେ ଅଧାରାତିରେ ବହୁ କଷ୍ଟରେ ଖସି କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଦାବି କରିଥିଲେ । କାମାକ୍ଷାନଗର ଥାନାରେ ୩୫୪/୨୬ ନମ୍ବରରେ ଏକ କେସ ରୁଜୁ ହୋଇଥିବା ବେଳେ କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା ତୁରନ୍ତ ଆସାମୀଙ୍କୁ ଧରିବା ପାଇଁ ପୋଲିସ ପଦକ୍ଷେପ ନେଇଥିଲେ । ସେଠାରେ ନାବାଳିକାକୁ ଦୁଇବର୍ଷ ଧରି ଯୌନ ନିର୍ଯାତନା ଦିଆଯାଇଥିବା ବେଳେ ବାରମ୍ବାର ବିକ୍ରି କରାଯାଇଥିଲା ।ଅଭିଯୋଗ ଆଧାରରେ କାମାକ୍ଷାନଗର ପୋଲିସ ଘଟଣାର ତଦନ୍ତ କରି ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ନାବାଳିକାକୁ ଝାନ୍ସିରେ ବିକିଥିବା ସମ୍ପର୍କୀୟ ବିନୋଦ ପାତ୍ରକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳରୁ ପୋଲିସ ଗିରଫ କରିଥିବା ବେଳେ ନାବାଳିକାକୁ ଲକ୍ଷେ ଟଙ୍କାରେ କିଣିଥିବା ଚନ୍ଦ୍ରକାନ୍ତାଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଛି ।

# ତାଳଚେର ସାପ୍ତାହିକ ହାଟରୁ ବାଇକ ଚୋରି

ତାଳଚେର, (ସବ୍ୟୁ) :ତାଳଚେର ସାପ୍ତାହିକ ଶନିବାର ହାଟରେ ପୋଲିସ ମୁତୟନ ହୋଇଥିଲେ ମଧ୍ୟ ସେଠାରୁ ବାରମ୍ବାର ବାଇକ ,ମୋବାଇଲ ଇତ୍ୟାଦି ଚୋରୀ ହେବା ଘଟଣା ଉଦବେଗଜନକ ବିଷୟ ହୋଇଛି ।

ଘଟଣାରୁ ପ୍ରକାଶ, ତାଳଚେର ପୌରପରିଷଦ ଓ୍ୱାର୍ଡ଼-୩ ଅମଲାପଡ଼ା ସାହିର ମହେଶ୍ୱର କୁଅଁର ତାଙ୍କ ବାଇକ ନଂ- ଓଡ଼ି୩୫ବି- ୬୪୮୫, ନୀଳରଙ୍ଗର ହିରୋହୋଣ୍ଡା ଶନିବାର ହାଟସ୍ଥିତ ଏଲଆଇସି ଅଫିସ୍ ନିକଟରେ ଠିଆକରି ପରିବା କିଣି ଫେରିଲାପରେ ଦେଖନ୍ତିତ ସେହି ସ୍ଥାନରେ ତାଙ୍କର ଆଉ ବାଇକଟି ନାହିଁ । ସେ ବହୁ ଖୋଜାଖୋଜି କରିବାପରେ ବାଧହୋଇ ତାଳଚେର ଟାଉନଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

# ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ପୋଲିସ ବାବୁଙ୍କୁ ପଡ଼ିଲା ମହଙ୍ଗା

ତାଳଚେର, (ସବ୍ୟୁ) :ତାଳଚେରର ଜଣେ ପ୍ରଭାବଶାଳି ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଦେହରେ ହାତମାରିବା ଟାଉନଥାନାରେ କାର୍ଯ୍ୟରତ ସବଇନ୍ସପେକଫ ପୋଲିସ୍ ବାବୁଙ୍କୁ ପଡ଼ିଲା ମହଙ୍ଗା । ଏହି ବାବୁ ଜଣକ ପୂର୍ବରୁ ସାଧାପୋଷାକରେ ରହି ବିଭିନ୍ନ ସ୍ଥାନକୁ ଯାଇ ନିଜର ପୋଲିସର ଡ଼ରଦେଖାଇ ଦବଙ୍ଗଗିରି ଜାହିର କରି ନିଜର ସ୍ୱାର୍ଥ ହାସଲ କରୁଥିଲେ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ତେବେ ଶେଷରେ ତାଳଚେରରେ ଏକ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତମାରି ଗାଳିଗୁଲଜ କରିବା ଯୋଗୁଁ ତାଙ୍କୁ ଅନୁଗୋଳ ଆରଓ ଅଫିସକୁ ବଦଳି କରାଯାଇଥିବା ସୋସିଆଲ ମିଡ଼ିଆରେ ଘୂରି ବୁଲୁଥିବା ଚର୍ଚ୍ଚାର ମୁଖ୍ୟବିଷୟ ହୋଇଛି । ତେବେ ବାବୁଙ୍କର ସ୍ଥାବର ଅବସ୍ଥାବର ସମ୍ପତି ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ବାଲ୍ୟବିବାହ ମୁକ୍ତ କର୍ମଶାଳା

ଅନୁଗୋଳ,(ସବ୍ୟୁ) :୨୦୩୦ ମସିହା ସୁଦ୍ଧା ଅନୁଗୋଳ ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଏକ ବୃହତ ରଣନୀତି ପ୍ରସ୍ତୁତ ହୋଇଛି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଅନୁଗୋଳ ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂୟୁନିସେଫର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ 'ବ୍ଲାକ ଡାଇମଣ୍ଡ'ଠାରେ ଏକ ଜିଲ୍ଲା ସ୍ତରୀୟ ରଣନୀତିମୂଳକ କାର୍ଯ୍ୟଯୋଜନା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କିଶୋରୀଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଉପରେ ଗୁରୁତ୍ୱ



ଦେଇଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ଅଦ୍ୱିକା' କାର୍ଯ୍ୟକ୍ରମ ପରି ଯୋଜନା ବିଷୟରେ କହି ଲୋକଙ୍କୁ ସଚେତନ ହେବାକୁ କହିଥିଲେ ।ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଜିଲ୍ଲା କାର୍ଯ୍ୟଯୋଜନାର ଲକ୍ଷ୍ୟ, ବିଭିନ୍ନ ବିଭାଗର ଦାୟିତ୍ୱ, ନିରୀକ୍ଷଣ-ରିପୋର୍ଟିଂ ପ୍ରଣାଳୀ ଏବଂ ସମନ୍ୱୟ ରକ୍ଷା ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରା, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦେବ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାମନ୍ତରାୟ ,ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ସ୍ଥାନୀୟ ପୋଲିସ ଅଧିକାରୀ, ସମସ୍ତ ସିଡିପିଓ , ସୁପରଭାଇଜର, କିଶୋରୀ ବାଳିକା ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସର୍ବଶେଷରେୟୁନିସେଫ ଜିଲ୍ଲା ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାରାଣୀ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଡହୁଲା ଚଷା ପୁଞ୍ଜିର ବୈଠକ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡାର ନୁନୁକାପସି ଗ୍ରାମ ଆମ୍ବତୋଟା ପରିସରରେ ଶୁକ୍ରବାର ଦିନ ବଡହୁଲା ଚଷା ପୁଞ୍ଜି ର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୈତାରୀ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ରେ ବେଣୁଧର ଦେହୁରି , ନବ କିଶୋର ସାହୁ , ଗୋବର୍ଦ୍ଧନ ସାହୁ , ଲକ୍ଷ୍ମଣ ସାହୁ , ପ୍ରଦୀପ ସାହୁ , ସୁରେଶ ଚନ୍ଦ୍ର ସାହୁ , ଗୌର ହର ସାହୁ , ସୁଦାମ ଚରଣ ପ୍ରଧାନ , ଙ୍କ ସମେତ ୧୫ ଖଣ୍ଡର ସଦସ୍ୟ ମାନେ ଯୋଗ ଦେଇଥିଲେ । ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏପରିକି ଆଗକୁ କିପରି ଚଷା ଭାଇମାନେ ଭଲ ଫସଲ କରିବେ ସେ ନେଇ ଆଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କର ସମସ୍ତ ସହାୟତା କିପରି ଚାଷୀମାନେ ପାଇବେ ସେ ନେଇ ଉଦ୍ୟମ କରାଯିବ ବୋଲି ଚଷା ଭାଇମାନେ ମତ ପ୍ରକାଶ କରିଥିଲେ । ଏଥିସହ ବଇଣ୍ଡା , ଗାଁ ବଇଣ୍ଡା , ବଡହୁଲା , ଜାମୁନାଳି ହାଇସ୍କୁଲ ଗୁଡିକ ର ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ଛାତ୍ର ଙ୍କୁ ପୁଞ୍ଜି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଧିତ କରାଯାଇଥିଲା । ଏଥିରେ ଭୀଷ୍ମ ଦେହୁରି , ପ୍ରକାଶ ପ୍ରଧାନ , ନାୟରଣ ପ୍ରଧାନ , ବାବୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ସୁଖ ହେଉ କି ଦୁଃଖ, ପ୍ରତ୍ୟେକ ସମୟରେ ସାହା ଭରସା ପାଲଟିଛନ୍ତି ଡ଼ୋରା ବାବୁ

ତାଳଚେର,(ସବ୍ୟୁ) : ଯାହାର କେହି ସାହା ଭରଷା ନଥାନ୍ତି ପ୍ରତ୍ୟେକ ବିପଦ ସମୟରେ ବିନା ଡ଼କରାରେ ଉପସ୍ଥିତ ହୋଇଯାଆନ୍ତି, ତାଳଚେର ପୌରାଂଚଳର ୱାର୍ଡ଼ ନଂ-୩ର ଡ଼ୋରାବାବୁ । ସେ ଏପରି ଏକ ନିଆରା ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ଥାନରେ ତାଙ୍କର ଉପସ୍ଥିତି ଯାହିର କରେକି ସେ ଜଣେ ପ୍ରକୃତରେ ବନ୍ଧୁ ଦେଖିବାକୁ ସାଧାସିଧା ସରଳ ଆମାୟିକ ବ୍ୟକ୍ତିତ୍ୱ । ତାଳଚେର ପୌରପରିଷଦ ଓ୍ୱାର୍ଡ଼ ନଂ-୩ ପାଇକସାହି ଅଂଚଳର ବାସୀନ୍ଦା ବିଶ୍ୱନାଥ ବର୍ମା ଓରଫ ଡ଼ୋରା ନାମରେ ପରିଚିତ । ମାଙ୍ଗଳିକ କାର୍ଯ୍ୟ ହେଉ କି ଶ୍ମଶାନରେ ଶବ ପୋଡ଼ିବା ଭଳି ସମ୍ବେଦନଶୀଳ ଘଟଣା ହେଉ, ଅଂଚଳର ଯେ କୌଣସି ପରିବାର ହୁଅନ୍ତୁ ନା କହିଁକି ସେ ବିନା ଡ଼କରା ଓ ଦ୍ୱିଧାରେ ଘର ସମ୍ମୁଖରେ ଉପସ୍ଥିତ ହୋଇଯାଆନ୍ତି । ଏପରିକ ଅନେକ କିଛି ଦୃଷ୍ଟାନ୍ତ ମଧ୍ୟ ରହିଛି, ଜାତି, ଅଜାତି ତାଙ୍କ ପକ୍ଷେ ସର୍ଭିଏ ସମାନ ବୋଲି ସେ ପ୍ରାୟ ସମୟରେ ବାର୍ତାଳାପ କରନ୍ତି । ଅନେକ ସମୟରେ କୌଣସି ପରିବାରର ଯଦି କେହି ସାହା ଭରଷା ନଥାନ୍ତି ତେବେ ତାଙ୍କ ପରିବାରକୁ ସାହାଯ୍ୟ ସହଯୋଗ କରିବାରେ କେବେ ପଛଘୁଂଚା ଦେଇନଥାନ୍ତି । ସେ ତାଙ୍କ ଜୀବନ କାଳ ମଧ୍ୟରେ ଦିବା ହେଉ କିମ୍ବା ରାତ୍ରୀ ସମୟରେ ହେଉ ଅଂଚଳରେ କିଏ ଯଦି ଶେଷ ନିଶ୍ୱାସ ତ୍ୟାଗ କରେ ତେବେ ସେଠାରେ ପଂହଚି ଶବସତ୍କାର ଓ ଶବଦାହ କରିବା କାର୍ଯ୍ୟ ଆୟୋଜନ କରି ନିଜକୁ ଏକ ଚର୍ଚ୍ଚିତ ଚେହେରା ପରିଣତ କରିପାରିଛନ୍ତି ବିଶ୍ୱନାଥ ବର୍ମା ଓରଫ ଡ଼ୋରା ବାବୁ । ଏପରିକି, କରୋନା ସମୟରେ କଟକଣା ରହିଥିଲେ ମଧ୍ୟ ଏହାକୁ ଖାତିର ନକରି ଶବଦାହ କାର୍ଯ୍ୟ ତୁଲାଇଥାନ୍ତି । ତାଙ୍କ ଜୀବନକାଳ ମଧ୍ୟରେ ପାଖାପାଖି ଆଜି ପର୍ଯ୍ୟନ୍ତ ପ୍ରାୟ ୧୫ଶହ ଶବ ସତ୍କାର କରିଥିବା ସେ ଏହା ପ୍ରକାଶ କରିଛନ୍ତି । ଆକଫିଭ ମିଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଏସମ୍ପର୍କରେ ତାଙ୍କର ମତାମତ ନିଆଯିବା ପରେ ସେ କୁହନ୍ତି କି, ଏହା ମୁଁ କରୁନି, ଯାହା ହେଉଛି ଭଗବାନଙ୍କ ନିର୍ଦ୍ଦେଶରେ ଚାଲିଛି । ମୁଁ ବାଛବିଚାର ନକରି ଶବ



ପାଖରେ ପଂହଚି ଯାଇଥାଏ । ସେହି ସମୟରେ ଭଗବାନଙ୍କ କରୁଣାକରୁ ସତେ ଯେପରି କୌଣସି ଆଲୌକିକ ଶକ୍ତି ସେହି ସ୍ଥାନରେ ପଂହଚାଇଲା ଭଳି ମନେ ହୋଇଥାଏ । ମୁଁ ଏପରି କାର୍ଯ୍ୟ କରି ବହୁତ ଶାନ୍ତି ଅନୁଭବ କରେ । ତେଣୁ ସେ ଏହି କାର୍ଯ୍ୟକରି ପ୍ରତ୍ୟେକ ସ୍ଥାନରେ ଲୋକଙ୍କର ପ୍ରିୟପାତ୍ର ହୋଇପାରିଥିବା ବେଳେ ଆହୁରି ମଧ୍ୟ ତାଳଚେର ପ୍ରସିଦ୍ଧ ରଥଯାତ୍ରାରେ ରଥନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ବେଶ ଆନନ୍ଦିତ ଲାଭ କରିଥାନ୍ତି ।

# ହିଙ୍ଗୁଳା ପୀଠରେ ହେବ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋର ପ୍ରତିଯୋଗିତା

ସାଉଥବଲଣ୍ଡ, (ସବ୍ୟୁ) : ପବିତ୍ର ରଜ ସଂକ୍ରାନ୍ତି ପାଳନ ଅବସରରେ ତାଳଚେରରଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ' ପକ୍ଷରୁ ୧୪ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋର ପ୍ରତିଯୋଗିତା ଅନୁଷ୍ଠିତ ହେବା ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଚଳିତମାସ ୧୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅତିବଡ଼ୀ ଜଗନ୍ନାଥ ଦାସକୃତ ଶ୍ରୀମଦ୍ ଭାଗବତରୁ ସମସ୍ତ ପ୍ରଶ୍ନ ପଚରାଯିବା ପ୍ରତ୍ୟେକ ଗ୍ରାମ କିମ୍ବା ଅନୁଷ୍ଠାନରୁ ଚାରି ଜଣ ଲେଖାଏଁ ପ୍ରତିଯୋଗୀ ଗୋଟିଏ ଦଳ ହିସାବରେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ। ଏଥିରେ ଉଭୟପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ରସହ ପୁରସ୍କାର ପ୍ରଦାନ କରାଯିବା ଏତଦ୍‌ବ୍ୟତୀତ ଶ୍ରେଷ୍ଠ ବିବେଚିତ ହୋଇଥିବା ତିନୋଟି ଦଳକୁ ବିଶେଷପୁରସ୍କାର ସହ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ବନ୍ଧରେ ଅଧିକସୂଚନା ପାଇଁ ପରିଷଦର ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସଂପାଦକ ଜଗନ୍ ମୋହନ ଗଡ଼ନାୟକ,ହେମନ୍ତ ଦାସ ଓ ରାହାସ ଚନ୍ଦ୍ର ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅନନ୍ୟ ପ୍ରତିଯୋଗିତାରେ ସମସ୍ତ ଭଗବତ୍‌ପ୍ରେମୀ ଜନସାଧାରଣ ବିପୁଳ ସଂଖ୍ୟାରେ ଅଂଶଗ୍ରହଣକରିବାକୁ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦର ସଂପାଦକ ଜଗନ୍ ମୋହନ ଗଡ଼ନାୟକ ଅନୁରୋଧକରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଅନୁଗୋଳ,(ସବ୍ୟୁ) : ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧକ୍ଷ୍ୟ ନିରଞ୍ଜନ ପଣ୍ଡାଙ୍କ ତ%୦ବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସେବା ନର୍ସିଙ୍ଗ କଲେଜ, କାଲଟାକ୍ସ ଛକ,ଅନୁଗୋଳ ଠାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିଶ୍ୱକଲ୍ୟାଣୀ ମିଶ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣର ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ବନାଞ୍ଚଳ ଅଧିକାରୀ, ଅନୁଗୋଳ ନିତିଶ କୁମାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସହ ପରିବେଶ ବୈଜ୍ଞାନିକ ଡ଼ଃ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ମଣିଷ ସୁସ୍ଥ ଭାବରେ ବଂଚି ରହିବା ପାଇଁ ଏକ ଉତ୍ତମ ପରିବେଶ ଆବଶ୍ୟକ । କିନ୍ତୁ ବର୍ତମାନ ଏହି ସୁନ୍ଦର ପରିବେଶ ଦୁସିତ ହେବାରେ ଲାଗିଛି ।ଅଧିକ ଯାନବାହାନ ଚଳାଚଳ, ପଲିଥିନର ବ୍ୟବହାର, ସର୍ବାଧିକ କଳକାରଖାନା ଗଢି ଉଠିବା ଓ ଗଛ କାଟିବାରୁ ପରିବେଶର ଅବକ୍ଷୟ ହେଉଛି ।



ଏଥିପାଇଁ ବୃକ୍ଷର ବଂଶବୃଦ୍ଧି କରିବା ଏବଂ ନିଜେ ଗଛ ଲଗାଇବା ସହ ଅନ୍ୟକୁ ଗଛ ଲଗାଇବା ପାଇଁ ସଚେତନ କରିବା ବୋଲି ମଞ୍ଚାସିନ ଅତିଥି ମାନେ ପ୍ରକାଶ କରିଥିଲେ । ଏହା ସହିତ ବନ୍ୟ ପ୍ରାଣୀ ସରକ୍ଷଣ ଆଇନ ଓ ପରିବେଶ ସୁରକ୍ଷା ଆଇନ ଉପରେ ବୁଝାଇଥିଲେ । ଏହି ଦିବସ ପରିପ୍ରେକ୍ଷୀରେ ସେବା ନର୍ସିଙ୍ଗ କଲେଜର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଚାରା ବଣ୍ଟନ କରାଯାଇଥଲା ।ଏହି କାର୍ଯ୍ୟକ୍ରମରେ ସେବା ନର୍ସିଙ୍ଗ କଲେଜର ଅଧ୍ୟାପକ ଓ ଅଧ୍ୟାପିକ, ଛାତ୍ରଛାତ୍ରୀ ଗଣ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିଶ୍ୱକଲ୍ୟାଣୀ ମିଶ୍ର ପରିଚାଳନା କରିଥିଲେ । ସର୍ବଶେଷରେ ସେବା ନର୍ସିଙ୍ଗ କଲେଜର ଅଧକ୍ଷ ସ୍ନେହବାଳା ପାଲଟାସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଳଚେର ମେଡ଼ିକାଲ କଲେଜ

# ଜାଲ ପ୍ରମାଣପତ୍ରରେ ୨୪ ଜଣଙ୍କୁ ନିଯୁକ୍ତି : ଆଉଟ ସୋର୍ସିଙ୍ଗ ସଂସ୍ଥା ହୋଇଛି ସର୍ବେସର୍ବା

ତାଳଚେର,(ସବ୍ୟୁ) : ତାଳଚେର ମେଡ଼ିକାଲ କଲେଜ ସରକାରୀ ଚିକିତ୍ସାଳୟରେ (ପିଏମପିଜିଏଚ୍)ରେ ଷ୍ଟାଫନର୍ସ ନିଯୁକ୍ତିର କେଳେଙ୍କାରୀ ଏବେ ପଦାକୁ ଆସିଛି । ଜାଲ ପ୍ରମାଣପତ୍ର ଦେଇ ଜଣେ ନୁହଁକି ୨ଜଣ ନୁହଁ ୨୪ଜଣ ଷ୍ଟାଫନର୍ସ ନିଯୁକ୍ତି ପାଇଥିବା ଖବର ସ୍ଥାନୀୟ ବେକାର ଯୁବକଯୁବତୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି । ଏହି ନିଯୁକ୍ତିକି ପ୍ରଥମେ ତାଳଚେରର ଶିକ୍ଷିତ ଯୁବକ, ଯୁବତୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅଗ୍ରାଧିକାରରେ ସ୍ଥାନୀୟ ଯୁବପିଢ଼ୀଙ୍କୁ ନିଯୁକ୍ତି ଦେବାକୁ ତାଳଚେର ଜନବିକାଶ କଲ୍ୟାଣ ସଂଘ ଆଉଟ ସୋର୍ସିଙ୍ଗ ସଂସ୍ଥାକୁ ବିରୋଧ କରିଥିଲେ ଏବଂ ଏହା ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା । କିନ୍ତୁ କେଳେଙ୍କାରୀରେ ସ୍ଥାନୀୟ ଦଲାଲଙ୍କ ସମ୍ପୃକ୍ତି ଥିବା ହେତୁ କେହି ମୁହଁ ଖୋଲିନଥିଲେ । ସୂଚନା ମୁତାବକ ପ୍ରଜ୍ଞାପାରମିତା ବୁର୍ଗ ପିଏମପିଜିଏଚରେ ଷ୍ଟାଫନର୍ସ ଭାବେ ଚାକିରୀ କରିଛନ୍ତି । ଚାକିରୀ ପାଇଁ ସେ ଅନୁଗୋଳ ତୁରଙ୍ଗ ସେବାସ୍କୁଲ ଅଫ୍ ନର୍ସିଙ୍ଗରୁ ଜିଏନଏମ କୋର୍ସ କରିଥିବା ସାର୍ଟିଫିକେଟ୍ ଦାଖଲ କରିଛନ୍ତି । ସାର୍ଟିଫିକେଟ ଅନୁସାରେ ୨୦୨୧ ଡ଼ିସେମ୍ବର ୧୦ରେ ଜିଏନଏମ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ୨୦୨୫ ମାର୍ଚ୍ଚ ୨୦ରେ ପାଠପଢ଼ା ଶେଷ କରିଛନ୍ତି । ତେବେ ସେବାସ୍କୁଲ ଅଫ୍ ନର୍ସିଙ୍ଗରେ ଏଭଳି ନାମଧାରୀ କେହି ପାଠପଢ଼ିନଥିବା କଥା ସ୍ପଷ୍ଟ କରିଛନ୍ତି କଲେଜର ଅଧ୍ୟକ୍ଷ ।, ସେ କହିଛନ୍ତି କେବଳ ପ୍ରଜ୍ଞା ନୁହଁନ୍ତି ସେବାସ୍କୁଲ ଅଫ୍ ନର୍ସିଙ୍ଗର ମାଟି ମାଡ଼ି ନଥିବା ଖଗପତି ସାହୁ, ଯସ୍ମିଳିମା ଭୋଇ, ଜାନକୀ ଗଡ଼ନାୟକ, ମୀରା ମହାଳିକ, ଚିତ୍ରରେଖା ସାହୁ, ସୁଜାତା ନାଏକ, ତୁଳସୀ ବିର, ବିଦ୍ୟାସିନି ମହାଳିକ, ଏଲିନା ମହାନ୍ତି, ମଣି ନାଏକ, ପିପିଲି ପ୍ରଧାନ, ସସ୍ମିତାରାଣୀ ଲେଙ୍କା, ସୋନାଲିସା ବେହେରା, ଶିବାନୀ ଦେହୁରୀ, ପ୍ରଣତି ସେଠୀ, ପୂର୍ଣ୍ଣିମା ନାଏକ, ପ୍ରଜ୍ଞାପରମିତା ନାଏକ, ବୁଦ୍ଧସ୍ମିତା ନାଏକ, ସତପସ୍ୱରୂପା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦ୍ୱିବେଦୀ, ବନିତା ମାଝୀ, ଜିନତ ବାର୍ଲାଙ୍କ ଭଳି ୨୪ଜଣ ଏହି କଲେଜ ନାମରେ ଜାଲ ସାର୍ଟିଫିକେଟ୍ ଦାଖଲକରି ଏବେ ପିଏମପିଜିଏଚରେ ଷ୍ଟାଫନର୍ସ ଭାବେ କାର୍ଯ୍ୟ କରୁଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଓଡ଼ିଶାର ଅନ୍ୟ ଜିଲ୍ଲାରେ ଗଢ଼ି ଉଠିଥିବା ମେଡ଼ିକାଲ କଲେଜ ଗୁଡ଼ିକରେ ଓଏସ୍‌ଏସ୍ (ସରକାରୀ) ଜରିଆରରେ ନିଯୁକ୍ତି ଦିଆଯାଉଥିବା ପରିବର୍ତେ କିପର ତାଳଚେର ମେଡ଼ିକାଲକଲେଜରେ ଝାଡ଼ଖଣ୍ଡ ସ୍ଥିତ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ ଫୋର୍ସ ନାମକ ଆଉଟ ସୋର୍ସିଙ୍ଗ ଷ୍ଟାଫନର୍ସଙ୍କୁ ନିଯୁକ୍ତି କରିଥିଲା । ତେବେ ଏମାନଙ୍କୁ ଉକ୍ତ କମ୍ପାନୀ ପକ୍ଷରୁ କେଉଁ ଆଧାରରେ ଓ କିପରି କାହା ପ୍ରରୋଚନାରେ ନିଯୁକ୍ତି କରାଗଲା ତାକୁ ନେଇ ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ବୃଦ୍ଧି ପାଇବା ସହିତ ସ୍ଥାନୀୟ ବେକାର ଶିକ୍ଷିତ ଯୁବକ, ଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏସମ୍ପର୍କରେ ଅନୁଗୋଳ ଜିଲ୍ଲାପାଳ ଚିଠି ନଂ- ୧୪୬, ତା ୦୬/୦୬/୨୦୨୬ରେ ଏହାର ତଦନ୍ତ ପାଇଁ ଜାଗୃତି ବିହାର ସମ୍ବଲପୁର ଚେଆରମ୍ୟାନ କମ ମ୍ୟାନେଜିଙ୍ଗ ଡ଼ାଇରେକଫରଙ୍କୁ ଚିଠିମାଧ୍ୟମରେ ଜଣାଇଛନ୍ତି । ସେହିଭଳି ଅନ୍ୟ ପଦପଦବୀ ଗୁଡ଼ିକରେ ରେ ଠିକା ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସାର୍ଟିଫିକେଟ ଯାଂଚ ହେବା ସହିତ ଏହି କେଳେଙ୍କାରୀ ଯେଉଁମାନେ ସମ୍ପୃକ୍ତ ତାଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ପୂର୍ତ୍ତ ରାସ୍ତା କାର୍ଯ୍ୟ ନିମ୍ନମାନର

# ପିଚୁ କାମ ନ ସରୁଣୁ ୧୦ ସ୍ଥାନରେ ପ୍ୟାଚ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ସାନହୁଲା ଭାୟା ମିଣ୍ଡୋଳ ଦେଇ ପାଇକସାହି ପର୍ଯନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ମିଣ୍ଡୋଳର ଯୁବ ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାର ଏକ ନକଲ ପୂର୍ତ୍ତ ବିଭାଗ ସଚିବ , ପୂର୍ତ୍ତ ବିଭାଗ ମନ୍ତ୍ରୀ , ମୁଖ୍ୟମନ୍ତ୍ରୀ , କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଗ୍ରାମବାସୀ ସେମାନଙ୍କ ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଯେ ଉକ୍ତ ୧୧ କିମି ରାସ୍ତା କୁ ସମ୍ପ୍ରସାରଣ କରାଯାଇ ନୂତନ ରାସ୍ତା ନିର୍ମାଣକରାଯାଉଛି । ଏହି ରାସ୍ତା ପୂର୍ବରୁ ୩.୭୦୦ ମିଟର ଚଉଡା ଥିବା ବେଳେ ଏହାକୁ ବଢାଇ ୫.୫୦୦ ମିଟର ଚଉଡା ରାସ୍ତା ନିର୍ମାଣ ଆରମ୍ଭ କରାଯାଇଛି । ୧୬ କୋଟି ଟଙ୍କା ବ୍ୟୟ ରେ ଏହି ରାସ୍ତାନିର୍ମାଣହେଉଥିବା ବେଳେ ମାର୍ଚ୍ଚ ୨୦୨୪ ମାସରୁ କାମ ଆରମ୍ଭ ହୋଇଛି । ଏହି କାମ ଓ ବାହାର ଅଞ୍ଚଳ ର ଏକ ଅଣଓଡିଆ ଠିକାସଂସ୍ଥା କାର୍ଯ୍ୟ କରୁଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ କରୁଛି । ଏହି ରାସ୍ତାର ଚଉଡା- ୫.୫୦୦ ହେବାକୁ ଥିବା ବେଳେ ଠିକା ସଂସ୍ଥା ଅନେକ ସ୍ଥାନରେ ୫ ମିଟର କରୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଏହି ରାସ୍ତାରେ ଅନେକ ଗଛ ,ବିଦ୍ୟୁତ ଖୁଣ୍ଟ ପଡୁଥିବା ବେଳେ ସେ ଗୁଡିକ ଠିକାସଂସ୍ଥା ପକ୍ଷରୁ ସ୍ଥାନାନ୍ତର ନ କରି ରାସ୍ତା ନିର୍ମାଣ କରୁଛନ୍ତି । ବିଶେଷ କରି ରାସ୍ତାର ଦୁଇ ପାର୍ଶ୍ୱ ରେ ବର୍ତ୍ତମାନ ମେଣ୍ଟାଲ ପକାଇ ସମତଳ , ପିଚୁ କାମ କରାଯାଉ ଥିବାବେଳେ ସଠିକ ପରିମାଣ ର ମେଣ୍ଟାଲ ନ ଦେଇ କ୍ରସର ଗୁଣ୍ଡ ମିଶାଇ କରାଯାଉଥିବା ଏ ପରିକି କିଛି ଅଂଶ ପିଚୁ କରାଯାଇଥିବା ବେଳେ ପିଚୁ କାମ ଦୁଇ ମାସ ନ ହେଉଣୁ ପିଚୁ ଉଠିବାକୁ ଲାଗିଲାଣି । ସାନହୁଲା ଠାରୁ ମିଣ୍ଡୋଳ ୭ କିମି ମଧ୍ୟରେ ୧୦ ଟି ସ୍ଥାନ ରେ ରାସ୍ତା ଦବିବା ସହ ପିଚୁ ଉଠି ଗଲାଣି ।ୟ ନିମ୍ନମାନର ରାସ୍ତା କୁ ଘଣ୍ଟ ଘୋଡାଇ ବା ପାଇ ତରବାରିଆ ଭାବରେ ବିଳମ୍ବିତ ରାତିରେ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ପକ୍ଷରୁ ପ୍ୟାଚ ପକାଯାଉଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ରାସ୍ତା କାମ କରାଯାଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ ରହୁନଥିବା ବେଳେ ଠିକା ସଂସ୍ଥା ତରବରିଆ ଭାବରେ କାମ କରୁଥିବା ଅଭିଯୋଗ ହୋଇଛି । ଅଣ ଓଡିଆ ଠିକା ସଂସ୍ଥା ଏହି କାମ କରୁଥିବା ବେଳେ ବିଭାଗୀୟ ଅଧିକାରୀ ଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏହି ରାସ୍ତା ନିମ୍ନମାନର କାର୍ଯ୍ୟ ହେଉଥିବା ଜଣାପଡିଛି । ରାସ୍ତା ରେ ବାଧକ ସାଜୁଥିବା ଗଛ ସହ ବିଦ୍ୟୁତ ଖୁଣ୍ଟ କୁ ସ୍ଥାନାନ୍ତର କରି ରାସ୍ତା କାମ ନିର୍ମାଣ କରିବା ପାଇଁ ଠିକାସଂସ୍ଥାକୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ତୁରନ୍ତ ଉକ୍ତ ରାସ୍ତା କାମ ଯାଞ୍ଚ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏହି ରାସ୍ତା ନିମ୍ନମାନର କାର୍ଯ୍ୟ ହେଉଥିବା ପୂର୍ବରୁ ବଡବର ଗ୍ରାମବାସୀମାନେ ତା ୨୭/୧୧/୨୦୨୪ ରେ ଅନୁଗୋଳ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । କୋଟି କୋଟି ଟଙ୍କାର ରାସ୍ତା ନିର୍ମାଣ ହେଉଥିବା ବେଳେ ସଠିକ ଭାବରେନିର୍ମାଣ କରାଯାଉ ନଥିବା ଯୋଗୁଁ ଅଳ୍ପ ଦିନ ରେ ରାସ୍ତା କଦର୍ଯ୍ୟ ହୋଇ ପଡୁଛି ବୋଲି ସାଧାରଣ ରେ ଅଭିଯୋଗ ହୋଇଛି । ଏ ନେଇ ପୂର୍ତ୍ତ ବିଭାଗ ର କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବେହେରାଙ୍କୁ ପଚାରିବାରୁ ଏ ସମ୍ପର୍କ ରେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗ କୁ ଏଡାଇ ଦେଇଥିଲେ ।

## ବୈତରଣୀ ପୋଲ ତଳକୁ ଡେଇଁ ଆତ୍ମହତ୍ୟା

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ସାମପାଟଣେ ଠାରେ ଥିବା ପ୍ରସିଦ୍ଧ ପରମେଶର ଶିବମନ୍ଦିର ନିକଟ ଦେଇ ବୋହି ଯାଇଥିବା ବୈତରଣୀ ନଦୀ ପୋଲ ଉପରୁ ତଳକୁ ଡେଇଁ ବିଶ୍ୱନାଥ ନାଏକ ( ୫୭) ନାମକ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି । ତାଙ୍କଘର ବଡପାଟଣା ପଞ୍ଚାୟତ ଅନ୍ତର୍ଗତ ଶିବ ନାରାୟଣପୁର ବୋଲି ଜଣାପଡିଛି । ଏ ଘଟଣା ଘଟିଛି ଶନିବାର ଅପରାହ୍ନ ୨ ଘଟିକା ସମୟରେ । ତେବେ ଘରୋଇ ସମସ୍ୟା ଯୋଗୁଁ ସେ ମାନସିକ ଚାପରେ ଆତ୍ମହତ୍ୟା କରିଛନ୍ତି ବୋଲି ଜଣାପଡିଛି । ଖବରପାଇ ପାଟନା ଥାନା ଏଏସଆଇ ଧନେଶର ପାତ୍ର କେଶ କୁ ନିଜ ହାତକୁ ନେଇ ତଦନ୍ତ ଚାଲୁରଖିଛନ୍ତି ।

## ସାପ କାମୁଡାରେ ମହିଳା ମୃତ

ଠାକୁରମୁଣ୍ଡା ,(ସବ୍ୟୁ) :ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନାଅନ୍ତର୍ଗତ ସାତକୋଶିଆ ଗ୍ରାମ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମ ଚିଆଁବେଡା ବାଉଁଶରାଇ ସାହିର ବିଧବା ବୁଦୁନି ପୂର୍ତ୍ତି (୫୦)ଙ୍କର ସାପକାମୁଡାରେ ମୃତ୍ୟୁ ହୋଇଛି । ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ୧୦ଟାରେ ବୁଦୁନି ଘରେ ଶୋଇଥିବା ଅବସ୍ଥାରେ ବିଷଧର ଚିତି ସାପ କାମୁଡ଼ି ଥିବା ଜାଣି ପାରିଥିଲେ । ପରିବାର ଲୋକଙ୍କ କହିବାରୁ ସାପଟିକୁ ମାରିଦେଇ ଥିଲେ ଏବଂ ବୁଦୁନି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବୁଦୁନିଙ୍କ ଅବସ୍ଥା ଗୁରୁତର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ତାପରେ କଟକ ସ୍ଥାନାନ୍ତର ସମୟରେ ରାସ୍ତାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ମହୁଲଡିହା ଥାନା ପୁଲିସ ୧୧/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ହସ୍ତାନ୍ତର କରାଯାଇଛି ।


## ମଦ ସହିତ କାର , ବାଇକ ଜବଦ : ୪ ଗିରଫ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ଅବକାରୀ ଅଧିକ୍ଷକ ଶ୍ରୀମତୀ ସ୍ୱପ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଓ ଜଳେଶ୍ୱର ଉପ-ଅଧିକ୍ଷକ ଶଶୀକାନ୍ତ ଦତ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଉପ-ନିରୀକ୍ଷକ ଭବେଶ ଦାସ ଓ ଜଳେଶ୍ୱର ଅବକାରୀ ନିରୀକ୍ଷକ ଦେବେନ୍ଦ୍ର ବେହେରା, ଏ.ପି.ଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବସ୍ତା ଥାନା ଅନ୍ତର୍ଗତ ବୀଣାପୁର ଓ ଜଳେଶ୍ୱର ଥାନା ଅନ୍ତର୍ଗତ ଡିଙ୍ଗସୁଳା ଏବଂ ଭୋଗରାଇ ଥାନା ଅନ୍ତର୍ଗତ ଭୋଗରାଇ ଲକ ଗ୍ରାମରେ ଚଢ଼ାଉ କରାଯାଇ ୬୨୦୦ ଲିଟର ଦେଶୀ ମଦ, ୯୩.୭୫୦ ଲିଟର ବିଦେଶୀ ମଦ, ୧୧୭ ଲିଟର ବିଅର, ୧୦୦ ଲିଟର ସ୍ପିରିଟ, ୫୦୦ ମି.ଲି କାରାମେଲ, ଗୋଟିଏ କିଆ ସୋନେଟ କାର ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଆସାମୀ ମାନେ ହେଲେ ବୀଣାପୁର ଗ୍ରାମର ମନୋରଞ୍ଜନ ମହାଳିକ, ଭୋଗରାଇ ଲକ ଗ୍ରାମର ସଞ୍ଜୟ ଦାସ, ଜାମପୁର ଗ୍ରାମର ଶଶାଙ୍କ ଜେନା ଓ ହରେନ୍ଦ୍ର ଜେନା । ଜବତ ମଦ, ସ୍ପିରିଟ, କାର ଓ ମୋଟର ସାଇକେଲ ର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ବସ୍ତା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ଭିତିରିଆ, ସହ ଉପ-ନିରୀକ୍ଷକ ଲମ୍ବୋଦର ମହନ୍ତ, ଅନିକ ସାଠୁଆ ଓ ତପସ୍ୱିନୀ ବଇଠା, କନେଷ୍ଟବଳ ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ନହାନ ମୁର୍ମୁ ପ୍ରମୁଖ ଷ୍ଟାଫ୍ ସାମିଲ ଥିଲେ । ଏନେଇ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଓ ଜଳେଶ୍ୱର ଅବକାରୀ ଥାନା ପକ୍ଷରୁ ମୋଟ ୦୪ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

## ବୃଦ୍ଧାଙ୍କୁ କଚାଡ଼ି କଚାଡ଼ି ମାରିଲା ଦନ୍ତା

ଆନନ୍ଦପୁର ,(ସବ୍ୟୁ) : ଆନନ୍ଦପୁର ମୁନସିପାଲିଟି ୭ଓ୍ୱାର୍ଡ ରେ ଶନିବାର ସକାଳୁ ଏକ ଦୁଃଖଦ ଘଟଣା ଘଟିଛି । ନିଜ ଆମ୍ବତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିବା ବେଳେ ଦନ୍ତାହାତୀ ଆକ୍ରମଣରେ ଗ୍ରାମର ମଞ୍ଜୁଲତା ନାଥଙ୍କ ମୃତ୍ୟୁ ଘଟିଛି । ସେ କଜଳେଇ ତୋଟା ଅଞ୍ଚଳରେ ଆମ୍ବ ଗୋଟାଉଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଥିବା ଜଣାପଡ଼ିଛି ।ସକାଳୁ ଫକୀରପୁର, ଶାଳବଣି ଏବଂ ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ମଚାଇଥିଲା । ସ୍ଥାନୀୟ ଲୋକ ଏବଂ ବନବିଭାଗ କର୍ମଚାରୀଙ୍କ ସହଯୋଗରେ ହାତୀକୁ ଜଙ୍ଗଲ ଆଡ଼କୁ ଘଉଡ଼ାଇ ଦିଆଯାଇଥିଲା । ତେବେ ମଞ୍ଜୁଲତାଙ୍କ ସମ୍ପର୍କରେ କେହି ଜାଣିପାରି ନଥିଲେ । ବହୁ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ତୋଟା ମଧ୍ୟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା ।ଖବର ପାଇ ଆନନ୍ଦପୁର ବନଖଣ୍ଡ





ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସେ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।ଅନ୍ୟପଟେ, ଏହି ହାତୀ ଆକ୍ରମଣରେ ଯଶୋଦା ମଲ୍ଲିକ ନାମକ ଅନ୍ୟ ଜଣେ ମହିଳା ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଆନନ୍ଦପୁର ଚିକିତ୍ସାଳୟ ଓ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି ।ଘଟଣା ପରେ ଫକୀରପୁର ଓ୍ୱାର୍ଡ ନଂ-୭ର କାଉନସିଲର କୃଷ୍ଣ ରଣା ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ କ୍ଷତିପୂରଣ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ସେହିପରି ହାତୀ ଉପଦ୍ରବ ରୋକିବା ପାଇଁ ବନବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ନେବାକୁ ମଧ୍ୟ ଅନୁରୋଧ କରିଛନ୍ତି ।ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ହାତୀ ଉପଦ୍ରବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି ।

## ସ୍ୱାସ୍ଥ୍ୟମିତ୍ରଙ୍କୁ ଛଟେଇ ନୋଟିସ୍ ତେଜୁଛି ଅସନ୍ତୋଷ

ବାଲେଶ୍ୱର, (ସବ୍ୟୁ) : ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ଛଟେଇ ପାଇଁ ନୋଟିସ୍ ଜାରି ହେବା ପରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ବର୍ଷ ଧରି ରୋଗୀ ସେବାରେ ନିୟୋଜିତ ଥିବା ପ୍ରାୟ ୧ ହଜାର ସ୍ୱାସ୍ଥ୍ୟମିତ୍ରଙ୍କୁ ଆସନ୍ତା ଜୁନ ୩୦ ସୁଦ୍ଧା କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନୋଟିସ୍ ହୋଇଥିବା ସୂଚନା ମିଳିଛି ।ସ୍ୱାସ୍ଥ୍ୟମିତ୍ରମାନଙ୍କ କହିବା ଅନୁଯାୟୀ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁ ନଥିବା ବେଳେ ଦୀର୍ଘଦିନ ଧରି କାମ କରୁଥିବା କର୍ମଚାରୀଙ୍କୁ ଏଭଳି ଭାବେ ଛଟେଇ କରିବା ଅମାନବିକ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଦାବି ପୂରଣ ନ ହେଲେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି । ସ୍ୱାସ୍ଥ୍ୟମିତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଲେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ହସ୍ପିଟାଲରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ କାର୍ଡ ଯାଞ୍ଚ, ଯୋଜନାଭିତ୍ତିକ ମାଗଣା ଚିକିତ୍ସା ସୁବିଧା ଓ ଅନ୍ୟାନ୍ୟ ସହାୟତା ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମଧ୍ୟାହ୍ନରେ ସୁନା ଦୋକାନରୁ ଲୁଟ୍ ଉଦ୍ୟମ

ବାଲେଶ୍ୱର ,(ସବ୍ୟୁ) : ଦିନ ଦ୍ୱିପ୍ରହରରେ ଭୁଜାଲି ଦେଖାଇ ସୁନା ଦୋକାନରୁ ଲୁଟ୍ ଉଦ୍ୟମ ହୋଇଛି । ଚାନ୍ଦିପୁର ଥାନା ଅଧୀନ ଚାନ୍ଦିପୁର ପଟାପୋଲ ଅଂଚଳର ଗୋବିନ୍ଦ କାମିଲାଙ୍କ ପୁଅ ସଞ୍ଜିତ କାମିଲା ଘର ସମ୍ମୁଖ ନିକ ଦୋକାନରେ ଥିଲେ । ଦିନ ପ୍ରାୟ ୧୨ଟା ୪୫ ବେଳେ ପ୍ରଥମେ ଦୁଇଜଣ ଲୁଟେରା ଦୋକାନରେ ପଶି ସୁନାହାର ଦେଖାଇବାକୁ କହିଥିଲେ । ସୁନାହାର ଦେଖାଇବା ସମୟରେ ଅନ୍ୟଜଣେ ଲୁଟେରା ଭିତରକୁ ପଶିଥିଲା । ସଞ୍ଜିତଙ୍କ ମୋବାଇଲ୍ ଫୋନ୍ ଛଡ଼ାଇନେବା ସହ ଭୁଜାଲି ଦେଖାଇ ଭୟଭୀତ କରିଥିଲା । ସଞ୍ଜିତ ପାଟି କରି ଘର ଭିତରକୁ ଯିବା ପାଇଁ କରିଥିବା ବେଳେ ତାଙ୍କୁ ଲୁଟେରାମାନେ ମାଡ଼ିବସିଥିଲେ । ତେବେ ସେହି ସମୟରେ କିଛି ଲୋକ ପହଁଚିଯିବାରୁ ୩ ଜଣ ଲୁଟେରା ଦୌଡ଼ି ପଳାଇଥିଲେ । ସେମାନେ ମୋବାଇଲ୍ ଛଡ଼ା କୌଣସି ଅଳଙ୍କାର ନେଇ ପାରି ନ ଥିଲେ । ଏନେଇ ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି ଏବଂ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଛି ।

## ରାମନାରାୟଣ ରାୟଙ୍କୁ ଓୟୁଜେ ସମ୍ମାନ

ଆଗରପଡ଼ା,(ସବ୍ୟୁ)::ବର୍ଷୀୟାନ ସାମ୍ବାଦିକ ରାମନାରାୟଣ ରାୟଙ୍କୁ ଓଡ଼ିଶାୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ-୨୬ ସମ୍ମାନ ପ୍ରଦାନ କରାଯାଇଛି । ଭଦ୍ରକ ଠାରେ ଆୟୋଜିତ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ସାଂସଦ ଅଭିମନ୍ୟୁ ସେଠୀ,ବିଧାୟକ ସଂଜୀବ ମଲ୍ଲିକ,ଜିଲ୍ଲାପାଳ ଦିଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀରାୟଙ୍କୁ ଖୋଦିତ ଫଳକ,ଉତ୍ତରୀୟ,ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘାୟୁ କାମନା ଅତିଥିମାନେ



କରିଥିଲେ । ସେ ଅସୁସ୍ଥ ଥିବାରୁ ତାଙ୍କ ସୁପୁତ୍ର ଆଡ଼ଭୋକେଟ ମନୋଜ ରାୟ ଏହାକୁ ଗ୍ରହଣ କରିଥିଲେ । ଆଗରପଡ଼ା ମାହାଲ ରାଜା ଶ୍ରୀରାୟ ଆଗରପଡ଼ା ଗାନ୍ଧୀ ଭାବେ ପରିଚିତ । ସ୍ଥାନୀୟ ଅଂଚଳରେ ସେ ପ୍ରଥମ ସାମ୍ବାଦିକ ଥିଲେ ।

ସେ ଜଣେ ବର୍ଷୀୟାନ ସାମ୍ବାଦିକ,ସମାଜସେବୀ ଓ ଆଗଧାଡ଼ିର ରାଜନେତା ଭାବେ ତାଙ୍କର ସ୍ୱନାମ ରହିଛି । ଭଦ୍ରକ ଜିଲ୍ଲାରେ ଏହି ସାମ୍ବାଦିକ ସଂଗଠନ ମୂଳଦୁଆ ପଡ଼ିବାରେ ତାଙ୍କର ଅନ୍ୟତମ ଭୂମିକା ରହିଥିଲା ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ସାଇକେଲ ରାଲି

ବାଲେଶ୍ୱର,(ସବ୍ୟୁ): ବିଶ୍ୱ ସାଇକେଲ ଦିବସ ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏକ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଂଚୟର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା । ରେମୁଣା ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ରାଲି ପ୍ରାୟ ୧୦ କିଲୋମିଟର




ଅତିକ୍ରମ କରି ନୂଆପାଢ଼ୀ କ୍ୟାମ୍ପସ ଠାରେ ସମାପ୍ତ ହୋଇଥିଲା ।ଏଥିରେ ବିଶ୍ୱବିଦ୍ୟାଳୟର ୮୦ରୁ ଅଧିକ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସାଇକେଲ ବ୍ୟବହାର ଦ୍ୱାରା ଶାରୀରିକ ସୁସ୍ଥତା ବୃଦ୍ଧି, ପ୍ରଦୂଷଣ ହ୍ରାସ ଓ ସ୍ଥାୟୀ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳୁଥିବା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱଶୀଳ ବ୍ୟବହାର ପ୍ରତି ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ।

## କୁଳଡିହା ଅଭୟାରଣ୍ୟରୁ ଦୁଇ ଶିକାରୀ ଗିରଫ

ନୀଳଗିରି ,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଳଡିହା ଅଭୟାରଣ୍ୟ ରେ ଗତ ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୮ଟା ୨୦ ମିନିଟ ସମୟରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅନ୍ତର୍ଗତ ଚଟକା (ପାଇଡ଼ପାଣି) ଠାରେ ପ୍ରବେଶ ପଥରେ ଡ୍ୟୁଟି କରୁଥିବା ବନ କର୍ମଚାରୀ ଦୁଇ ଜଣ ସଶସ୍ତ୍ର ଶିକାରୀଙ୍କୁ ଗିରଫ ରଖିଥିଲେ । ସେମାନେ ହେଲେ ନୀଳଗିରି ଅଞ୍ଚଳ ବାଙ୍କିଶୁଳ ଗ୍ରାମର ଗୁରୁବା ସିଂ ଏବଂ ନୀଳଗିରି ର ନୂଆସାହି ଅଞ୍ଚଳର ସଦା ସିଂ । ଯାଞ୍ଚ ସମୟରେ, କର୍ମଚାରୀମାନେ ସେମାନଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ, କୁଟୁରା ମାଂସ, ବିସ୍ଫୋରକ ଓ ଗୋଟିଏ ଦାଆ ଜବତ କରିଥିଲେ । ବେଆଇନ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିବା ବେଳେ ଶନିବାର ଉଭୟ ଅଭିଯୁକ୍ତ ନାମରେ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି ।

## ଦେବେନ୍ଦ୍ର ଆଚାର୍ଯ୍ୟ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଚକ୍ରଧର ଆଚାର୍ଯ୍ୟ ଓ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଏକ ମାତ୍ର ପୁତ୍ର ଦେବେନ୍ଦ୍ର ପାଇଛନ୍ତି ପ୍ରକୃତିବନ୍ଧୁ ପୁରସ୍କାର ନୀଳମଣି ମହାବିଦ୍ୟାଳୟ , ରୂପ୍ସା ରେ ଉଚ୍ଚଶିକ୍ଷାରେ ଅଧ୍ୟୟନ କରିବା ସମୟରେ ଜାତୀୟ ସେବା ଯୋଜନାରେ ଅଂଶଗ୍ରହଣ କରି ସମାଜସେବା , ନିଶା ନିବାରଣ, ପରିବେଶ ସୁରକ୍ଷା, ରକ୍ତଦାନ ଏମିତି ଅନେକ କିଛି କାର୍ଯ୍ୟକୁ ନିଜ ଜୀବନର ବ୍ରତଭାବରେ ଗ୍ରହଣ କରିଥିଲେ, ପରିବେଶ ସୁରକ୍ଷା ତଥା ସମାଜସେବା ପାଇଁ ନିକଟରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଠାରୁ ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭାବନର ଗଣତନ୍ତ୍ର ମଣ୍ଡପରେ ପୁରସ୍କାର ପ୍ରାପ୍ତ ହୋଇଥିଲେ । ମାତ୍ର ୨୪ ବର୍ଷ ବୟସରେ ଏହିପରି ପରିବେଶ ସୁରକ୍ଷା, ପାଞ୍ଚ ଶହରୁ ଅଧିକ ବୃକ୍ଷ ରୋପଣ ସହ ତାକୁ ବଞ୍ଚେଇ ରଖିଛନ୍ତି, ଏଥି ସହ ସ୍ୱାସ୍ଥ୍ୟ ସେବା, ବନାଗ୍ନୀ ସଚେତନତା , ବନ୍ୟପ୍ରାଣୀ ସୁରକ୍ଷା, ଗଜସୁରକ୍ଷା ସଚେତନତା , ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମାନକରି ଜୁନ ୫ ତାରିଖ ବିଶ ପରିବେଶ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବେତନଟୀ ବନ ବିଭାଗ ଅଧିକାରୀ ଡି.ଏନ ନାୟକଙ୍କ ବିଜ୍ଞପ୍ତିରୁ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ , ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ହେଡ ଅଫ ଫରେଷ୍ଟ ଫୋର୍ସ, ଓଡ଼ିଶା ଏବଂ ସଦସ୍ୟ, ଲୋକାୟୁକ୍ତ ଓଡ଼ିଶା ଡ଼ଃ ଦେବବ୍ରତ ସ୍ୱାଇଁ , ଡିଏଫଓ ଗୋବିନ୍ଦ ଚନ୍ଦ୍ର



ବିଶ୍ୱାଳ, ଉପ-ନିର୍ଦ୍ଦେଶକ, ଶିମିଳିପାଳ ଦକ୍ଷିଣ (ବନ୍ୟଜନ୍ତୁ) ବିଭାଗ ସୁମିତ କୁମାର କର , ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ , ଉପ-ସଭାପତି, ଜିଲ୍ଲା ପରିବେଶ ସମିତି ବିଜୟ କୁମାର ଅଗରଓ୍ୱାଲ , ଯୁଗ୍ମ ସଚିବ, ଜିଲ୍ଲା ପରିବେଶ ସମିତି, ମୟୂରଭଞ୍ଜ ବିବେକାନନ୍ଦ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ, ଏମ୍ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ହରିହର ଦାସ ପ୍ରମୁଖ ଅତିଥିଙ୍କ ଗ୍ରହଣରୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁପ୍ରକୃତି ବନ୍ଧୁ ସମ୍ମାନ ଓ ଅର୍ଥରାଶି ସମ୍ମାନିତ ହୋଇଛନ୍ତି । ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ତାଙ୍କ ପାଖକୁ ଛୁଟିଛି ।

## ବିଶ୍ୱ ପରିବେଶ ଦିବସରେ ଝଣଝଣାରେ ବୃକ୍ଷରୋପଣ

କେନ୍ଦୁଝର ,(ଜିପ୍ର) :ବିଶ୍ୱ ପରିବେଶ ଦିବସ ଅବସରରେ ଆନନ୍ଦପୁର ବନଖଣ୍ଡ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଘସିପୁରା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ବିଚାରପତି ଓ ବନ ବିଭାଗର ମିଳିତ ସହଯୋଗରେ ୧୨ଟି ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ବନ ଅଧିକାରୀ ଅଶୋକ କୁମାର ବିଶ୍ୱାଳ, ରେଞ୍ଜ ଅଫିସର ନବକିଶୋର ନାୟକ, ଫରେଷ୍ଟର କେଦାର ପାତ୍ରଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।ସେହିପରି ଢେଙ୍କା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝଣଝଣା ନିଉ କଲୋନୀରେ ମଧ୍ୟ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ରେଞ୍ଜ ଅଫିସର ମାଶାଲ କିସ୍କୁ, ବନପାଳ ମଳୟ କୁମାର ସାହୁଙ୍କ ସହ ନିଉ କଲୋନୀର ବିସ୍ଥାପିତ ଅଞ୍ଚଳର ବହୁ ମହିଳା ଓ ବୃଦ୍ଧବୃଦ୍ଧା ଯୋଗଦେଇଥିଲେ ।ଏହି ଅବସରରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଏକ ଗଛ ଏକ ଜୀବନ ସଂକଳ୍ପ ସହ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁନ୍ଦର ପୃଥିବୀ ଗଢ଼ି ତୋଳିବାକୁ ସେ ସଚେତନତାର ବାର୍ତ୍ତା ଦେଇଥିଲେ । ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପ୍ରତି ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

## ଗାଳ୍ପିକ ରଞ୍ଜନ ପ୍ରଧାନ ପାଇବେ କନହେଇ କଥା ପୁରସ୍କାର

ବାଲେଶ୍ୱର,(ସବ୍ୟୁ): କନହେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଜୁନ୍ ୨୭ ତାରିଖ ଦିନ ବାଲେଶ୍ୱର ସହର ସ୍ଥିତ ଆତିଥ୍ୟ ଭବନରେ ଅନୁଷ୍ଠିତ ହେବ କନହେଇ ଜୟନ୍ତୀ ଉତ୍ସବ ସମାରୋହ । ଏ ସମ୍ପର୍କରେ ସ୍ଥାନୀୟ ସଙ୍କେତ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୋଗରାଇ ବିଧାୟକ ତଥା ସଂସଦର ଆବାହକ ଗୌତମବୁଦ୍ଧ ଦାସ ଯୋଗ ଦେଇ ପ୍ରଥମେ ଫକୀରମୋହନ ସେନାପତିଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ ନେଇ ଏକ ନିନ୍ଦା ପ୍ରସ୍ତାବ ଆଣିଥିଲେ । ଆଜିର ଏହି ବୈଠକରେ ଆସନ୍ତା ଉତ୍ସବର ରୂପରେଖ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା ।



ଚଳିତବର୍ଷ କନହେଇ କଥା ପୁରସ୍କାର ପାଇଁ କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ସମ୍ଭାବ୍ୟ ନାମ ତାଲିକା ପ୍ରଦାନ କରିବା ପରେ ଯୁବ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ ଚଳିତବର୍ଷର କନହେଇ କଥା ପୁରସ୍କାର ପାଇଁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ପୁରସ୍କାର ସ୍ୱରୂପ ଦଶ ହଜାର ନଗଦ ଅର୍ଥ ରାଶି, ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯିବ ବୋଲି ସଂସଦ ପକ୍ଷରୁ କୁହାଯାଇଛି । ପ୍ରକାଶ ଥାଉ କି, ଡକ୍ଟର ରଞ୍ଜନ ପ୍ରଧାନ ୧୯୭୯ ମସିହାରେ କେନ୍ଦ୍ରାପଡ଼ାର ନିଗିନିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ନାତକୋତ୍ତର ଶିକ୍ଷା ପରେ ଉଚ୍ଚତର ଗବେଷଣା କରି ସେ ପିଏଚଡ଼ି ଲାଭ କରିଛନ୍ତି । ତାଙ୍କର ଅଦ୍ୟାବଧି ୨୪ଟି ପୁସ୍ତକ ପ୍ରକାଶ ପାଇଛି ।ତନ୍ମଧ୍ୟରୁ ୩ ଟି କବିତା ପୁସ୍ତକ, ୮ ଟି କ୍ଷୁଦ୍ର ଗଳ୍ପ ସଙ୍କଳନ, ୩ଟି ଉପନ୍ୟାସ ଓ ୧୩ ଟି ଗବେଷଣା ଏବଂ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି । ସେ ତାଙ୍କ ଗଳ୍ପରେ ଆଦିବାସୀ ଜନଜାତିଙ୍କ କଥା ବର୍ଣ୍ଣନା କରିଥିବା ବେଳେ ଜଣେ ମାନବବାଦୀ ଗାଳ୍ପିକ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଗଳ୍ପ ରଚନା ପାଇଁ ସେ ଅଦ୍ୟାବଧି କଳିଙ୍ଗ ପୁସ୍ତକ ମେଳା ପୁରସ୍କାର, କିଶୋରୀ ଚରଣ ପୁରସ୍କାର, ଜାତୀୟ ଯୁବ ପୁରସ୍କାର, ହାଜି ଆସ୍ରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର, ତପସ୍ୟା ସୃଜନ ପୁରସ୍କାର, ଅକ୍ଷୟ ଉପନ୍ୟାସ ପୁରସ୍କାର ଭଳି ୩୦ ରୁ ଅଧିକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । କନହେଇ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ବିଶିଷ୍ଟ କଥାଶିଳ୍ପୀ ପରେଶ କୁମାର ପଟ୍ଟନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ସଦୟ ସମ୍ମତି ପ୍ରଦାନ କରିଛନ୍ତି । ଶେଷରେ ସଂସଦର ସଦସ୍ୟ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶୃଙ୍ଖଳିତ ଭାବେ ଶ୍ରୀ ବଳଦେବଜୀଉଙ୍କର ରଥଯାତ୍ରା ପାଳନ କରିବାକୁ ଜିଲ୍ଲାପାଳଙ୍କ ନିବେଦନ

କେନ୍ଦୁଝର, (ଜିପ୍ର/ସବ୍ୟୁ) :କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଦରବାର ହଲରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବାସହ ° ସହଯୋଗ କାମନା କରିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସମ୍ମାନନୀୟ ଅତିଥିଭାବେ ଉପସ୍ଥିତ ସାଂସଦ ଶ୍ରୀଅନନ୍ତ ନାୟକ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ



ପ୍ରଶାସନକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ପାଇଁ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁକାନ୍ତ କୁମାର ମାଝୀ, ଆଇଏଏସ ପ୍ରୋବେସନର ଜିତେନ୍ଦ୍ର କୁମାର, କେନ୍ଦୁଝରଗଡ଼ର ବରିଷ୍ଠ ବୁଦ୍ଧିଜୀବି, ସେବାୟତ, ଜନସାଧାରଣ ବୈଠକରେ ଉପସ୍ଥିତ ଥିଲେ । ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଶ୍ରୀ ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ୨୯ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୧୪ ଜୁଲାଇରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଜୁଲାଇ ୧୫ ଉଭା ଯାତ୍ରା ଓ ରଥ ଆଜ୍ଞାମାଳ ବିଜେ, ୧୬ ଜୁଲାଇ ଶ୍ରୀଗୁଣ୍ଡିଚା ଯାତ୍ରା, ୧୭ ଜୁଲାଇ ଶ୍ରୀଗୁଣ୍ଡିଚା ମନ୍ଦିର ବିଜେ, ୨୦ ଜୁଲାଇରେ ହେରା ପଂଚମୀ, ୨୩ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୨୪ ଜୁଲାଇରେ ବାହୁଡା ଯାତ୍ରା, ୨୫ ଜୁଲାଇରେ ଠାକୁରଙ୍କ ସୁନାବେଶ, ୨୬ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସେଓ୍ୱଚ୍ଛାସେବୀ ନିୟୋଜନ, ସଓ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ ନିମନ୍ତେ ଭୂମି ଚିହ୍ନଟ ଓ ଆବଂଟନ, ବଡଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଂଟନ, ବ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସଓ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ ପାସ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡିସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଶୁଭମ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ,(ସବ୍ୟୁ): ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଶୁଭମର ସଭାପତି ହୃଷିକେଶ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମୂଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ,ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱା,ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଫାରୁଦ ମହମ୍ମ,ଗାନ୍ଧୀ ଓଡିଶା ବାଳାଶ୍ରମର ସମ୍ପାଦକ ସମାଜସେବୀ ଅଶୋକ କୁମାର ଦାସ,ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିବା ସହିତ ସବୁଜ ବନାନୀ ପାଇଁ ପ୍ରତେକ ବ୍ୟକ୍ତି ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପରିବେଶ ସମ୍ପର୍କିତ କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ର ନାରାୟଣ ହୋ.ରାଜା ମଲ୍ଲିକ,ସୁନୀଲ ମାଝୀଙ୍କୁ ସଂଗଠନ ପକ୍ଷରୁ ମେମୋଣ୍ଟ ସାର୍ଟିଫିକେଟ ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଆଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥିମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସଂଗଠନର ଉପସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ୟେଜଦି ଓ ବିଏସଏ ସ୍କ୍ରାମ୍ବଲରର ଶୁଭାରମ୍ଭ

କରଞ୍ଜିଆ: ୟେଜଦି ଏବଂ ବିଏସଏ ପକ୍ଷରୁ ନୂତନ ସ୍କ୍ରାମ୍ବଲର ରିଟେଲ୍ ର ଶୁଭାରମ୍ଭ କରାଯାଇଛି ଯାହା ଏବେ ବାରିପଦାରେ କମ୍ପାନୀର ଅଧିକୃତ ଡିଲରସିପରେ ଉପଲବ୍ଧ ହେଉଛି । ମୂଳ ସ୍କ୍ରାମ୍ବଲର ଲିନିଏଜ୍ ସହିତ ଉଭୟ ବ୍ରାଣ୍ଡ ରାଇଡରଙ୍କ ପାଇଁ ଭିନ୍ନ ଭିନ୍ନ ମୂଲ୍ୟରେ ଦୁଇଟି ଭିନ୍ନ ମୋଟରସାଇକେଲ୍ ଆଣିଛନ୍ତି । ୟେଜଦି ସ୍କ୍ରାମ୍ବଲର ୩୫୦ ଏବଂ ବିଏସଏ ସ୍କ୍ରାମ୍ବଲରରେ ୬୫୦ ଉଦ୍ଦେଶ୍ୟ-ନିର୍ମିତ ପାୱାରଟ୍ରେନ୍ ଏବଂ ଦୃଢ ମ୍ୟାଗନେଟିକ୍ ଡିଜାଇନ୍ ରହିଛି । ଭାରତର ସବୁଠାରୁ ହାଲୁକା ୩୫୦ ସିସି ସ୍କ୍ରାମ୍ବଲର ଭାବେ ୟେଜଦି ସ୍କ୍ରାମ୍ବଲରକୁ ସହରାଞ୍ଚଳ ଯାତ୍ରା ଏବଂ ୱିକେଣ୍ଡ ଯାତ୍ରା ପାଇଁ ନିର୍ମାଣ କରାଯାଇଛି ।

# ଝଞ୍ଜା: ନାରୀଜୀବନ ଓ ସାମାଜିକ ପରିବର୍ତ୍ତନର ଉପନ୍ୟାସ



ଭାସ୍କର ପରିଚ୍ଛା

ଆଧୁନିକ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ କୃତିମାନଙ୍କ ମଧ୍ୟରେ 'ଝଞ୍ଜା'ର ସ୍ଥାନ ସ୍ୱତନ୍ତ୍ର ଓ ଚିରସ୍ମରଣୀୟ । ଓଡ଼ିଆ ଉପନ୍ୟାସର ଅନ୍ୟତମ ଶିଳ୍ପୀ କାହ୍ନୁ ଚରଣ ମହାନ୍ତିଙ୍କ ରଚିତ ଏହି ଉପନ୍ୟାସଟି ଓଡ଼ିଆ କଥା ସାହିତ୍ୟରେ ଏକ ନୂଆ ଦିଗର ସୂଚନା ଦେଇଥିଲା । ୧୯୪୯ ମସିହାରେ ପ୍ରଥମେ ପ୍ରକାଶିତ ଏହି କୃତି,



ସାମାଜିକ ସଂସ୍କାରଧର୍ମୀ କାହାଣୀର ସୀମା ଅତିକ୍ରମ କରି ମଣିଷ ମନର ଗଭୀର ଭାବନା, ଦ୍ୱନ୍ଦ୍ୱ ଓ ମନଃସ୍ତତ୍ତ୍ୱର ଜଟିଳତାକୁ ଅନ୍ୱେଷଣ

ସେ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ଶକ୍ତିଶାଳୀ ନାରୀ ଚରିତ୍ରମାନଙ୍କ ମଧ୍ୟରେ ଗଣ୍ୟ ।

ଆହୁରି ମଧ୍ୟ, 'ଝଞ୍ଜା' ବିଂଶ ଶତାବ୍ଦୀର ମଧ୍ୟଭାଗର ଓଡ଼ିଶାର ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରିଥାଏ । ସେତେବେଳେ ସମାଜ ପରିବର୍ତ୍ତନର ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଯାଉଥିଲା । ଗୋଟିଏ ପଟେ ପାରମ୍ପରିକ ମୂଲ୍ୟବୋଧ ଅତ୍ୟନ୍ତ ଦୃଢ଼ ଥିବାବେଳେ ଅନ୍ୟପଟେ ଶିକ୍ଷା, ବ୍ୟକ୍ତି ସ୍ୱାଧୀନତା ଓ ନାରୀ ଅଧିକାର ସମ୍ପର୍କୀୟ ନୂତନ ଚିନ୍ତାଧାରା ଉଦ୍ଭବ ହେଉଥିଲା । ଲେଖକ ଏହି ପରିବର୍ତ୍ତନଶୀଳ ସମୟକୁ ଅତ୍ୟନ୍ତ ସଂବେଦନଶୀଳ ଭାବରେ ଧରି ପାରିଛନ୍ତି ।

ଉପନ୍ୟାସର ଆଉ ଏକ ବିଶେଷତା ହେଉଛି ଏହାର ମନୋବୈଜ୍ଞାନିକ ବାସ୍ତବତା । କାହାଣୀର ଚରିତ୍ରମାନେ କଳା-ଧଳାର ସରଳ ବିଭାଜନରେ ବନ୍ଧା ନୁହନ୍ତି । ସେମାନଙ୍କର ଦୁର୍ବଳତା, ଆକାଂକ୍ଷା, ଭୟ ଓ ନୈତିକ ସଂଘର୍ଷ ସେମାନଙ୍କୁ ଅଧିକ ବାସ୍ତବ ଓ ବିଶ୍ୱସନୀୟ କରିଛି । ଏହି ଗଭୀର ମନୋବୈଜ୍ଞାନିକ ବିଶ୍ଳେଷଣ ଉପନ୍ୟାସଟିକୁ ସମକାଳୀନ ରଚନାମାନଙ୍କଠାରୁ ପୃଥକ କରିଥିଲା ।

ସାହିତ୍ୟିକ ଦୃଷ୍ଟିରୁ ଝଞ୍ଜା ଏକ ଅସାଧାରଣ କୃତି । କାହ୍ନୁ ଚରଣଙ୍କ ଭାଷା ସରଳ, ସ୍ୱଚ୍ଛ ଓ ପ୍ରଭାବଶାଳୀ । ସେ ଅତ୍ୟଧିକ ଅଳଙ୍କାର ନ ବ୍ୟବହାର କରି ମଧ୍ୟ ପାଠକଙ୍କୁ ଚରିତ୍ରମାନଙ୍କ ଅନ୍ତର୍ଜଗତରେ ପ୍ରବେଶ କରାଇବାରେ ସଫଳ ହୋଇଛନ୍ତି । ବାହ୍ୟ ଘଟଣା ଓ ଅନ୍ତର୍ମୁଖୀ ଚିନ୍ତନର ସୁନ୍ଦର ସମନ୍ୱୟ ଉପନ୍ୟାସକୁ ଏକ ସ୍ୱତନ୍ତ୍ର କଳାତ୍ମକ ମର୍ଯ୍ୟାଦା ଦେଇଛି ।

ଓଡ଼ିଆ ଉପନ୍ୟାସର ଇତିହାସରେ ଝଞ୍ଜା ଏକ ଯୁଗାନ୍ତକାରୀ କୃତି ଭାବେ ପରିଗଣିତ । ଏହା ପ୍ରମାଣ କରିଥିଲା ଯେ ଉପନ୍ୟାସ କେବଳ ସାମାଜିକ ଘଟଣାବଳୀର ବର୍ଣ୍ଣନା ନୁହେଁ ଏହା ମନୁଷ୍ୟର ଚେତନା, ଭାବନା ଓ ବ୍ୟକ୍ତିତ୍ୱର ଜଟିଳତାକୁ ମଧ୍ୟ ଅନ୍ୱେଷଣ କରିପାରେ । ଏହି କୃତି ଓଡ଼ିଆ କଥାସାହିତ୍ୟର ସମ୍ଭାବନାକୁ ନୂଆ ଦିଗରେ ବିସ୍ତାର କରିଥିଲା ।

## ପୁନରାବଲୋକନ-୧୫

କରିଥିଲା ।

'ହା ଅନ୍ନ' ଓ 'ଶାସ୍ତି' ପରି ଉପନ୍ୟାସ ମାଧ୍ୟମରେ କାହ୍ନୁ ଚରଣ ଗ୍ରାମୀଣ ଓଡ଼ିଶାର ଜୀବନକୁ ଯେପରି ସଜୀବ ଭାବରେ ଚିତ୍ରଣ କରିଥିଲେ, ଝଞ୍ଜାରେ ସେ ତାହାଠାରୁ ଆହୁରି ଗଭୀରକୁ ପ୍ରବେଶ କରି ମନୁଷ୍ୟର ଅନ୍ତର୍ଜଗତକୁ ଆଲୋକିତ କରିଛନ୍ତି । ବିଶେଷକରି ନାରୀମନର ଆକାଂକ୍ଷା, ବେଦନା, ସଂଘର୍ଷ ଓ ଆତ୍ମପରିଚୟର ସନ୍ଧାନକୁ ସେ ଅତ୍ୟନ୍ତ ସୂକ୍ଷ୍ମତାର ସହ ଉପସ୍ଥାପନ କରିଛନ୍ତି ।

ଉପନ୍ୟାସର କେନ୍ଦ୍ରବିନ୍ଦୁରେ ଅଛନ୍ତି କ୍ଷଣପ୍ରଭା-ଓଡ଼ିଆ ସାହିତ୍ୟର ଜଣେ ସ୍ମରଣୀୟ ନାରୀ ଚରିତ୍ର । ତାଙ୍କ ଜୀବନ ମାଧ୍ୟମରେ ଲେଖକ ବ୍ୟକ୍ତିଗତ ଇଚ୍ଛା ଓ ସାମାଜିକ ବାଧ୍ୟବାଧକତା ମଧ୍ୟରେ ଥିବା ସଂଘାତକୁ ଉଦ୍ଘାଟିତ କରିଛନ୍ତି । କ୍ଷଣପ୍ରଭା କେବଳ ଜଣେ ନିର୍ଯାତିତା ନାରୀ ନୁହନ୍ତି, କିମ୍ବା କେବଳ ବିଦ୍ରୋହର ପ୍ରତୀକ ମଧ୍ୟ ନୁହନ୍ତି ସେ ଜଣେ ସଜୀବ, ସଂବେଦନଶୀଳ ଓ ଜଟିଳ ମାନବୀୟ ଚରିତ୍ର, ଯାହାଙ୍କ ଅନ୍ତର୍ଦ୍ୱନ୍ଦ୍ୱ ତତ୍କାଳୀନ ସମାଜରେ ନାରୀମାନଙ୍କ ସ୍ଥିତିକୁ ପ୍ରତିଫଳିତ କରିଛି ।


'ଝଞ୍ଜା' ଶୀର୍ଷକଟି ମଧ୍ୟ ଉପନ୍ୟାସର ମୂଳ ଭାବକୁ ପ୍ରତୀକାତ୍ମକ ଭାବେ ବ୍ୟକ୍ତ କରେ । ଏହି ଝଡ଼ କେବଳ ପ୍ରକୃତିର ନୁହେଁ ଏହା ମନର, ଭାବନାର ଓ ସମାଜର ଝଡ଼ । ଯେତେବେଳେ ବ୍ୟକ୍ତିଗତ ଆକାଂକ୍ଷା, ସାମାଜିକ ପ୍ରଥା ଓ ରୂଢ଼ିବାଦ ସହିତ ଧକ୍କା ଖାଏ, ସେତେବେଳେ ଯେ ତୁମୁଳ ଅସ୍ଥିରତା ସୃଷ୍ଟି ହୁଏ, ସେହି ହେଉଛି ଏହି ଉପନ୍ୟାସର 'ଝଞ୍ଜା' ।

ଉପନ୍ୟାସର ଅନ୍ୟତମ ପ୍ରମୁଖ ବିଷୟ ହେଉଛି ବିବାହ ଓ ନାରୀ-ପୁରୁଷ ସମ୍ପର୍କ । କାହ୍ନୁ ଚରଣ ବିବାହକୁ କେବଳ ଏକ ସାମାଜିକ ଅନୁଷ୍ଠାନ ଭାବରେ ନୁହେଁ, ବରଂ ଶକ୍ତି, ସ୍ନେହ, ତ୍ୟାଗ, ଆଶା ଓ ନିୟନ୍ତ୍ରଣର ଏକ ଜଟିଳ କ୍ଷେତ୍ର ଭାବରେ ଦେଖିଛନ୍ତି । କ୍ଷଣପ୍ରଭାଙ୍କ ଅନୁଭବ ମାଧ୍ୟମରେ ସେ ନାରୀର ସ୍ୱାଧୀନତା, ଭାବନାତ୍ମକ ପୂର୍ଣ୍ଣତା ଓ ପିତୃପ୍ରଧାନ ସମାଜର ଅସମାନତାକୁ ପ୍ରଶ୍ନ କରିଛନ୍ତି ।

ନାରୀର ସ୍ୱାଧୀନ ସତ୍ତା ଓ ସ୍ୱନିର୍ଣ୍ଣୟ କ୍ଷମତା ଉପନ୍ୟାସର ମୂଳ କେନ୍ଦ୍ରବିନ୍ଦୁ । ଯେଉଁ ସମୟରେ ସାହିତ୍ୟରେ ନାରୀମାନଙ୍କୁ ପ୍ରାୟତଃ ଆଦର୍ଶର ପ୍ରତୀକ ଓ ଅସହାୟ ରୂପେ ଚିତ୍ରିତ କରାଯାଉଥିଲା, ସେହି ସମୟରେ କାହ୍ନୁ ଚରଣ କ୍ଷଣପ୍ରଭାଙ୍କୁ ଏକ ସ୍ୱତନ୍ତ୍ର ଚିନ୍ତା ଓ ବ୍ୟକ୍ତିତ୍ୱର ଅଧିକାରିଣୀ ଭାବେ ଗଢ଼ିଥିଲେ । ଏହି କାରଣରୁ

ସାତ ଦଶନ୍ଧିରୁ ଅଧିକ ସମୟ ପରେ ମଧ୍ୟ ଝଞ୍ଜା ତାହାର ପ୍ରାସଙ୍ଗିକତା ହରାଇ ନାହିଁ । ନାରୀ-ପୁରୁଷ ସମ୍ପର୍କ, ବ୍ୟକ୍ତିଗତ ସ୍ୱାଧୀନତା, ସାମାଜିକ ବାଧ୍ୟବାଧକତା ଓ ଆତ୍ମସମ୍ମାନର ପ୍ରଶ୍ନ ଆଜି ମଧ୍ୟ ସମାନ ଭାବରେ ଆଲୋଚନାର ବିଷୟ । ଏହି କାରଣରୁ ଉପନ୍ୟାସଟି କେବଳ ଏକ ଐତିହାସିକ ସାହିତ୍ୟକୃତି ନୁହେଁ, ବରଂ ଏକ ଚିରନ୍ତନ ମାନବୀୟ ଦଲିଲ ।

ଓଡ଼ିଆ ଉପନ୍ୟାସର ବିକାଶ ଇତିହାସରେ ଝଞ୍ଜା ଏକ ମାଇଲଖୁଣ୍ଟ । ଏହା ମାନବ ହୃଦୟର ଗୁପ୍ତ ଝଡ଼କୁ ଉନ୍ମୋଚନ କରିବା ସହିତ ସମାଜର ପରିବର୍ତ୍ତନଶୀଳ ଚିତ୍ରକୁ ମଧ୍ୟ ଅତ୍ୟନ୍ତ କଳାତ୍ମକ ଭାବରେ ଉପସ୍ଥାପନ କରିଛି । ଅସାଧାରଣ ସାହିତ୍ୟିକ ଗୁଣ, ମନଃସ୍ତାତ୍ତ୍ୱିକ ଗଭୀରତା ଓ ସାମାଜିକ ସଚେତନତାର ଅପୂର୍ବ ସମନ୍ୱୟ ଯୋଗୁଁ ଝଞ୍ଜା ଆଜି ମଧ୍ୟ ଓଡ଼ିଆ ସାହିତ୍ୟର




ଶ୍ରେଷ୍ଠ ଉପନ୍ୟାସମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ।

ଆନନ୍ଦର କଥା, ଏହି ଉପନ୍ୟାସଟି ଇଂରାଜୀ ଭାଷାରେ ଅନୁବାଦ ହୋଇଛି । The Storm ଶୀର୍ଷକରେ ବିଜୟ କୁମାର ନନ୍ଦ ଏହାକୁ ଅନୁବାଦ କରିଛନ୍ତି ଏବଂ ନ୍ୟାସନାଲ ବୁକ ଟ୍ରଷ୍ଟ ୨୦୧୨ରେ ଏହି କାଳଜୟୀ ଉପନ୍ୟାସଟିକୁ ପ୍ରକାଶ କରିଛନ୍ତି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**




ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ଏକ୍ସରେ ଉଲ୍ଲେଖ କରିଛନ୍ତି, 'ସେ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ । ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡି ଯାଇଥିବା ସ୍ୱର୍ଗତ ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି ।'

**ମୋହନ ଚରଣ ମାଝୀ**
**(ମୁଖ୍ୟମନ୍ତ୍ରୀ, ଓଡ଼ିଶା)**

ମହାନ ସାରସ୍ୱତ ସାଧକ ଏବଂ ଜଣେ ଦକ୍ଷ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସ ଇହଧାମରୁ ବିଦାୟ ନେଇଯିବାର ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ । ତାଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା । ସେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପୁସ୍ତକ ରଚନା କରି ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଅଛନ୍ତି । ତାଙ୍କର ଅମର ସୃଷ୍ଟି 'ଦେଶ, କାଳ, ପାତ୍ର' ଅତ୍ୟନ୍ତ ଜନପ୍ରିୟ ହୋଇଥିଲା । ସେ ଏକାଧାରରେ ଜଣେ ବିଶିଷ୍ଟ କବି ଏବଂ କଥାଶିଳ୍ପୀ । ତାଙ୍କର ତିରୋଧାନରେ ଓଡ଼ିଆ ସାହିତ୍ୟରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ତାଙ୍କର ଅମର ଆତ୍ମା ପ୍ରତି ମୋର ହୃଦୟର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ଡ. ରବି ନାରାୟଣ ସେନାପତି**
**(ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ ଅର୍ଥ କମିଶନ )**

## କବି ଜେପି ଦାସଙ୍କ ସ୍ମରଣରେ

ବହୁ ବର୍ଷ ତଳେ ଥରେ ଭୁବନେଶ୍ୱର ଏଆରପୋର୍ଟରେ ଜେପି ଦାସଙ୍କ ସହ ଦୀର୍ଘ ସମୟ ଗପିବାର ଗୋଟେ ସୁଯୋଗ ମିଳିଥିଲା । ତାଙ୍କର ଦିଲ୍ଲୀ ଫ୍ଲାଇଟ୍ ଓ ମୋର ମୁମ୍ବାଇ ଫ୍ଲାଇଟ୍ ବିଳମ୍ବ ହେଇଯାଇ ଥାଏ । ଫଳରେ ଗୋଟାଏ ଜାଗାରେ ଦୀର୍ଘ ସମୟ କାଟିବା ଲାଗି କେତେ କଥା ସେଦିନ ହେଇ ପାରିଲା ।

ଏମିତିରେ ୧୯୯୨ ମସିହାରୁ ତାଙ୍କ ସହିତ ଚିଠିପତ୍ରର ସମ୍ପର୍କ ଥିଲା ଓ ମୁଁ ୨୦୦୦ ମସିହା ପରଠୁ ଦିଲ୍ଲୀରେ ଅବସ୍ଥାପିତ ଥିଲାବେଳେ ସାହିତ୍ୟ ଏକାଡେମୀ କାର୍ଯ୍ୟରେ ସେ ଦେଖା ହେଉଥିଲେ । ହସକୁରା ମଣିଷ ଜଣିଏ ଥିଲେ ସେ । ସାଧାରଣ ଲୋକଙ୍କ ଭାଷା ଓ ସାଙ୍କେତିକ ଶବ୍ଦ ମାଧ୍ୟମରେ ସେ କବିତା,ଗଳ୍ପ, ଉପନ୍ୟାସ ଓ ନାଟକ ଲେଖିଛନ୍ତି ।

ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ।

**ଅଖିଳ କୁମାର ମିଶ୍ର**
**(ଅତିରିକ୍ତ ମହାନିର୍ଦ୍ଦେଶକ ,ପିଆଇବି,ଭୁବନେଶ୍ୱର)**

ନିଜର ସାରସ୍ୱତ ସାଧନାର ସବୁ ଦିଗକୁ ସକ୍ଷମ ଓ ବିକାଶ କରିବା ପାଇଁ ଜେ.ପି. ସରକାରୀ ଚାକିରି ଛାଡି ଦିଲ୍ଲୀ ଓ ଓଡ଼ିଶାର ପ୍ରାୟ ସବୁ ସାହିତ୍ୟିକଙ୍କ ସହ ଭଲ ସମ୍ପର୍କର ଜୀବନ୍ତ ଉଦାହରଣ ଆମ ସମସ୍ତଙ୍କ ସାମନାରେ ରଖିଥିଲେ । ଦିଲ୍ଲୀରେ ପଢ଼ିବାକୁ ଆସିଲା ପରେ ୧୯୭୬ରୁ ତାଙ୍କ ସହ ମୋର ସମ୍ପର୍କ । ଓଡ଼ିଶା ଭବନରେ ତାଙ୍କ ସରକାରୀ ବାସସ୍ଥାନରେ, ହସ୍‌ଖାଜ୍‌ର ଘରେ ଓ ଆଇ. ଆଇ. ସି (ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟର)ରେ ତାଙ୍କ ସହ ଭେଟ ହେଉଥିଲା । ବୟସ ଓ ପେଷାର ବ୍ୟବଧାନ ଥାଇ ମଧ୍ୟ ତାଙ୍କ ସହ ବନ୍ଧୁତା ହୋଇ ଯାଇଥିଲା । ଯେମିତି ତାଙ୍କ ଭାଷାରେ 'ଏଇ ତ ଜୀବନଯାପନର ନିଜତ୍ୱ/ ସମସ୍ତେ ଆଖପାଖରେ ।' ମୋ ପ୍ରଣାମ ତାଙ୍କର ଅମର ଆତ୍ମା ଉଦ୍ଦେଶ୍ୟରେ ।

**ଅମରେନ୍ଦ୍ର ଖଟୁଆ**
**(ବିଶିଷ୍ଟ ସାହିତ୍ୟିକ)**

## ସ୍ୱାଭିମାନର ବିରଳ ନିଦର୍ଶନ ଓ ମହାନ ସାହିତ୍ୟିକ ସେ

ଓଡ଼ିଶାର ସଂସ୍କୃତି, ଐତିହ୍ୟର ବିଶ୍ୱାୟନ ଦିଗରେ ପ୍ରମୁଖ ସାଧକ, ମହାନ ସମାଜ ସୁଧାରକ ଜଗନ୍ନାଥ ପ୍ରସାଦଙ୍କ ପାର୍ଥିବ ଅବର୍ତ୍ତମାନ ଓଡ଼ିଶା ସର୍ବୋପରି ଭାରତ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ । ବିଜ୍ଞାପନ ପ୍ରଚାର ପ୍ରତି ଉଦାସୀନ ଜଗନ୍ନାଥ ପ୍ରସାଦଙ୍କ ପରି ଅନନ୍ୟ ବ୍ୟକ୍ତିତ୍ୱ ହିଁ କେବଳ ପ୍ରତ୍ୟାଖାନ କରି ପାରନ୍ତି କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର । ଯଦିଓ ସେହି ପୁରସ୍କୃତ 'ଆହ୍ନିକ' ପୁସ୍ତକ ହିନ୍ଦୀ, ବଙ୍ଗଳା ସମେତ ବିଭିନ୍ନ ଭାରତୀୟ ଭାଷାରେ ଅନୁଦିତ । ସେହିଭଳି 'ଉତ୍କଳ ସାହିତ୍ୟ ସମାଜ' ସମେତ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପ୍ରତି ତାଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଅବିସ୍ମରଣୀୟ ।

ତାଙ୍କର ସଂସ୍ପର୍ଶ ଧନ୍ୟ । ପ୍ରତ୍ୟେକେ ଉପଲବ୍ଧି କରିଥିବେ ସେ କେତେ ସମ୍ଭ୍ରମ, ଶାଳୀନ, ମାର୍ଜିତ ଓ ସମୟାନୁବର୍ତ୍ତୀ ଥିଲେ । ସାହିତ୍ୟର ବିବିଧ ବିଭାଗରେ ଥିଲା ତାଙ୍କର ଦୂରଦର୍ଶୀ ଚେତନାର ସ୍ପର୍ଶ । ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଭୂମିଷ୍ଠ ପ୍ରଣାମ ମୋର ।

**ଅମରେଶ ପଟ୍ଟନାୟକ**
**(ବିଶିଷ୍ଟ କବ)**

ବହୁଧା ପ୍ରତିଭାର ଅଧିକାରୀ, ଓଡ଼ିଆ ସାହିତ୍ୟ ଜଗତର ଉଜ୍ଜ୍ୱଳତମ ନକ୍ଷତ୍ର ଜଗନ୍ନାଥ ପ୍ରସାଦ ଦାସ (ଜେପି) ଆମ ଗହଣରେ ଆଉ ନାହାନ୍ତି । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । କୋଲକାତାରୁ ପ୍ରକାଶିତ 'ପ୍ରତିବେଶୀ' ପତ୍ରିକାର ସେ ଥିଲେ ବଡ଼ ଶୁଭାକାଂକ୍ଷୀ । ଲେଖକଙ୍କର ମୃତ୍ୟୁ ନାହିଁ । ତାଙ୍କ କର୍ମକୃତି ଚିରସ୍ମରଣୀୟ ରହୁ । ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ।

**ପିତାମ୍ବର ବାରିକ,**
**(ସମ୍ପାଦକ 'ପ୍ରତିବେଶୀ' , କୋଲକାତା)**

### ଜେପିଙ୍କ ପ୍ରଥମ କବିତା ପୁସ୍ତକ

# 'ପ୍ରଥମ ପୁରୁଷ'ର ସମାଲୋଚନା



ନିତ୍ୟାନନ୍ଦ ମହାପାତ୍ର

ପ୍ରଥମ ପୁରୁଷ ଏକ ଜୀବନ ଚିନ୍ତା । ବହୁ ବିକ୍ଷିପ୍ତ ବ୍ୟକ୍ତିତ୍ୱ ଘେନି ମନୁଷ୍ୟର ଅନ୍ତଃମୁଖୀ ମନର ପ୍ରତିଛବି ଶ୍ରୀ ଜଗନ୍ନାଥ ଦାସଙ୍କର 'ପ୍ରଥମ ପୁରୁଷ' । ଲେଖକ ପୁସ୍ତକର ପ୍ରତ୍ୟେକ ଅଙ୍ଗରେ ନୂତନର ମୁଦ୍ରା ଅଙ୍କନ କରିଛନ୍ତି- କେବଳ ଆଧେୟ ଓ ଆଧାରରେ ନୁହେଁ, ପରିଚ୍ଛଦରେ ମଧ୍ୟ । ପ୍ରଚ୍ଛଦରେ ଅନଭିବ୍ୟକ୍ତ ଗର୍ଭସ୍ଥ ଏକ ବ୍ୟକ୍ତିତ୍ୱର ସଂକେତ । ପୃଷ୍ଠାଙ୍କନରହିତ ଗୋଟାଏ ଅନଭ୍ୟସ୍ତ ଆକାର ଧରି ପୁସ୍ତକର ପରିବ୍ୟାପ୍ତିରେ ଅସୀମତାର ସଂକେତ । ଅଖଣ୍ଡ ଏକକ, ଏକ ଚିନ୍ତାର ସାମୟିକ ବିରତିର ଆବଶ୍ୟକତା ନାହିଁ ଭିନ୍ନ ଭିନ୍ନ ଉପାଧିରେ କବିତାଟିକୁ ବିଭୂଷିତ କରିଛି । ଇଂରାଜୀ ଭାଷା ଲେଖାରେ ବିରାମର ବିବଧ ଚିହ୍ନ ଓଡ଼ିଆ ଭାଷାରେ ପ୍ରବେଶ ପରିଥିଲେ ହେଁ, ଏହି ଆଲେଖ୍ୟକୁ ତାର ମୋହ ବିଶେଷ ଗ୍ରାସ କରିନାହିଁ । ତେଣୁ ଏହାକୁ ଆଧୁନିକତାର ପରିପନ୍ଥୀ ବୋଲି କେହି କେହି ସମାଲୋଚନା କରିବା ବିଚିତ୍ର ନୁହେଁ । ମାତ୍ର ସେ ସବୁ ଚିହ୍ନର ଆବଶ୍ୟକତା ଅଧ୍ୟୟନ କାଳରେ ବିଶେଷ ଉପଲବ୍ଧି ହୁଏ ନାହିଁ ।

ଗଦ୍ୟ ହେଲେ ହେଁ ଅର୍ନ୍ତନିହିତ ଛନ୍ଦ ଏକ, ସମଗ୍ର ପୁସ୍ତକର । ନିରାଡମ୍ବର ଭାଷା କେବଳ ଭାବର ଗଭୀରତାକୁ ମାପ କରିବାକୁ ଯାଇଁ ସନ୍ତରଣ ହିଁ କରି ଚାଲିଛି, ବେଳେ ବେଳେ ନିମନ୍ତ୍ରିତ ହେବାକୁ ଚେଷ୍ଟା କରି । ଆଧୁନିକ କବିତାର ନାନା ଧର୍ମରେ ଦୀକ୍ଷିତ କ୍ଷୁଦ୍ର, ପ୍ରାନ୍ତ ଯମକହୀନ ଏହି କାବ୍ୟ । କେଉଁଠି ଲେଖକ ଜୀବନର ଯେଉଁ ପରିଧି, ତାର କେନ୍ଦ୍ରକୁ ଛାଡ଼ି ପରିଧିର ବାହାରକୁ ଯାଇ ଦେଖିଛନ୍ତି କେତେ ନୂତନ ଉପମା । କେଉଁଠି ଦେଖିଛନ୍ତି ଅସାମଞ୍ଜସ୍ୟରେ ସାମଞ୍ଜସ୍ୟ, ଆକାଶରେ ବୁଲୁଥିବା ଚନ୍ଦ୍ର ସୂର୍ଯ୍ୟ ଭଳି ଛାଇ ସବୁ । କେଉଁଠି ଏକାନ୍ତ ନିଜସ୍ୱ ଅନୁଭୂତି ବ୍ୟକ୍ତ ହୋଇଛି ଭଲ ପାଇବା ଓ ଭୁଲିଯିବାର ବ୍ୟବଧାନକୁ ଲକ୍ଷ୍ୟ କରି । 'ପ୍ରଥମ ପୁରୁଷ' ହେଲେହେଁ ଏଥିରେ ଅହଙ୍କାର ନାହିଁ । 'ଅହଂ'ର ବିଭକ୍ତି ଯୋଗରେ ପ୍ରଥମ ପୁରୁଷ ଯେତେ ରୂପ ନିଏ ତାର ବିଶ୍ଳେଷଣ ଅଛି । କେତେବେଳେ ସେ ଆବିଷ୍କାର କରିଛି, ଗୋଟାଏ ସିଗାରେଟ ଟିଣ ଆଉ କେତୁଟା ରେଜା ପଇସା ତାର ସର୍ବସ୍ୱ । ଜୀବନର ଯାବତୀୟ ଅନୁଭୂତି ସବୁ କ୍ଷଣିକ । କେତେବେଳେ ଆବିଷ୍କାର କରିଛି ଜୀବନର ସମସ୍ତ ସଂପ୍ରଦାନ, ପର୍ଯ୍ୟବେଶିତ ହୋଇଛି କେବଳ ଅନେକ ପଥର ମୁହଁକୁ ଜୀବନ୍ୟାସ ଦେବାରେ । କେତେବେଳେ




ଆପଣା ଭିତରେ ଆପଣାକୁ ଖୋଜି ସେ ପାଇଛନ୍ତି ଆପଣାର ଶବ । ତାହାହିଁ ଯେପରି ମନୁଷ୍ୟର ଅଧିକରଣ । ନାନା ବିଫଳତା ଭିତରେ ମନୁଷ୍ୟ ତଥାପି ବିଜୟୀ । ସେ ଦେଖେ ନିଶ୍ଚିତ ଭାବରେ ସେ ଜିତିଛି । ସଫଳତାର ସତ୍ୟ ସବୁ ବୟସ୍କା ହୋଇ ପଳାଇ ଯାଆନ୍ତି । ନୂତନ ସତ୍ୟର ସନ୍ଧାନ ମିଳେ । ସେ ମଧ୍ୟ ପୁରୁଣା ହୁଏ । ସେ ମଧ୍ୟ ଚାଲିଯା'ନ୍ତି ନୂଆ ବତିଘର ସନ୍ଧାନରେ । ତାହାହିଁ ସତ୍ୟ- ନୂତନତାର ସନ୍ଧାନ । ସକାଳ ହୁଏ । ପୁଣି ଆଉ ରାତିର ପ୍ରତୀକ୍ଷା । ଆଧୁନିକ କବିତାର ଅନେକ ବିଫଳତା ଭିତରେ ଆତ୍ମାର ନିବିଡ଼ ପରିଚୟ 'ପ୍ରଥମ ପୁରୁଷ'ର ଏକ ନିର୍ଘାତ ଧର୍ମ ।

**ରଚନାକାଳ-ଭୁବନେଶ୍ୱର, ତା ୦୨/ ୦୬/୭୨ ରିଖ ।**
**(ସୌଜନ୍ୟ: ଜୁନ୍ ୧୯୭୨ ସଂଖ୍ୟା 'ଡଗର' ପୃଷ୍ଠା-୨୩)**

## ଜେପିଙ୍କ କାଳଜୟୀ କବିତା କତିପୟ

### ବିଦାୟ ମାଗିବା ବେଳେ

ବିଦାୟ ମାଗିବା ବେଳେ
ଆଉ କିଛି ରହିଯାଏ ନାହିଁ
ସମୁଦ୍ର ମଝିରେ ଅଧୋଗାମୀ ଲୋକର
ବୁଡିଯିବା ବେଳେ
ଚିତ୍କାରର କୌଣସି ଇଚ୍ଛା ନ ଥାଏ
ବିଦାୟ ମାଗିବା ଲୋକ ଭାବେ
ପ୍ରେମରୁ କେତେ ଅଲଗା ଥିଲା ଭଲ ପାଇବା
ବଞ୍ଚିବାରୁ କେତେ ଅଲଗା ଥିଲା ଜୀବନ
ଗାଇବାର କେତେ ଦୂରରେ ସଂଗୀତ
ବୁଡିଯିବା ଲୋକ ଭାବେ
ଏବଂ ନିଜକୁ ସମର୍ପଣ କରି ଦିଏ
ଲହରୀରୁ ପୃଥକ ସମୁଦ୍ରକୁ ଖୋଜୁ ଖୋଜୁ
ନିଜକୁ ଅଲଗା କରିଦିଏ ବିଦାୟ ମାଗିବାରୁ
ବୁଡି ଯାଉଥିବା ଲୋକ ।
****

### କିଏ ଜାଣିଛି କେତେ ସମୟ

କିଏ ଜାଣିଛି କେତେ ସମୟ ନେଇ
ସନାତନ କାଳ ଅନନ୍ତ କାଳ
କେତେ କ୍ଷଣର ସମନ୍ୱୟରେ ଚିରନ୍ତନ
କିଏ କହି ପାରିବ ସୀମାହୀନର ଦୂରତ୍ୱ କେତେ
ହାତ ବଢ଼ାଇଲେ ନା ଆଲୋକ ବର୍ଷ
କାହାକୁ ଜଣା ଚିରକାଳ କିପରି ମାପି ହେବ
ମୁହୂର୍ତ୍ତରେ ନାଁ ଦିନ ମାସ ବର୍ଷରେ
ଦଶନ୍ଧିରେ ନାଁ ଶତାବ୍ଦୀରେ
ସମୟର ପରିମାପ କଣ
ଲୀତା ବିଲୀତା ନାଁ ଅସଂଖ୍ୟ ତ୍ରିକାଳ
ମହାକାଳକୁ ବନ୍ଦ କରି ହେବ
ଷ୍ଟପ୍ ୱାଚ୍‌ରେ ନାଁ ଇତିହାସରେ
*************
ଫେରିବାର ଫାଟକୁ ସବୁ ବନ୍ଦ
ଝରକା ଆରପାଖେ କାହାର ଅଦୃଶ୍ୟ ହାତ
ହାତକୁ ବଢ଼ାଇ ଦେଉଛି ଆଗକୁ ଯିବାର ଟିକେଟ
ଫେରି ଚାହିଁବାର ବେଳ ନାହିଁ
ଅନିର୍ଦ୍ଦିଷ୍ଟ ରେଳଗାଡ଼ି କ୍ରମାଗତ ଅଗ୍ରସର
ଷ୍ଟେସନରୁ ଷ୍ଟେସନ ଆଗକୁ ଆଗକୁ
ସକାଳରୁ ସଞ୍ଜ ଚେତନାରୁ ଅବଚେତନାକୁ
***************
ଅନ୍ଧାର ଭିତରେ ଓଠରେ ହାତ ଦେଇ
ସମୟ ଅପେକ୍ଷା କରି ରହିଛି ଶେଷ ଷ୍ଟେସନରେ
ନିଜର ପ୍ରତିଶ୍ରୁତିମାନଙ୍କୁ
ନିଜ ଭିତରେ ସ୍ୱୟଂସମ୍ପୂର୍ଣ୍ଣ କରି
ଆକାଶରୁ ଖସି ପଡୁଥିବା ଉଲ୍‌କା ଚିନ୍ତାଗ୍ରସ୍ତ
କେତେ ମୁହୂର୍ତ୍ତ ଆଉ ଚିରନ୍ତନ ।

### ଗାନ୍ଧି

ସତ୍ୟର ସାଗର ତୁମେ
ତୁମେ ସତ୍ୟ ଗବେଷଣା
ଜୀବନ ଦର୍ଶନ, ଅଟକି ଯାଇଛି ଆଜି
ନେତ୍ରହୀନ ପଥର ମୂର୍ତ୍ତିରେ
ସମ୍ମୋହନ ଭରା
ସଫଳତା ରହିଗଲା
କେବଳ ସୀମାଙ୍କିତ ହୋଇ
ଏକ ପରିଭାଷା ରୂପେ
ଯାହାର ଆତ୍ମା ଅପହୃତ
ସୁବିଧାବାଦୀ ବେପାରୀଙ୍କ ଦ୍ୱାରା ।
ଧର୍ମ ପ୍ରତିଷ୍ଠାନ ପାଇଁ
ଯୁଦ୍ଧର ଆହ୍ୱାନ
ଶାନ୍ତି ମୈତ୍ରୀ ସ୍ଥାପନା ନିମନ୍ତେ
ଦୁଃସ୍ଥ ଦଳିତକୁ ଜ୍ୱାଳା
ବିପଥଗାମୀ ଧର୍ମଗ୍ରନ୍ଥ ସାହାଯ୍ୟରେ
ସତ୍ୟକୁ ପରୀକ୍ଷା ଦେବାର ଧମକ
ସହନୀୟ ନୁହେଁ
ଈଶ୍ୱରଙ୍କ ବରପୁତ୍ର ହେଲେ ଜାତି ବହିଷ୍କୃତ
ନୀଚରୁ ଆହୁରି ନୀଚକୁ ।
ବର୍ତ୍ତମାନ ସମାଜରେ
କେହି ଜଣେ କରୁନାହିଁ ସତ୍ୟର ସନ୍ଧାନ
କେହି ବି ରଖେନା, ଲାଭକ୍ଷତିର ହିସାବ:
ସାଧୁତା ପୁଞ୍ଜିର ଅପବ୍ୟୟ
ଖୋଳିବା ପାଇଁ କି ନୂତନ ବସତି
ସାମ୍ରାଜ୍ୟବାଦୀ ଆଗେଇଥାନ୍ତି
ଶାନ୍ତିର ସମ୍ମାନ ନ୍ୟସ୍ତ କରିବାକୁ
ଯୁଦ୍ଧ ପ୍ରରୋଚିତ ସଙ୍ଗତପର ।
ସଞ୍ଚିତ ପକେଟ୍ ୱାଚ୍‌ଟି
ଅସମର୍ଥ ପୂରା କରିବାକୁ, ଦାରିଦ୍ର୍ୟର ଘଡ଼ା
ସୁରମ୍ୟ ସତ୍ୟର ଭୟାବହତା
ଅସ୍ୱଚ୍ଛ, ମୋଟା ଚଷମା କାଚ ଭିତରେ
ଛୋଟ 'ଲନ୍ କ୍ଲଥ' ଖଣ୍ଡକ, ଅସମର୍ଥ ଲୁଚାଇବାକୁ
ଅଶିଷ୍ଟତାର ସୀମାହୀନ ପରିଧିକୁ
ହାତଧରା ବାଡ଼ି ଖଣ୍ଡିକ, ଅକ୍ଷମ ହେବ
ଚରମପନ୍ଥୀ ଆକ୍ରମଣାତ୍ମକ ହିଂସାର
ଅବସାନ କରିବାକୁ ।
ଘଣ୍ଟାର ଦୁଇବାହୁ ସ୍ଥଗିତ ହୋଇଗଲେ
ଇତିହାସ ବିରତି ଚାହିଁଲେ
ସେ ପୁଣି ଆସିଯିବ, ସୀମିତ ମୂର୍ତ୍ତି ମଧ୍ୟରୁ
ଆଗେଇବ ପ୍ରଗତିର ସୀମା
ଘାତକର ଉର୍ଦ୍ଧ୍ୱମୁଖୀ ବନ୍ଧୁକ ଆଡ଼କୁ ।

**( ମୂଳ ଇଂରାଜୀରୁ ଓଡ଼ିଆ ରୂପାନ୍ତର କରିଛନ୍ତି ଡାକ୍ତର ଅନିତା ପଣ୍ଡା, ଯାହା 'ଅମୃତ ଆହ୍ୱାନ:ବାପୁ', ଦିଲ୍ଲୀ ଓଡ଼ିଆ ଲେଖିକା ସମାଜ, ନୂଆଦିଲ୍ଲୀ ଆନୁକୂଲ୍ୟରେ ୨୦୨୩ରେ ପ୍ରକାଶିତ )**
**(ସୌଜନ୍ୟ: ଅନୀତା ପଣ୍ଡା, ନୂଆଦିଲ୍ଲୀ)**



### ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ

# ଓଡ଼ିଶା ଲୋକସେବା ଆୟୋଗକୃତୀଙ୍କୁ ସମ୍ବର୍ଦ୍ଧନା ଓ ବୀମା ରାଶି ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ଘସିପୁରା ବ୍ଲକ ଅନ୍ତର୍ଗତ ଖଲିଆମେଣ୍ଟା ଗ୍ରାମ ପଞ୍ଚାୟତରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଖଲିଆମେଣ୍ଟା ଶାଖା ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ପରୀକ୍ଷାରେ ୧୮୫ତମ ରାଙ୍କିଂ ହାସଲ କରିଥିବା କୃଷ୍ଣ ଚନ୍ଦ୍ର ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ଦାବି ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ବିଡିଓ ଶ୍ରୀମତୀ ବିନିତା ବିଜୟିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, କେନ୍ଦୁଝରର ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ଖଲିଆମେଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ ବୃନ୍ଦାବନ ଜେନା, ଭଣ୍ଡାରିଡିହା ଗ୍ରାମ ପଞ୍ଚାୟତର ସରପଞ୍ଚ କୃଷ୍ଣ ଚନ୍ଦ୍ର ରାଉତ ଏବଂ ସାମୁକାନେନ୍ଦି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଅକ୍ଷୟ କୁମାର ଜେନା ଉପସ୍ଥିତ ଥିଲେ।ଏହି ଅବସରରେ ଓପିଏସ୍ସିରେ ୧୮୫ତମ ରାଙ୍କିଂ ହାସଲ କରିଥିବା କୃଷ୍ଣ ଚନ୍ଦ୍ର ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶଂସା କରିବା ସହ ଏହା ଅଞ୍ଚଳର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ।




ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଅଧୀନରେ ଗୋପାଳପୁର ଗ୍ରାମର ସ୍ୱର୍ଗତ ସୁଦର୍ଶନ ଲେଙ୍ଗିଙ୍କ ନୋମିନି ଶ୍ରୀମତୀ ଜିରା ଲେଙ୍ଗି ଏବଂ ପଞ୍ଚୁଗୋଛିଆ ଗ୍ରାମର ସ୍ୱର୍ଗତ ରାମ ମୁର୍ମୁଙ୍କ ନୋମିନି ଶ୍ରୀମତୀ ପାମାମଣି ମୁର୍ମୁଙ୍କୁ ବୀମା ଦାବି ରାଶି ପ୍ରଦାନ କରାଯାଇଥିଲା। ବକ୍ତାମାନେ ବ୍ୟାଙ୍କର ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ଅଧିକରୁ ଅଧିକ ଲୋକଙ୍କୁ ଏହି ଯୋଜନାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସଭାକୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, କେନ୍ଦୁଝରର ପ୍ରବନ୍ଧକ (ଅପରେସନ) ଶ୍ରୀ ସୁଧାଂଶୁ ଶେଖର ସେଠୀ ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଶେଷରେ ଖଲିଆମେଣ୍ଟା ଶାଖାର ଶାଖା ପ୍ରବନ୍ଧକ ହରପ୍ରସନ୍ନ ସାମଲ ସମସ୍ତ ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଥିଲେ।

### ବିଶ୍ୱ ତମାଖୁ ମୁକ୍ତ ଦିବସ ଅବସରରେ ଝାରସୁଗୁଡାରେ

# ତମାଖୁ ମୁକ୍ତ କାର୍ଯ୍ୟକଳାପକୁ ସମ୍ପ୍ରଦାୟ ମଧ୍ୟରେ ପ୍ରୋତ୍ସାହିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ସାମୁଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ଝାରସୁଗୁଡାରେ ଏକ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ କରିଛି। ଏହି ପଦକ୍ଷେପ ୨୦୨୬ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଥିମ୍, 'ଆବେଦନକୁ ଉନ୍ମୋଚନ - ନିକୋଟିନ୍ ଏବଂ ତମାଖୁ ନିଶାକୁ ମୁକାବିଲା କରିବା' ସହିତ ସଂଯୁକ୍ତ ହୋଇଥିଲା ଏବଂ ବୃନ୍ଦାମାଲ, ବୁଦୁଲା, ଗୁମକର୍ମା ଏବଂ ବିଶାଦେହି ଗ୍ରାମଗୁଡିକରେ ୩୦୦ ରୁ ଅଧିକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲା। ବିଶ୍ୱ ତମାଖୁ ମୁକ୍ତ ଦିବସର ଲକ୍ଷ୍ୟ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହିତ ତମାଖୁ ସେବନର ସ୍ୱାସ୍ଥ୍ୟ, ସାମାଜିକ, ପରିବେଶଗତ ଏବଂ ଆର୍ଥିକ ପରିଣାମକୁ ଉଜାଗର କରିବା। ଏହି ବର୍ଷର ବିଷୟବସ୍ତୁ ସହିତ ବେଦାନ୍ତ ଆଲୁମିନିୟମର ସଚେତନତା କାର୍ଯ୍ୟକ୍ରମ ତମାଖୁ ଏବଂ ନିକୋଟିନ୍ ନିଶା ପଛରେ ଥିବା ବାସ୍ତବତାକୁ ପ୍ରକାଶ କରିବା ଉପରେ



ଧ୍ୟାନ ଦେଇଥିଲା। ଏହାର ଲକ୍ଷ୍ୟ ଥିଲା ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସଚେତନ ସ୍ୱାସ୍ଥ୍ୟ ବିକଳ୍ପ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ସମର୍ଥନ ସହିତ ସଶକ୍ତ କରିବା।

ସଚେତନତା ଅଧିବେଶନଗୁଡ଼ିକ ବେଦାନ୍ତ ଆଲୁମିନିୟମର ମୋବାଇଲ୍ ହେଲ୍ଥ ୟୁନିଟ୍ ର ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁମାନେ ତମାଖୁ ସେବନ ସହିତ ଜଡିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବିପଦ, ତମାଖୁ ସେବନ ଛାଡିବାର ବ୍ୟବହାରିକ ଉପାୟ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାର ଲାଭ ଉପରେ ଅଂଶଗ୍ରହଣକାରୀମାନଙ୍କୁ ନିୟୋଜିତ କରିଥିଲେ। ପାରସ୍ପରିକ ଆଲୋଚନା ଏବଂ ପରାମର୍ଶ ଅଧିବେଶନଗୁଡ଼ିକ ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ତମାଖୁ ସେବନ ଏବଂ ମୁଖ କର୍କଟ, ହୃଦ୍ରୋଗ, ଶ୍ୱାସକ୍ରିୟା ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରମିତ ରୋଗ ଭଳି ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟରେ ସମ୍ପର୍କ ବୁଝିବାରେ ସାହାଯ୍ୟ କରିଥିଲା।

ଏହି ଅବସରରେ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, "ଏହିପରି କେନ୍ଦ୍ରିତ ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ମାଧ୍ୟମରେ, ଆମେ ସୂଚିତ ପସନ୍ଦ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଏବଂ ଦୀର୍ଘକାଳୀନ କଲ୍ୟାଣକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଆମର ସହଭାଗୀତା ତୃଣମୂଳ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଶିକ୍ଷାକୁ ବିସ୍ତାର କରିବାରେ, ସୁସ୍ଥ, ତମାଖୁ ମୁକ୍ତ ସମାଜ ଗଠନ କରିବାରେ ସାହାଯ୍ୟ କରେ। ବେଦାନ୍ତ ଆଲୁମିନିୟମ ସାରା ଓଡ଼ିଶାରେ ଏହାର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ପ୍ରମୁଖ ସ୍ତମ୍ଭ ଭାବରେ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଆସୁଛି। ଏହାର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ସହଯୋଗୀ ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ୧୮,୦୦୦ରୁ ଅଧିକ ବ୍ୟକ୍ତିଙ୍କୁ ଦ୍ୱାରଦେଶରେ ଚିକିତ୍ସା ପ୍ରଦାନ କରୁଛି ଏବଂ ଝାରସୁଗୁଡ଼ା ଏବଂ ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ପ୍ରତିରୋଧକ ସ୍ୱାସ୍ଥ୍ୟ ସଚେତନତା ମାଧ୍ୟମରେ ବାର୍ଷିକ ୨.୮ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି। ସମ୍ପ୍ରଦାୟଗୁଡ଼ିକୁ ସଠିକ୍ ସୂଚନା ସହିତ ସଜ୍ଜିତ କରି ଏବଂ ପ୍ରାରମ୍ଭିକ ହସ୍ତକ୍ଷେପକୁ ଉତ୍ସାହିତ କରି, ଏହିପରି ସଚେତନତା ପଦକ୍ଷେପଗୁଡ଼ିକ ପ୍ରତିରୋଧଯୋଗ୍ୟ ସ୍ୱାସ୍ଥ୍ୟ ବିପଦକୁ ହ୍ରାସ କରିବା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

### ବାଲିଅନ୍ତା ସୌମ୍ୟ ହତ୍ୟା ମାମଲା

# ୩୪ ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା

ବାଲିଅନ୍ତା ,(ସବ୍ୟୁ) : ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ମାମଲାରେ ତଦନ୍ତ ଜୋରଦାର ଚାଲିଛି । ଏନଏଚଆରସି ତଦନ୍ତ ସାରି ଫେରି ଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ତାହାର ତଦନ୍ତ ଜାରି ରଖିଛି । ଏହି ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ମୋଟ ୨୪ ଜଣ ଚିହ୍ନଟ । ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ ଜଣ ଗିରଫ । ଫେରାର ଥିବା ଅନ୍ୟ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାରି ରହିଛି ଚଢ଼ାଉ । ମାମଲାରେ ଏପର୍ଯ୍ୟନ୍ତ ୩୪ ଜଣଙ୍କୁ ଜେରା କରିସାରିଲାଣି କ୍ରାଇମବ୍ରାଞ୍ଚ । ଆଜି ମଧ୍ୟ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ୩ ଜଣଙ୍କୁ ଚାଲିଛି ଘନଘନ ଜେରା । ସମସ୍ତଙ୍କ ବୟାନର କରାଯାଉଛି ସମ୍ପୂର୍ଣ୍ଣ ଅଡିଓ ଏବଂ ଭିଡିଓ ରେକର୍ଡିଂ । ପରବର୍ତ୍ତୀ ସମୟରେ କେହି ଯେପରି ବୟାନ ବଦଳାଇ ନପାରିବେ ସେଥିପାଇଁ ନିଆଯାଇଛି ଏହି ପଦକ୍ଷେପ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲ୍ଓ ଙ୍କ ଘରକୁ ଘର ପରିଦର୍ଶନ

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେ ବିଏଲଓ ବା ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ପରିଦର୍ଶନ କରି ବର୍ତ୍ତମାନ ସୁଦ୍ଧା ଶତକଡା ୫୪ ଭାଗ ରୁ ଅଧିକ ଭୋଟର ଙ୍କୁ ଏନୁମେରେସନ ଫର୍ମ ପ୍ରଦାନ କରିସାରିଲେଣି ।ବିଏଲଓ ସମସ୍ତ ଭୋଟର ମାନଙ୍କୁ ଏ ସମ୍ପର୍କରେ ସଚେତନ ସହ ଫର୍ମ ପୂରଣ ରେ ମଧ୍ୟ ସହାୟତା କରୁଛନ୍ତି ।।ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ ।ତେଣୁ ଭୋଟର ମାନେ ସେମାନଙ୍କ ପରିବାର ର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଉର୍ଦ୍ଧ୍ୱ ବ୍ୟକ୍ତି ଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ର ରେ ତ୍ରୁଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ। ପୁରୀ ଜିଲ୍ଲା ରେ ଜୁନ ୬ ତାରିଖ ସୁଦ୍ଧା ୧୩୮୭୯୩୦ ଜଣ ଭୋଟର ଥିବା ବେଳେ ସମାନ ସଂଖ୍ୟକ ଏନୁମେରେସନ ଫର୍ମ ପ୍ରସ୍ତୁତି କରି ବଣ୍ଟନ କରାଯାଉଛି ।କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକ ର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ ।ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ ।ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତି ର ନିଷ୍ପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି ।ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି। ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନ ଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି ।ବିଏଲଓ ମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥ ଙ୍କୁ ପ୍ରଦାନ କରିବା ସହ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି ।ଫର୍ମ ପୂରଣ ପରେ ବିଏଲଓ ମାନେ ଭୋଟର ଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଣ୍ଟ ରସିଦ ପ୍ରଦାନ କରିବେ ।ଏ ସମସ୍ତ କାର୍ଯ୍ୟ ରେ ଜିଲ୍ଲା ର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି ।

### ୪୪ଟି ଗ୍ରାମରେ ସୋଲାର ପ୍ୟାନେଲ୍ ସ୍ଥାପନ ପାଇଁ

# ଆଦିତ୍ୟ ଆଲୁମିନିୟମ ଏବଂ ଟିପିଡବ୍ଲୁଓଡିଏଲ୍ ମଧ୍ୟରେ ଏମଓୟୁ

ଭୁବନେଶ୍ୱର (ସବ୍ୟୁ): ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡର କାର୍ଯ୍ୟକ୍ଷମ କ୍ଷେତ୍ରର ଆଖପାଖରେ ଅବସ୍ଥିତ ଗ୍ରାମଗୁଡ଼ିକ ଘରର ଛାତ ଉପରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ ଉଲା ମଡେଲ ଅଧୀନରେ ସୌର ପ୍ୟାନେଲ୍ ସ୍ଥାପନ କରିବା ପାଇଁ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଡିଏଲ୍) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଅଛି । ଶନିବାର ସମ୍ବଲପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରସନ୍ନ ପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମ୍ବଲପୁରଙ୍କ ଉପସ୍ଥିତିରେ ଆଦିତ୍ୟ ଆଲୁମିନିୟମର ୟୁନିଟ୍ ହେଡ୍ ଜଗନ୍ନାଥ ନାୟକ ଏବଂ ଟିପିଡବ୍ଲୁଡିଏଲ୍ର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମାଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଲୁମିନିୟମର ସିପିପି ମୁଖ୍ୟ ଗୁଲସନ ତିୱାରୀ, ଜ୍ୟୋତି ମୁଦୁଲି, ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ଟିମ୍ ସଦସ୍ୟ ଏବଂ ଟିପିଡବ୍ଲୁଡିଏଲ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରର ଏକ ଅଂଶ ଭାବରେ, ଆଦିତ୍ୟ ଆଲୁମିନିୟମର ପ୍ଲାଣ୍ଟ ପରିଧିରେ ଅବସ୍ଥିତ ୬ଟି ଗ୍ରାମ ପଞ୍ଚାୟତର ୪୪ଟି ଗ୍ରାମକୁ କାର୍ଯ୍ୟକାରୀ କରିବା ପାଇଁ ଚିହ୍ନଟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଲୁଧାପାଲି ଏବଂ ଆରଆର କଲୋନୀ, ପୋଣ୍ଡଲୋଇ ଗ୍ରାମର ମୋଟ ୩୩୬ ଜଣ ଯୋଗ୍ୟ ଉପଭୋକ୍ତାଙ୍କ ଘରର ଛାତ ଉପରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅନ୍ତର୍ଗତ ଟିପିଡବ୍ଲୁଡିଏଲର ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ଉଲା ମଡେଲ୍) ମାଧ୍ୟମରେ ସୌର ପ୍ୟାନେଲ୍ ସ୍ଥାପନ କରାଯିବ । ଏହି ସୌର ପ୍ୟାନେଲ୍ ଗୁଡ଼ିକ ସ୍ଥାପନ ଲାଗି ଆବଶ୍ୟକ ଅର୍ଥରାଶି ଆଦିତ୍ୟ ଆଲୁମିନିୟମର ସିଏସ୍ଆର୍ ପାଣ୍ଠିରୁ ସହାୟତା କରାଯିବ । ଯାହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରଗୁଡ଼ିକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଏବଂ ସୁଲଭ ସୌରଶକ୍ତି ଯୋଗାଇ ଦେଇପାରିବ । ଯାହା ଫଳରେ ସେମାନେ ଏକ ସବୁଜ ଭବିଷ୍ୟତ ଗଠନ କରିବା ସହିତ ସେମାନଙ୍କର ମାସିକ ବିଦ୍ୟୁତ୍ ଖର୍ଚ୍ଚକୁ ଯଥେଷ୍ଟ ହ୍ରାସ କରିପାରିବେ।



ଏହି ଅବସରରେ ଉଦବୋଧନ ଦେଇ ଆଦିତ୍ୟ ଆଲୁମିନିୟମ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ କହିଥିଲେ ଯେ "ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ଆଗାମୀ ଦିନରେ ଗ୍ରାମୀଣ କ୍ଷେତ୍ରରେ ଛାତଘରମାନଙ୍କରେ ସୌରଶକ୍ତିର ଉତ୍ପାଦନ, ଶୁଦ୍ଧଶକ୍ତି ଏବଂ ସ୍ଥାୟୀ ଶକ୍ତିର ବ୍ୟବହାର ଓ ଲୋକମାନଙ୍କର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାରେ ସହଯୋଗ କରିବ" ।

### ଶିକ୍ଷାବିତଙ୍କ ପରଲୋକ

କାକଟପୁର ,(ସବ୍ୟୁ): ତରାସାହି ଗ୍ରାମର ଶିକ୍ଷାବିତ ତଥା ତୋରିମରା ପ୍ରାଥମିକ ବିଦ୍ୟାଳୟ ର ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ କୈଳାଶ ଚନ୍ଦ୍ର ମହାନ୍ତି (୮୦)ଙ୍କ ର ନିଜ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମହାନ୍ତି ଜଣେ ପରୋପକାରୀ, ମିଷ୍ଟ ଭାଷୀ, ଛାତ୍ର ବତ୍ସଳ, ସ୍ନେହୀ ଆଦର୍ଶ ଶିକ୍ଷକ ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ନିକଟରେ ପତ୍ନୀ ,ଝିଅ ଜ୍ୱାଇଁଙ୍କ ସମେତ ,ପରିବାର ବନ୍ଧୁବର୍ଗ ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ଶ୍ମଶାନରେ ଦାହ କରାଯାଇ ଥିଲା । ନାତି ଆର୍ଯ୍ୟମାନ ଶୁଭ ଶଙ୍କର ମୁଖାଗ୍ନି ଦେଇଥିଲେ ।

# ଆଇଏମ୍ଏ-ଏଏମ୍ଏସ୍ କଟକ ଶାଖା ପକ୍ଷରୁ ବିଶ୍ୱ ପରିବେଶ ଦିବସ

କଟକ, (ସ୍ୱପ୍ର) : କଟକର ଆଇଏମଏ ହାଉସ୍ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ଏକାଡେମୀ ଅଫ୍ ମେଡିକାଲ ସ୍ପେଶାଲିଟିଜ୍ (ଆଇଏମଏ-ଏଏମଏସ୍), କଟକ ଶାଖା ଦ୍ୱାରା ଏହା ସଫଳତାର ସହିତ ଆୟୋଜିତ ହୋଇଥିଲା । ଆଇଏମଏ ଏଏମଏସ କଟକ ଶାଖାର ଅଧ୍ୟକ୍ଷ ଡ. ବ୍ରଜ କିଶୋର ଦାଶ ଏବଂ ଆଇଏମଏ-ଏଏମଏସ କଟକ ଶାଖାର ସଚିବ ଡ. ଜୟଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ସମନ୍ୱୟ କରାଯାଇଥିଲା । ଆଇଏମଏ କଟକ ଶାଖାର ସଭାପତି ଡ. ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଚିକିତ୍ସାବିତ୍ ଓ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏଥିରେ ଆଇଏମଏ ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରେକୃଷ୍ଣ



ନାୟକ ଆଇଏମଏ ଓଡ଼ିଶା ରାଜ୍ୟ ସମ୍ପାଦକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଆଇଏମଏ ଓଡ଼ିଶା ସଭାପତି ଡ. ଜନ୍ମେଜୟ ମହାପାତ୍ର, ଡ. ଜୟନ୍ତ ପଣ୍ଡା, ତୁରନ୍ତ ପୂର୍ବତନ ସଭାପତି, ଆଇଏମଏ ଓଡ଼ିଶାର ଡ. ଶ୍ରୀକାନ୍ତ ତିୱାରୀ, ଯୁଗ୍ମ ସଚିବ, ଆଇଏମଏ କଟକ ଶାଖା ପ୍ରଫେସର ସତ୍ୟ ନାରାୟଣ ରାଉତରାୟ, ତୁରନ୍ତ ପୂର୍ବତନ ସଭାପତି, ଆଇଏମଏ କଟକ ଶାଖା ଡ. ସସ୍ମିତା ସ୍ୱାଇଁ, ଅଧ୍ୟକ୍ଷ, ଆଇଏମଏ ଏଏମଏସ୍ ଓଡ଼ିଶା ରାଜ୍ୟ ଏବଂ ପ୍ରତିଷ୍ଠାତା ସଦସ୍ୟ ଡ. ଅନଙ୍ଗ ଦ୍ୱିବେଦୀ ଏବଂ ଡ. କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇ ପରିବେଶ, ଜଳବାୟୁ ପ୍ରଦୂଷଣ ମାନବ ସମାଜ ଉପରେ ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନାରେ ପ୍ରମୁଖ ଆକର୍ଷଣ ଥିଲା ପରିବେଶ ପ୍ରଦୂଷଣ ଏବଂ ଅନ୍ତଃସ୍ରାବୀ ବ୍ୟାଧି ବିଷୟବସ୍ତୁ ଉପରେ ଏକ ଶୈକ୍ଷିକ ଆଲୋଚନା । ବୈଜ୍ଞାନିକ ଅଧିବେଶନରେ ଡ. ଦେବର୍ଚ୍ଚନ ଜେନାଙ୍କ ଦ୍ୱାରା ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତୃତା ପ୍ରଦର୍ଶିତ ହୋଇଥିଲା । ପ୍ରଫେସର ସତ୍ୟ ନାରାୟଣ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ତୁଷାର କର ସକ୍ରିୟ ଭାବରେ ଆଲୋଚନାରେ ଯୋଗଦାନ କରିଥିଲେ । ଡ. ଶ୍ରୀକାନ୍ତ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସମ୍ବଲପୁରୀ ହସ୍ତତନ୍ତ ଶିଳ୍ପର ରୂପାନ୍ତର ପାଇଁ

# ହିଣ୍ଡାଲକୋ ଓ ହସ୍ତତନ୍ତ ମନ୍ତ୍ରାଳୟ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର, (ସବ୍ୟୁ) : ନିରନ୍ତର ସମୁଦାୟ ବିକାଶ ଏବଂ ଓଡ଼ିଶାର ପ୍ରସିଦ୍ଧ ତଥା ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ ତଥା ଉନ୍ନତି ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଅଧୀନସ୍ଥ ୱିଭର୍ସ ସର୍ଭିସ ସେଣ୍ଟର (ଡବ୍ଲ୍ୟୁଏସ୍ସି) ସହ ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର ହସ୍ତତନ୍ତର ସାମଗ୍ରିକ ବିକାଶ ପାଇଁ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଯାଇଅଛି। ଏହି ଏମ୍ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ବିକାଶ ଆୟୁକ୍ତ (ହସ୍ତତନ୍ତ) ସୁଶ୍ରୀ ଏମ୍. ବୀନା, ଉପନିର୍ଦ୍ଦେଶକ ବିକାଶ କୁମାର ଏବଂ ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀ ଶଙ୍କରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିବା ବେଳେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଅଧ୍ୟକ୍ଷ–କର୍ପୋରେଟ୍ଆ ଫେୟାର୍ସ ଡ. ବିନୋଦ ବର୍ମା, ସହକାରୀ ଉପସଭାପତି (କର୍ପୋରେଟ୍ ଆଫେୟାର୍ସ) ସୁଶ୍ରୀ ସୁମିତା ସିଂହ, ସହକାରୀ ଉପସଭାପତି (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଅନୋମା ବସୁ, ସହକାରୀ ମହାପ୍ରବନ୍ଧକ (କର୍ପୋରେଟ୍ ଆଫେୟାର୍ସ) ଅନୁଜ ଗର୍ଗ, ପ୍ରବନ୍ଧକ (ସଷ୍ଟେନେବଲ୍ ମାଇନିଂ) ସୁଶ୍ରୀ ଜିସ୍ନି ସିଦ୍ଧାନ୍ତ ଏବଂ ଯୁବ ସଷ୍ଟେନେବେଲିଟି ପ୍ରଫେସନାଲ୍ ସୁଶ୍ରୀ ଇକ୍ରା ଫାତିମା ଉପସ୍ଥିତ ଥିଲେ। ଏହି ଏମ୍ଓୟୁ ମାଧ୍ୟମରେ ବୁଣାକାର ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସ୍ଥିତିର ଉନ୍ନତି ଲକ୍ଷ୍ୟ ରଖାଯାଇଅଛି।



ଏହି ପଦକ୍ଷେପ ମାଧ୍ୟମରେ ହିଣ୍ଡାଲକୋ ସମ୍ବଲପୁରୀ ବସ୍ତ୍ରକୁ ଏକ ଆଧୁନିକ, ବିସ୍ତାରଯୋଗ୍ୟ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡ ଭାବେ ଗଢ଼ିବ । ଯାହା ପରମ୍ପରାର ମୂଳଉତ୍ସ ସହ ଜଡିତ ରହିବା ସହିତ ସମୁଦାୟ ନିର୍ଭର ଓ ମୂଲ୍ୟଭିତ୍ତିକ ମଧ୍ୟ ହେବ। ଏହି ଏମ୍ଓୟୁ ଅନୁଯାୟୀ, ୱିଭର୍ସ ସର୍ଭିସ ସେଣ୍ଟର ନୀତିଗତ ମାର୍ଗଦର୍ଶନ, ପ୍ରଯୁକ୍ତିଗତ ଦକ୍ଷତା, ଜିଆଇ ଅନୁପାଳନ ସହାୟତା ଏବଂ ସଂସ୍ଥାଗତ ଭିତ୍ତିଭୂମିର ସୁବିଧା ପ୍ରଦାନ କରାଯିବ। ଅନ୍ୟପକ୍ଷରେ ହିଣ୍ଡାଲକୋ ପ୍ରକଳ୍ପ ଏହାକୁ କାର୍ଯ୍ୟରେ ରୂପାୟନ କରିବା ସହ ବ୍ରାଣ୍ଡିଂ, ବଜାର ସଂଯୋଗ, ପ୍ରକଳ୍ପ ପରିଚାଳନା ଓ ନିରୀକ୍ଷଣ ଦାୟିତ୍ୱ ବହନ କରିବ।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

# ମେଗା କୃଷି ଋଣ ଆଉଟ୍ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍ରିଚ୍ କାର୍ଯ୍ୟକ୍ରମ ତା୦୬.୦୬.୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍ରିଚ୍ କାର୍ଯ୍ୟକ୍ରମ ପୁରୀ ସାକ୍ଷୀଗୋପାଳସ୍ଥିତ କ୍ରିଷ୍ଣା ଗାର୍ଡେନଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୁରୀ ସାଂସଦ ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଅଶ୍ୱନୀ ଧିଙ୍ଗରା ଏବଂ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ମୁକୁନ୍ଦ କୁମାର କର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮୦୦ରୁ ଉର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ




ମିଳିଥିଲା ଯେଉଁଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣ କରିବା ପାଇଁ ସେଣ୍ଟ ନାରୀ ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା-କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉଲ୍ଲେଖନୀୟ ବ୍ୟବସାୟିକ ଫଳାଫଳ ହାସଲ କରିଥିବା ସହ ଏଥିରେ ୬୨ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜିକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

### ଏସ୍ଆଇଆର୍ -୨୦୨୬ : ପଦଯାତ୍ରା ମାଧ୍ୟମରେ ମତଦାତାଙ୍କୁ ସଚେତନ କଲେ ଉପଜିଲ୍ଲାପାଳ

କଟକ,(ସବ୍ୟୁ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ. ଆଇ.ଆର)-୨୦୨୬ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ମତଦାତା ଅଂଶଗ୍ରହଣ କରନ୍ତୁ ଏହି ଉଦ୍ଦେଶ୍ୟ ନେଇ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଟକ ସଦର ଉପଜିଲ୍ଲାପାଳ ତଥା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଏହି ସଚେତନତା ପଦଯାତ୍ରାକୁ ଉଦ୍ଘାଟନ କରି ନାଗରିକମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରିବା ସହ ବିଏଲଓମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରି ଏକ ନିର୍ଭୁଲ ମତଦାତା ତାଲିକା ପ୍ରସ୍ତୁତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ । ପଦଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ହାଇକୋର୍ଟ ଗଡ଼ା, ନିମଚୌରୀ ଆଦି ଅଞ୍ଚଳ ପରିକ୍ରମା କରିଥିଲା । ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏସ.ଆଇ.ଆର କାର୍ଯ୍ୟକ୍ରମର ଗୁରୁତ୍ୱ ଏବଂ ମତଦାତା ତାଲିକାରେ ସଠିକ୍ ତଥ୍ୟ ଅନ୍ତର୍ଭୁକ୍ତିର ଆବଶ୍ୟକତା ସମ୍ପର୍କରେ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା ।

# ଇସ୍ରାଏଲୀ ଆକ୍ରମଣରେ ଦକ୍ଷିଣ ଲେବାନନ ଥରହର

**ବେରୁତ:** ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୟାବହ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଶନିବାର ଦକ୍ଷିଣ ଲେବାନନରେ ଏକ ବଡ଼ ଧରଣର ସାମରିକ ବିପର୍ଯ୍ୟୟ ଘଟିଯାଇଛି। ଲେବାନନ୍ ସେନାର ଏକ ସାମରିକ ଗାଡ଼ିକୁ ଟାର୍ଗେଟ୍ କରି ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଏକ ଶକ୍ତିଶାଳୀ ରକେଟ୍ ଆକ୍ରମଣରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପଟେନ ଓ ଆଉ ଜଣେ ସୈନିକଙ୍କ ସମେତ ୩ ଜଣ ସାମରିକ ଅଧିକାରୀ ପ୍ରାଣ ହରାଇଛନ୍ତି। ଲେବାନନ୍ ସେନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବେରୁତଠାରୁ ପ୍ରାୟ ୭୦ କିଲୋମିଟର ଦୂର ଦକ୍ଷିଣରେ ଥିବା ଖାରଦାଲି-ନବାତିହ ସଂଯୋଗୀକରଣ ରାସ୍ତାରେ ଏହି ଭୟଙ୍କର ଆକ୍ରମଣ ହୋଇଛି। ଏହା ସହିତ ସାକସାକିୟା ଗ୍ରାମରେ ଇସ୍ରାଏଲ୍ ଦ୍ୱାରା କରାଯାଇଥିବା ଦ୍ୱିତୀୟ ଏୟାରଷ୍ଟ୍ରାଇକ୍‌ରେ ଆଉ ୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି, ଯାହାକୁ ମିଶାଇ ଶନିବାର ସମୁଦାୟ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।ଅପରପକ୍ଷରେ, ଇସ୍ରାଏଲ ସେନା ପକ୍ଷରୁ ଏହି ଘଟଣା ଉପରେ ଏକ ପ୍ରାଥମିକ ସଫେଇ ଦିଆଯାଇ କୁହାଯାଇଛି ଯେ, ସେହି ଅଞ୍ଚଳରୁ ସେମାନଙ୍କ ସୈନ୍ୟଙ୍କ ଉପରେ ଆକ୍ରମଣ ପାଇଁ ହିଜବୁଲ୍ଲା ପ୍ରସ୍ତୁତ ହେଉଥିବା ନେଇ ଦୃଢ଼ ସୂଚନା ମିଳିଥିଲା। ସେହି ସନ୍ଦେହଜନକ ଗାଡ଼ିଟି ସେନା ଆଡ଼କୁ ଆଗେଇ ଆସୁଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ମାତ୍ର ସେଥିରେ ଲେବାନନ୍ ସେନାର ଅଧିକାରୀ ଥିବା ନେଇ ସେମାନଙ୍କ ପାଖରେ ପୂର୍ବ ସୂଚନା ନଥିଲା। ଇସ୍ରାଏଲ୍ ସ୍ପଷ୍ଟ କରିଛି ଯେ ସେମାନଙ୍କର ଏହି ଲଢ଼େଇ କେବଳ ହିଜବୁଲ୍ଲା ବିରୁଦ୍ଧରେ, ଲେବାନନ୍ ସେନା ବିରୁଦ୍ଧରେ ନୁହେଁ। ଏହି ଘାତକ ଆକ୍ରମଣ ପରେ ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଇସ୍ରାଏଲ୍ର ଏଭଳି ମନୋଭାବକୁ କଡ଼ା ଶବ୍ଦରେ ନିନ୍ଦା କରି କହିଛନ୍ତି ଯେ ଏହା ଲେବାନନର ସାର୍ବଭୌମତ୍ୱ ଏବଂ ଆନ୍ତର୍ଜାତୀୟ ଆଇନର ଏକ ଖୋଲାଖୋଲି ଉଲ୍ଲଂଘନ। ୱାଶିଂଟନରେ ଚାଲିଥିବା ଶାନ୍ତି ଆଲୋଚନା ମାଧ୍ୟମରେ ଲେବାନନ୍ ସରକାର ସ୍ଥିରତା ଆଣିବାକୁ ପ୍ରୟାସ କରୁଥିବା ବେଳେ ଇସ୍ରାଏଲ୍ ଜାଣିଶୁଣି ଏଭଳି ଉତ୍ତେଜନା ସୃଷ୍ଟି କରୁଛି। ଅନ୍ୟପଟେ, ଇରାନ ସମର୍ଥିତ ସଶସ୍ତ୍ର ସଂଗଠନ ହିଜବୁଲ୍ଲା ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିବା ସହ ଏଥିପାଇଁ ନିଜ ଦେଶର ସରକାରଙ୍କ ଦୁର୍ବଳ ନୀତି ଏବଂ ଆମେରିକା ନିକଟରେ ଆତ୍ମସମର୍ପଣ କରିବା ଭଳି କାର୍ଯ୍ୟକୁ ଦାୟୀ କରିଛି, ଯାହା ଯୋଗୁଁ ଇସ୍ରାଏଲର ସାହସ ବଢ଼ିବାରେ ଲାଗିଛି।



# ଇଣ୍ଡିମେଣ୍ଟ ବୈଠକକୁ ବର୍ଜନ କଲା ସିପିଆଇଏମ୍, ଜେଏମଏମ

**ନୂଆଦିଲ୍ଲୀ:** ଜୁନ୍ ୮ ତାରିଖରେ କଂଗ୍ରେସ ଦ୍ୱାରା ଡକାଯାଇଥିବା ଇଣ୍ଡି ମେଣ୍ଟ ବୈଠକକୁ ଡିଏମକେ ପ୍ରତ୍ୟାଖ୍ୟାନ କରିବାର କିଛି ଦିନ ପରେ, ବିରୋଧୀ ମେଣ୍ଟରେ ନୂତନ ଫାଟ ଦେଖାଦେଇଛି। ସିପିଆଇ(ଏମ୍) ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) କଂଗ୍ରେସ ନେତୃତ୍ୱଙ୍କ କାର୍ଯ୍ୟଶୈଳୀ ଉପରେ ରହିଥିବା ସେମାନଙ୍କ ତୀବ୍ର ଅସନ୍ତୋଷ ଜଣାଇଛନ୍ତି। ଝାଡ଼ଖଣ୍ଡରେ ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ପାଇଁ କଂଗ୍ରେସ ଏକପାଖିଆ ଭାବରେ ପ୍ରାର୍ଥୀ ଘୋଷଣା କରିବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବିରକ୍ତ ପ୍ରକାଶ କରିଥିବା ବେଳେ, ସିପିଆଇ(ଏମ୍) ସଦ୍ୟ ସମାପ୍ତ କେରଳମ୍ ବିଧାନସଭା ନିର୍ବାଚନରେ ପ୍ରଚାର ସମୟରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାମାନଙ୍କ ଦ୍ୱାରା କେରଳମ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଉପରେ ଆକ୍ରମଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍ ଏ ବେବୀ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କଡ଼ା ଶବ୍ଦରେ ଏକ ଚିଠି ଲେଖି ଏହି ପ୍ରସଙ୍ଗ ଉଠାଇଛନ୍ତି। ଖଡ଼ଗେଙ୍କ ସହିତ ଇଣ୍ଡି ମେଣ୍ଟର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ବେବୀ ଏହି ଚିଠି ପ୍ରଦାନ କରିଛନ୍ତି। ତେବେ ଇଣ୍ଡି ମେଣ୍ଟର ଜଣେ ବରିଷ୍ଠ ନେତା କହିଛନ୍ତି, ଆମେ ଚିଠିଟି ଦେଖିଛୁ, ଏହା କଂଗ୍ରେସ ଓ ସିପିଆଇଏମ୍ ମଧ୍ୟରେ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଆମେ କଂଗ୍ରେସ ନେତାଙ୍କୁ ଇଣ୍ଡି ମେଣ୍ଟର ସମସ୍ତ ସଦସ୍ୟଙ୍କୁ ଏକା ସାଙ୍ଗରେ ନେଇ ଚାଲିବାକୁ ନିବେଦନ କରିବୁ। ବେବୀ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, କେରଳମ୍ ନିର୍ବାଚନ ସମୟରେ କଂଗ୍ରେସ ନେତୃତ୍ୱ ବାରମ୍ବାର ଅଭିଯୋଗ କରିଥିଲା ଯେ, ସିଆଇଏମ୍ ଓ ବିଜେପି ମଧ୍ୟରେ ମେଣ୍ଟ ହୋଇଛି। ସିପିଆଇଏମ୍ର ବରିଷ୍ଠ ନେତା, ପଲିଟ୍ ବ୍ୟୁରୋ ସଦସ୍ୟ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ କମ୍ରେଡ ପିନାରାୟୀ ବିଜୟନ ମୋଦୀଙ୍କ ସହିତ ମେଣ୍ଟ କରିଛନ୍ତି। ନହେଲେ ସେମାନଙ୍କୁ କାହିଁକି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କିମ୍ବା ଗିରଫ କରୁନାହିଁ। କଂଗ୍ରେସର ନିର୍ବାଚନ ପ୍ରଚାରରେ ଏହା ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ତୁମେ (ଖଡ଼ଗେ) ମଧ୍ୟ ଏପରି ଅଭିଯୋଗ ବାରମ୍ବାର କରିଥିଲ ବୋଲି ବେବୀ ଚିଠିରେ ଲେଖିଛନ୍ତି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ପାଇଁ କଂଗ୍ରେସ ନିଜର ପ୍ରାର୍ଥୀ ଭାବେ ଖଡ଼ଗେଙ୍କ କାର୍ଯ୍ୟାଳୟର ଦାୟିତ୍ୱରେ ଥିବା ପ୍ରଣବ ଝାଙ୍କ ନାମ ଘୋଷଣା କରିବା ପାଇଁ ଜେଏମ୍ଏମ୍ ସମାନ ଭାବରେ ବିରକ୍ତ ହୋଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଉଭୟ ଆସନରୁ ନିଜ ପ୍ରାର୍ଥୀ ଦେବାକୁ ଚାହୁଁଥିଲେ।

# ଟିଭିକେରେ ମିଶିଲେ ଆନ୍ନାଡିଏମକେର ୪ ପ୍ରାକ୍ତନ ମନ୍ତ୍ରୀ

**ଚେନ୍ନାଇ:** ଏଆଇଏଡିଏମ୍କେକୁ ଶନିବାର ପୁଣି ଥରେ ବଡ଼ଧରଣର ଝଟ୍କା ମିଳିଛି। ଏଆଇଏଡିଏମ୍କେର ଆଭ୍ୟନ୍ତରୀଣ ବିବାଦର ଫଳସ୍ୱରୂପ ଦଳର ଚାରି ଜଣ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଟିଭିକେରେ ଯୋଗ ଦେଇଛନ୍ତି। ଶନିବାର ସେମାନେ ଚେନ୍ନାଇସ୍ଥିତ ଟିଭିକେ ମୁଖ୍ୟାଳୟକୁ ଯାଇ ଦଳରେ ଯୋଗ ଦେଇଥିଲେ। ଟିଭିକେରେ ଯୋଗ ଦେଇଥିବା ଏଆଇଏଡିଏମ୍କେ ନେତାମାନେ ହେଲେ ଉଦୁମଲାଇ କେ ରାଧାକ୍ରିଷ୍ଣନ୍, ଏମସି ସମ୍ପଥ, କଦମବୁର ସି ରାଜୁ ଓ ଏନ୍ଆର୍ ଶିବାପଥୀ। ଟିଭିକେ ସାଧାରଣ ସମ୍ପାଦକ ଆନନ୍ଦ ଓ ନିର୍ବାଚନ ପ୍ରଚାର ପରିଚାଳନା ପାଇଁ ସାଧାରଣ ସମ୍ପାଦକ ଅଧବ ଅର୍ଜୁନଙ୍କ ସମ୍ମୁଖରେ ସମସ୍ତେ ଶାସକ ଦଳରେ ଯୋଗ ଦେଇଥିଲେ।ତାମିଲନାଡୁରେ ଏପ୍ରିଲ ୨୩ରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେକୁ ବଡ଼ଧରଣର ଝଟ୍କା ଲାଗିଛି। ପ୍ରଥମେ ଏଆଇଏଡିଏମ୍କେର ବିଦ୍ରୋହୀ ଗୋଷ୍ଠୀର ୨୫ ବିଧାୟକ ଦଳୀୟ ହ୍ୱିପ୍କୁ ନ ମାନି ଆସ୍ଥା ଭୋଟରେ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କୁ ସମର୍ଥନ କରିଥିଲେ। ଏଆଇଏଡିଏମ୍କେ ସାଧାରଣ ସମ୍ପାଦକ ଏଡାପ୍ପାଦି ପଲାନିସ୍ୱାମୀଙ୍କ ସହିତ ବୁଝାମଣା କରିବା ପୂର୍ବରୁ ବିଦ୍ରୋହୀ ବିଧାୟକମାନଙ୍କ ମଧ୍ୟରୁ ଚାରି ଜଣ ଇସ୍ତଫା ଦେଇ ଟିଭିକେରେ ଯୋଗ ଦେଇଥିଲେ। ସେବେଠାରୁ ଏଆଇଏଡିଏମ୍କେର ଅନେକ କର୍ମକର୍ତ୍ତା ଟିଭିକେରେ ଯୋଗଦେବା ପାଇଁ ସେମାନଙ୍କ ଦଳ ଛାଡିଛନ୍ତି।



# ଦିଲ୍ଲୀର ନରେଲା ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ:** ଦିଲ୍ଲୀର ନରେଲା ଶିଳ୍ପାଞ୍ଚଳରେ ଥିବା ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଖବର ଆସିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଦମକଳ ବାହିନୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି।ଅନ୍ୟପକ୍ଷରେ ଦିଲ୍ଲୀ ପୁଲିସ ମାଲବ୍ୟ ନଗର ଅଗ୍ନିକାଣ୍ଡ ମାମଲାରେ ଜଣେ ରୋଷେୟାଙ୍କୁ ଗିରଫ କରିଛି। ଦିଲ୍ଲୀର ଫ୍ଲୋରିସ୍ ଷ୍ଟେ ହୋଟେଲ୍ ଅଗ୍ନିକାଣ୍ଡ ଘଟଣାରେ ୧୩ ବିଦେଶୀ ନାଗରିକଙ୍କ ସମେତ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ଅଧିକାରୀମାନେ ଶନିବାର କହିଛନ୍ତି। ପୁଲିସ କହିଛି ଯେ, ତଦନ୍ତରୁ ଜଣାପଡ଼ିଛି ରୋଷେୟାଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଏହି ମାମଲାରେ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏହି ମାମଲାରେ ପୁଲିସ ହୋଟେଲ ମାଲିକ ଲଭକେଶ ବଜାଜ, ସ୍ୱିଟି ସରକାର ଓ ପୁଷ୍ପୋ ସରକାରଙ୍କୁ ଗିରଫ କରିଛି। ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା।

# ଲେବାନନ ରାଷ୍ଟ୍ରପତିଙ୍କ ଅଭିଯୋଗର ଉତ୍ତର ଦେଲେ ଆରାଘଚି

**ତେହେରାନ:** ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଲେବାନନ ରାଷ୍ଟ୍ରପତି ଜୋସେଫ ଆଉନ୍ଙ୍କୁ ତାଙ୍କର ସାମ୍ପ୍ରତିକ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନା କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ,ସେ ପ୍ରକୃତ ଶତ୍ରୁକୁ ଚିହ୍ନିବାକୁ ଚେଷ୍ଟା କରିବାକୁ ଜୋସେଫଙ୍କୁ ପରାମର୍ଶ ଦେଇଛନ୍ତି। ଆରାଘଚି ସୋସିଆଲ ମିଡିଆ ଏକ୍ସରେ ଲେବାନନ ରାଷ୍ଟ୍ରପତିଙ୍କ ସାକ୍ଷାତକାରର ଏକ କ୍ଲିପ୍ ମଧ୍ୟ ସେୟାର କରିଛନ୍ତି। ଲେବାନନ ରାଷ୍ଟ୍ରପତି ଜୋସେଫ ଆଉନ୍ ସମ୍ପ୍ରତି ଏକ ଗଣମାଧ୍ୟମ ସାକ୍ଷାତକାରରେ ଇରାନ ଉପରେ ଗୁରୁତର ଅଭିଯୋଗ ଆଣି କହିଥିଲେ ଯେ, ଇରାନ ଲେବାନନକୁ ଏକ ମୋହରା ଭାବରେ ବ୍ୟବହାର କରୁଛି । ଏହା ବନ୍ଦ କରି ଆଲୋଚନାରେ ସାମିଲ ହେବା ଉଚିତ୍। ତାଙ୍କ ବକ୍ତବ୍ୟ ଇରାନକୁ ଅସନ୍ତୁଷ୍ଟ କରିଛି।ଲେବାନନ ରାଷ୍ଟ୍ରପତିଙ୍କ ଅଭିଯୋଗର ଜବାବ ଏବେ ଆବାସ ଆରାଘଚି ଦେଇଛନ୍ତି। ସେ ବ୍ୟଙ୍ଗାତ୍ମକ ଭାବରେ କହିଛନ୍ତି ଯେ, ରାଷ୍ଟ୍ରପତି ଜୋସେଫଙ୍କ କଥା ଶୁଣି ଏପରି ଲାଗୁଛି ଯେପରି ଇରାନ ଲେବାନନର ଏକ ପଞ୍ଚମାଂଶ ଦଖଲ କରିସାରିଛି, ଜନସଂଖ୍ୟାର ଏକ ଚତୁର୍ଥାଂଶକୁ ବିସ୍ଥାପିତ କରିଛି ଏବଂ ପ୍ରତିଦିନ ବୋମାମାଡ଼ କରୁଛି। ସେ କହିଛନ୍ତି, ରାଷ୍ଟ୍ରପତି ମହାଶୟ ଲେବାନନକୁ ପ୍ରକୃତ ଶତ୍ରୁଠାରୁ ରକ୍ଷା କରନ୍ତୁ। ଏକ ସାକ୍ଷାତକାରରେ, ଆଉନ୍ କହିଥିଲେ ଯେ ଇରାନ ଲେବାନନର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ ଏବଂ ଆମେରିକା ସହିତ ଆଲୋଚନାରେ ଲେବାନନକୁ ଏକ ବନ୍ଦୀ ଭାବରେ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ।ସେ ଇରାନକୁ କହିଥିଲେ, "ଏହା ତୁମର ଦେଶ ନୁହେଁ, ଏହା ଆମର ଦେଶ। ତୁମେ ଆମକୁ ମୋହରା ଭାବେ ବ୍ୟବହାର କରୁଛ, ଯାହା ଭୁଲ।" ସେ ହିଜବୁଲ୍ଲାକୁ ମଧ୍ୟ ନିବେଦନ କରି କହିଥିଲେ,ଏହି ସଂଘର୍ଷର ଅନ୍ତ ହିଂସା କିମ୍ବା ଯୁଦ୍ଧ ନୁହେଁ, ବରଂ କେବଳ ଆଲୋଚନା ଏବଂ କୂଟନୀତିରେ ହେବ। ଏହି ପଥ ଅନୁସରଣ କରିବାକୁ ପଡିବ।।

# ସମ୍ଭଲରେ ମସଜିଦ୍ ଭାଙ୍ଗିବା ଆରମ୍ଭ

**ଲକ୍ଷ୍ନୌ:** ଜମି ମାଲିକାନା ବିବାଦ ମଧ୍ୟରେ ଉତ୍ତର ପ୍ରଦେଶ ସରକାର ଶନିବାର ସମ୍ଭଲ ଜିଲ୍ଲାର ମୁସ୍ତଫା କାଦ୍ରି ମସଜିଦ୍ ଭଙ୍ଗ ଅଭିଯାନ ଆରମ୍ଭ କରିଛନ୍ତି। ମସଜିଦ୍ ସରକାରୀ ଜମିରେ ନିର୍ମାଣ ହୋଇଥିବା କର୍ତ୍ତୃପକ୍ଷ ଦାବି କରୁଥିବାବେଳେ ମସଜିଦ୍ କମିଟି ସଦସ୍ୟ ଆଇନଗତ ଉପାୟରେ ସରକାରଙ୍କ ଏହି ପଦକ୍ଷେପକୁ ଚ୍ୟାଲେଞ୍ଜ କରିଛନ୍ତି। ୧୨୦ ବର୍ଗ ମିଟର ଜମିରେ ଅବସ୍ଥିତ ମସଜିଦକୁ ଭାଙ୍ଗିବା ପାଇଁ ଅଧିକାରୀମାନେ ପଦକ୍ଷେପ ନେଇଥିବାବେଳେ ଚାରୋଟି ବୁଲଡୋଜର ନିୟୋଜିତ କରାଯାଇଥିଲା। ଅପରେସନ ସମୟରେ ପୁଲିସ ଓ ରାଜସ୍ୱ ଅଧିକାରୀଙ୍କୁ ନେଇ ବିପୁଳ ଫୋର୍ସ ମୁତୟନ କରାଯାଇଥିଲା। ଏହି ବିବାଦ ଜାନୁଆରି ମାସରେ ହୋଇଥିବା ଏକ ରାଜସ୍ୱ ସର୍ଭେ ସମୟରୁ ଆରମ୍ଭ ହୋଇଥିଲା, ଯେଉଁ ସମୟରେ ଅଧିକାରୀମାନେ ଦାବି କରିଥିଲେ ଯେ, ମସଜିଦ ଯେଉଁ ଜମିରେ ରହିଛି ତାହା ସରକାରୀ ସମ୍ପତ୍ତି ଭାବରେ ରେକର୍ଡ କରାଯାଇଛି। ରାଜସ୍ୱ ରେକର୍ଡ଼ରେ ଜମି ରାଜ୍ୟ ସରକାରଙ୍କ ଅଧିକୃତ ଦର୍ଶାଉଥିବାବେଳେ ଅଧିକ ଯାଞ୍ଚରୁ ମସଜିଦ୍ ୱକ୍ଫ ସମ୍ପତ୍ତି ଭାବେ ପଞ୍ଜିକୃତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।






ଦିଲ୍ଲୀର ଜନ୍ତରମନ୍ତରରେ କକ୍ରୋଚ ଜନତା ପାର୍ଟିର ବିଶାଳ ରାଲି

# ପ.ବଙ୍ଗରେ ଚାଲିବ ବୁଲେଟ୍ ଟ୍ରେନ୍




**କୋଲକାତା:** ପଶ୍ଚିମବଙ୍ଗରେ ଚାଲିବ ବୁଲେଟ ଟ୍ରେନ୍। ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପଶ୍ଚିମବଙ୍ଗରେ ରେଳ ଭିତ୍ତିଭୂମି ଘୋଷଣା କରିବା ସମୟରେ ଏହି ଘୋଷଣା କରିଛନ୍ତି। ଭାରତର ଉତ୍ତର ପୂର୍ବର ଦ୍ୱାର ପଥ ସିଲିଗୁଡ଼ିରୁ ଦିଲ୍ଲୀକୁ ବୁଲେଟ୍ ଟ୍ରେନ୍ ରେ ଚାଲିବ ବୁଲେଟ ଟ୍ରେନ୍। ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପଶ୍ଚିମବଙ୍ଗରେ ରେଳ ଭିତ୍ତିଭୂମି ଘୋଷଣା କରିବା ସମୟରେ ଏହି ଘୋଷଣା କରିଛନ୍ତି। ଭାରତର ଉତ୍ତର ପୂର୍ବର ଦ୍ୱାର ପଥ ସିଲିଗୁଡ଼ିରୁ ଦିଲ୍ଲୀକୁ ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୁଲେଟ୍ ଟ୍ରେନ୍ ସେବା ଆରମ୍ଭ ହେଲେ ସିଲିଗୁଡ଼ିରୁ ଦିଲ୍ଲୀ ପହଞ୍ଚିବାକୁ ବର୍ତ୍ତମାନ ୨୦ ଘଣ୍ଟା ସମୟ ଲାଗୁଥିବାବେଳେ ଏହି ସମୟ ୬ ଘଣ୍ଟାକୁ କମି ଆସିବ ବୋଲି ବୈଷ୍ଣବ କହିଛନ୍ତି। ସିଲିଗୁଡ଼ିରୁ ଦିଲ୍ଲୀ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଦେଶର ଦ୍ୱିତୀୟ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ। ଏହାପୂର୍ବରୁ ମୁମ୍ବାଇ-ଅହମଦାବାଦ କରିଡରର ୫୦୮ କିମି ଦୀର୍ଘ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଆସନ୍ତାବର୍ଷରୁ କାର୍ଯ୍ୟମ ହେବ। ବୈଷ୍ଣବ କହିଛନ୍ତି, ପଶ୍ଚିମବଙ୍ଗ ବୁଟ୍ ଟ୍ରେନ୍ ପ୍ରକଳ୍ପ ଦିଲ୍ଲୀ ଓ ସିଲିଗୁଡ଼ିକୁ ଲକ୍ଷ୍ନୌ, ବାରାଣସୀ ଓ ପାଟନା ଦେଇ ସଂଯୋଗ କରିବ। ବୈଷ୍ଣବ କୋଲକାତା ଗସ୍ତ ବେଳେ ମେଟ୍ରୋ ଟ୍ରେନ୍ରେ ବସିବା ସହିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ନିର୍ବାଚନୀ ବିଜୟ ଓ ପଶ୍ଚିମବଙ୍ଗକୁ ତୃଣମୂଳ କଂଗ୍ରେସ ଶାସନରୁ ରକ୍ଷା କରିଥିବା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ୧୯ ବିଦେଶୀ ସଂସଦକୁ ସମ୍ବୋଧିତ କରି ରେକର୍ଡ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ରୁ ୨୦୨୬ ଗତ ୧୨ ବର୍ଷ ମଧ୍ୟରେ ବିଶ୍ୱର ବିଭିନ୍ନ ଦେଶର ୧୯ ଟି ସଂସଦକୁ ସମ୍ବୋଧିତ କରିଛନ୍ତି। ଏହା କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ସର୍ବାଧିକ ରେକର୍ଡ। ବିଜେପି କହିଛି ଯେ, ମୋଦୀ ପୂର୍ବ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତୁଳନାରେ ଅଧିକ ବିଦେଶୀ ସଂସଦକୁ ସମ୍ବୋଧିତ କରିଛନ୍ତି। ଦଳ ଏହାକୁ ଭାରତର ବଢୁଥିବା ବିଶ୍ୱ ଶକ୍ତି, କୂଟନୈତିକ ପ୍ରଭାବ ଏବଂ ଅନ୍ତର୍ଜାତୀୟ ଖ୍ୟାତିର ପ୍ରମାଣ ବୋଲି କହିଛି। ବିଜେପି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା କଂଗ୍ରେସରୁ ଆରମ୍ଭ କରି ଇସ୍ରାଏଲୀ ସଂସଦ ନେସେଟକୁ ସମ୍ବୋଧିତ କରିଛନ୍ତି। ଦଳ ଅନୁଯାୟୀ, ଏହି ସଫଳତା ଦର୍ଶାଉଛି ଯେ ବିଶ୍ୱ ସ୍ତରରେ ଭାରତର ସ୍ୱର ଅଧିକ ଶକ୍ତିଶାଳୀ ହୋଇଛି। ପରିସଂଖ୍ୟାନ ଅନୁଯାୟୀ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତିନୋଟି ବିଦେଶୀ ସଂସଦକୁ ସମ୍ବୋଧିତ କରିଥିଲେ। ଇନ୍ଦିରା ଗାନ୍ଧୀ ଚାରିଟି, ମନମୋହନ ସିଂହ ସାତଟି, ଯେତେବେଳେ ରାଜୀବ ଗାନ୍ଧୀ ଏବଂ ଅଟଳ ବିହାରୀ ବାଜପେୟୀ ପ୍ରତ୍ୟେକେ ଦୁଇଟି କରି ସମ୍ବୋଧିତ କରିଥିଲେ। ଇଥିଓପିଆ ସଂସଦକୁ ସମ୍ବୋଧିତ କରିଥିଲେ । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ହେବାର କିଛି ଦିନ ପରେ, ନରେନ୍ଦ୍ର ମୋଦୀ ଅଷ୍ଟ୍ରେଲିଆ, ଫିଜି, ନେପାଳ ଏବଂ ଭୁଟାନର ସଂସଦକୁ ସମ୍ବୋଧିତ କରିଥିଲେ। ପରବର୍ତ୍ତୀ ସମୟରେ, ୨୦୧୫ ମସିହାରେ, ସେ ମରିସସର ଜାତୀୟ ପରିଷଦ, ଶ୍ରୀଲଙ୍କାର ସଂସଦ, ମଙ୍ଗୋଲିଆର ସଂସଦ ଏବଂ ଯୁକ୍ତରାଜ୍ୟର ସଂସଦକୁ ସମ୍ବୋଧିତ କରିଥିଲେ।

# ନୂତନ ପିଢିକୁ ଭରସା ଦେଇଛି ଏଆଇ



**ନୂଆଦିଲ୍ଲୀ:** ନୂତନ ପୀଢ଼ିକୁ ବଡ଼ ଭରଷା ହୋଇଛି ଏଆଇ ସ୍ମାର୍ଟ। ପ୍ରତ୍ୟେକ କ୍ଷେତ୍ରରେ ଏଆଇ ଉପଯୋଗ ବହୁଳ ଭାବରେ ବ୍ୟବହୃତ ହେଉଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଏଆଇ ସ୍ମାର୍ଟଫୋନ। ଗତ ମାସରେ ୩ ଲକ୍ଷରୁ ଅଧିକୟୁନିଟ୍ ସ୍ମାର୍ଟଫୋନ ବିକ୍ରି କରିବା ସହିତ ୩୫୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲ କରିଛି । ଏହି ସଫଳତା ଭାରତରୁ ଏକ ନୂତନ ଯୁଗର ଟେକ୍ନୋଲୋଜି ବ୍ରାଣ୍ଡ ନିର୍ମାଣ କରିବାର ଏଆଇର ଦୃଷ୍ଟିକୋଣ ପଛର ବର୍ଦ୍ଧିତ ବେଗକୁ ପ୍ରତିଫଳନ କରୁଛି । ଏଭଳି ଏକ ବ୍ରାଣ୍ଡ ଯାହା ଉପଭୋକ୍ତାଙ୍କ ଏକ ନୂତନ ପିଢି ପାଇଁ ସ୍ମାର୍ଟଫୋନ ଅନୁଭୂତିକୁ ପୁନଃପରିକଳ୍ପନା କରିବା ଲାଗି ଉଦ୍ଭାବନ, ଉପଲବ୍ଧତା ଓ ଉପଭୋକ୍ତା ପ୍ରଥମ ଚିନ୍ତାଧାରାକୁ ଏକତ୍ରିତ କରିଛି । ଏକ ବର୍ଷରୁ କମ୍ ସମୟ ହେବ ଭାରତୀୟ ସ୍ମାର୍ଟଫୋନ ବଜାରରେ ପ୍ରବେଶ କରିଥିବା ଏଆଇ ସ୍ମାର୍ଟଫୋନ ଦେଶର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ମାର୍ଟଫୋନ ବ୍ରାଣ୍ଡ ଭାବେ ଉଭା ହୋଇଛି । ଏହି ସଫଳତା ସମ୍ପର୍କରେ ଏଆଇ ସ୍ମାର୍ଟଫୋନର ସିଇଓ ଏବଂ ନେକ୍ସଟକ୍ୱାଂଟମ ସିଫଫ ଟେକ୍ନୋଲୋଜିସର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି, ଗୋଟିଏ ମାସରେ ୩ ଲକ୍ଷୟୁନିଟ୍ ବିକ୍ରି କରିବା ଓ ୩୫୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବା ଆମ ପାଇଁ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସଫଳତା ନୁହେଁ, ବରଂ ଏହା ଏକ ବୃହତ ଆନ୍ଦୋଳନ ।

# ତାମିଲନାଡୁ ବିଜେପିରୁ ଆଉ ଜଣଙ୍କ ଇସ୍ତଫା

ଚେନ୍ନାଇ: ତାମିଲନାଡୁ ବିଜେପିରେ ଏବେ ଇସ୍ତଫା ପର୍ବ ଆରମ୍ଭ ହୋଇଛନ୍ତି। ପ୍ରଥମେ ଦଳର ପୂର୍ବତନ ତାମିଲନାଡୁ ମୁଖ୍ୟ କେ ଆନ୍ନାମଲାଇ ଓ ରାଜ୍ୟ ଉପ ସଭାପତି କାରୁ ନାଗାରଞ୍ଜନ ବିଜେପିକୁ ବାଏବାଏ କହିଥିଲେ। ଏବେ ଆଉ ଜଣେ ବିଜେପି ନେତ୍ରୀ ସମାନ ପଦକ୍ଷେପ ନେଇଛନ୍ତି।ଗୋଟିଏ ସୋଶାଲ ମିଡିଆ ପୋଷ୍ଟରେ ତାମିଲନାଡୁ ବିଜେପିର ସାଧାରଣ ସମ୍ପାଦକ ସୁମାତି ଭେଙ୍କଟେଶ ନିଜ ପଦ ସହ ବିଜେପି ଛାଡୁଥିବା ଘୋଷଣା କରିଛନ୍ତି। ଅନେକ କିଛି ଭାବିବା ପରେ ବେଶ ଦୁଃଖର ସହ ସେ ବିଜେପି ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସୁମାତି ଭେଙ୍କଟେଶ କହିଛନ୍ତି, "ଅତ୍ୟନ୍ତ ଦୁଃଖର ସହ ମୁଁ ତାମିଲନାଡୁ ଭାରତୀୟ ଜନତା ପାର୍ଟିର ରାଜ୍ୟ ସମ୍ପାଦକ ପଦରୁ ଓହରି ଯାଇଛି।

## ପୂର୍ବତନ ସେନା ମୁଖ୍ୟଙ୍କ କଟାକ୍ଷ

# ପାକିସ୍ତାନ ମଧ୍ୟସ୍ଥି ନୁହେଁ, କେବଳ ଏକ "କୋରିୟର ସର୍ଭିସ୍'

**ନୂଆଦିଲ୍ଲୀ:** ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଭିତରେ ନିଜକୁ ଏକ ବଡ଼ ମଧ୍ୟସ୍ଥି ଭାବେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଥିବା ପାକିସ୍ତାନକୁ ଭାରତର ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରବଣେ ଶନିବାର କଡ଼ା ଭାଷାରେ ସମାଲୋଚନା କରି କହିଛନ୍ତି ଯେ ପାକିସ୍ତାନ କୌଣସି ଆଲୋଚନାକାରୀ ବା ମଧ୍ୟସ୍ଥି ନୁହେଁ, ବରଂ ସେ କେବଳ ଏକ "କୋରିୟର ସର୍ଭିସ୍" ବା ବାର୍ତ୍ତାବାହକ ଭଳି କାର୍ଯ୍ୟ କରୁଛି। ବାସ୍ତବରେ, ବିଗତ କିଛି ମାସ ହେବ ପାକିସ୍ତାନ କ୍ରମାଗତ ଭାବେ ଆମେରିକା ଓ ଇରାନ ମଧ୍ୟରେ ବାର୍ତ୍ତାଳାପର ସୁବିଧା ସୁଯୋଗ ସୃଷ୍ଟି କରି ନିଜକୁ ବିଶ୍ୱ ଦରବାରରେ ଜଣେ ମଧ୍ୟସ୍ଥି ଭାବେ ପ୍ରମାଣିତ କରିବାକୁ ପ୍ରୟାସ ଚଳାଇଛି, ଯାହାକୁ ଜେନେରାଲ ନରବଣେ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିବା ସହ ନିଜର ମନ୍ତବ୍ୟ ରଖିଛନ୍ତି।ଇରାନ-ଆମେରିକା ସଂଘର୍ଷ ଏବଂ ଏହାର ବିଶ୍ୱ ବାଣିଜ୍ୟ ତଥା ସୁରକ୍ଷା ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରି ଜେନେରାଲ ନରବଣେ କହିଛନ୍ତି ଯେ ଜାତୀୟ ସୁରକ୍ଷା ସଦାସର୍ବଦା ଅର୍ଥନୈତିକ ସୁରକ୍ଷା ସହିତ ଓତପ୍ରୋତ ଭାବେ ଜଡ଼ିତ। ବାସ୍ତବରେ ଅର୍ଥନୀତି ହିଁ ଅନ୍ୟ ସମସ୍ତ ବ୍ୟବସ୍ଥାକୁ ପରିଚାଳିତ କରିଥାଏ। ତେଣୁ ବିଶ୍ୱ ବାଣିଜ୍ୟର ପ୍ରତିକୂଳ ସ୍ଥିତି ମଧ୍ୟରେ ବି ଭାରତ ସର୍ବଦା ଆତ୍ମନିର୍ଭରଶୀଳ ଏବଂ ସ୍ୱାବଲମ୍ବୀ ହେବାକୁ ନିରନ୍ତର ପ୍ରୟାସ କରୁଛି। ବିଶ୍ୱ ସ୍ତରରେ ଘଟୁଥିବା ଆକସ୍ମିକ ସଙ୍କଟର ପ୍ରଭାବରୁ ନିଜକୁ ସମ୍ପୂର୍ଣ୍ଣ ଅଲଗା ରଖିବା ସମ୍ଭବ ନହେଲେ ମଧ୍ୟ, ଭାରତ ବର୍ତ୍ତମାନ ନିଜର ଯୋଗାଣ ଶୃଙ୍ଖଳାର ବିବିଧୀକରଣ ଏବଂ ଘରୋଇ ଉତ୍ପାଦନ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛି, ଯଦ୍ୱାରା ଦେଶ ଆଗାମୀ ଦିନର ଯେକୌଣସି ଆର୍ଥିକ ଝଟକା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିପାରିବ। ଭୂ-ରାଜନୈତିକ ଅନିଶ୍ଚିତତାକୁ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ବଦଳୁଥିବା ବିଶ୍ୱ ପରିସ୍ଥିତି ଅନୁଯାୟୀ ନିଜକୁ ଖାପଖୁଆଇ ଚଳିବା ଏବଂ ସର୍ବଦା ଜାତୀୟ ସ୍ୱାର୍ଥ ତଥା ଦେଶବାସୀଙ୍କ ମଙ୍ଗଳକୁ ଆଖି ଆଗରେ ରଖି ନିଷ୍ପତ୍ତି ନେବା ହିଁ ବର୍ତ୍ତମାନ ସମୟର ମୁଖ୍ୟ ଆବଶ୍ୟକତା।



# ଶ୍ରେୟାସ ଅଧିନାୟକ, ସୂର୍ଯ୍ୟବଂଶୀଙ୍କୁ ସୁଯୋଗ



ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଟି-୨୦ ବିଶ୍ୱକପ୍ ବିଜୟୀ କରିଥିବା ସୂର୍ଯ୍ୟ କୁମାର ଯାଦବ ନିଜର ଖରାପ ଫର୍ମ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ସ୍କାଏ ଭାବେ ପରିଚିତ ସୂର୍ଯ୍ୟ କୁମାରଙ୍କୁ ବିଧିବଦ୍ଧ ଭାବେ ଭାରତୀୟ ଟି-୨୦ ଦଳର ଅଧିନାୟକ ପଦରୁ ବିସିସିଆଇ ବିଦା କରିଛି। ତାଙ୍କ ବଦଳରେ ଶ୍ରେୟାସ ଆୟର ଭାରତୀୟ ଟି-୨୦ ଦଳର ନୂଆ ଅଧିନାୟକ ହୋଇଛନ୍ତି।

ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳା ପାଇଁ ଶନିବାର ଦଳ ଚୟନ ହୋଇଛି। ଅକ୍ଷର ପଟେଲଙ୍କ ସ୍ଥାନରେ ତିଲକ ବର୍ମା ଭାରତୀୟ ଟି-୨୦ ଦଳର ନୂଆ ଉପଅଧିନାୟକ ହୋଇଛନ୍ତି। ଏଥିସହ ଚଳିତ ଆଇପିଏଲରେ ଖୁବ୍ ଚର୍ଚ୍ଚାରେ ରହିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଭାରତୀୟ ଟି-୨୦ ଦଳରେ ସ୍ଥାନ ପାଇଛନ୍ତି। ପ୍ରଥମଥର ପାଇଁ ସୂର୍ଯ୍ୟବଂଶୀଙ୍କୁ ସିନିୟର ଦଳରେ ଚୟନ କରାଯାଇଛି। ସେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ପାଇଁ ସିନିୟର ଦଳରେ ସୁଯୋଗ ପାଇଛନ୍ତି। ଏହି ଶୃଙ୍ଖଳରେ ଯଶପ୍ରୀତ ବୁମରା ଖେଳିବେ ନାହିଁ। ତାଙ୍କୁ ଦଳ ବିଶ୍ରାମ ଦେଇଛି। ଶୁଭମନ ଗିଲ ମଧ୍ୟ ଭାରତୀୟ ଟି-୨୦ ଦଳରୁ ବାଦ ପଡିଛନ୍ତି। ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାକୁ ଭାରତୀୟ ଟି-୨୦ କ୍ରିକେଟରେ ଶ୍ରେୟାସଙ୍କ ଯୁଗ ଆରମ୍ଭ ହେବ। ଇଂଲଣ୍ଡ ଗସ୍ତ ବ୍ୟତୀତ ସମାନ୍ତରାଳ ଭାବେ ଜାପାନରେ ଆୟୋଜିତ ହେବାକୁଥିବା ଏସିଆନ୍ ଗେମ୍ସ ପାଇଁ ଟି-୨୦ ଦଳ ଘୋଷଣା ହୋଇଛି।

ଏସିଆନ୍ ଗେମ୍ସରେ ମଧ୍ୟ ଭାରତର ଅଧିନାୟକ ଦାୟିତ୍ୱ ଶ୍ରେୟାସ ସମ୍ଭାଳିବେ। ଏହି ଦଳରେ ଭେଟେରାନ ଯଶପ୍ରୀତ ବୁମରା ରହିଛନ୍ତି। ଅର୍ଥାତ୍ ଏସିଆନ୍ ଗେମ୍ସ ପାଇଁ ବିସିସିଆଇ ଶକ୍ତିଶାଳୀ ଟିମ ତିଆରି କରିଛି। ଏସିଆନ୍ ଗେମ୍ସରେ ଟିମ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼େଇ କରିବ। ସେହିଭଳି ଏସିଆନ୍ ଗେମ୍ସ ଦଳରେ ମଧ୍ୟ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ଦଳରେ ଅଭିଶେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଷାନ, ଶିବମ ଦୁବେ, ତିଲକ ବର୍ମା, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ମିଳିଛି।

ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳରେ ନୂଆ ମୁହଁ ଭାବେ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ମିଳିଛି। ଆଇପିଏଲରେ ଦମଦାର ପ୍ରଦର୍ଶନ କରିଥିବାରୁ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି।

୨୦୨୬ ବିଶ୍ୱକପ ଦଳରେ ଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିସିସିଆଇ ଦଳରେ ରଖିନାହାନ୍ତି। ସମ୍ଭବତଃ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ଖେଳି ପାରନ୍ତି। ରିଙ୍କୁ ସିଂ ଓ କୁଳଦୀପ ଯାଦବଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଆହତ ସମସ୍ୟା ଦେଇ ଗତି କରୁଥିବା ହର୍ଷିତ ରାଣା ସୁସ୍ଥ ହେବା ମାତ୍ରେ ତ । ଙ୍କୁ



ଭାରତୀୟ

ଦଳରେ ସାମିଲ କରାଯାଇଛି। କିନ୍ତୁ ରିଙ୍କୁ ସିଂ ଓ କୁଳଦୀପ ଯାଦବଙ୍କୁ ବାଦ ଦେବା ସମସ୍ତଙ୍କୁ ଚକିତ କରିଛି।

ଇଂଲଣ୍ଡ ଟୁର ସମୟରେ ଭାରତ ପ୍ରଥମେ ଜୁନ ୨୬ ଓ ୨୮ ତାରିଖରେ ଆୟର୍ଲାଣ୍ଡ ସହ ଦୁଇଟି ଟି-୨୦ ମ୍ୟାଚ ଖେଳିବ। ଏହାପରେ ଇଂଲଣ୍ଡ ବିପକ୍ଷ ୫ଟି ଟି-୨୦ ଓ ୩ଟି ଦିନିକିଆ ମ୍ୟାଚ ଜୁଲାଇ ୧ରୁ ଆରମ୍ଭ ହେବ। ଏସିଆନ ଗେମ୍ସ ସେପ୍ଟେମ୍ବର-ଅକ୍ଟୋବରରେ ଖେଳାଯିବ। କିନ୍ତୁ ଏସିଆନ୍ ଗେମ୍ସ ନିୟମ ଅନୁଯାୟୀ ବିସିସିଆଇ ଆଜିଠାରୁ ହିଁ ଭାରତୀୟ ଦଳ ଘୋଷଣା କରିଛି।

ବିସିସିଆଇ କେବଳ ସୂର୍ଯ୍ୟ କୁମାରଙ୍କୁ ଅଧିନାୟକ ପଦରୁ ହଟାଇ ନାହିଁ। ବରଂ ୧୮ ମାସ ହେଲା ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁଁ ତାଙ୍କୁ ଦଳରେ ମଧ୍ୟ ସ୍ଥାନ ଦେଇନାହିଁ। ତ । ଙ୍କ

ବଦଳରେ ବିଶ୍ୱକପ ଦଳରେ ନଥିବା ୩୧ ବର୍ଷୀୟ ଶ୍ରେୟାସ ଆୟରଙ୍କୁ ଅଧିନାୟକ କରାଯାଇଛି। ସେ ନଂ.୪ରେ ସ୍ଥାନ ବ୍ୟାଟିଂ କରିବେ।

ଆଇପିଏଲରେ ଦମଦାର ପ୍ରଦର୍ଶନ ଓ ଅଧିନାୟକ ଭାବେ ଶ୍ରେୟାସ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ଦିଲ୍ଲୀ, କୋଲକାତା ଓ ପଞ୍ଜାବକିଙ୍ଗ୍ସର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ଏହି ୩ଟି ଯାକ ଦଳ ଆୟାରଙ୍କ ନେତୃତ୍ୱରେ ହିଁ ଫାଇନାଲ ଖେଳିଥିଲେ। ବିସିସିଆଇ ତାଙ୍କୁ ଭାରତୀୟ ଦଳର ନେତୃତ୍ୱ ଦେଇଛି।

## ଚଣ୍ଡିଗଡ଼ ଟେଷ୍ଟ

# ରାହୁଲ, ଗିଲ୍‌ଙ୍କ ଶତକ: ଭାରତ ୩୬୮/୩

ନ୍ୟୁଚଣ୍ଡିଗଡ଼, ୬।୬(ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ନ୍ୟୁଚଣ୍ଡିଗଡ଼ରେ ଆରମ୍ଭ ହୋଇଛି। ଆଇପିଏଲ ପରେ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ । ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତ ମ୍ୟାଚର ପ୍ରଥମ ଦିନ ହିଁ କମାଲ କରିଛି। ଷ୍ଟମ୍ପଅପସାରଣ ବେଳକୁ ଲୋକେଶ ରାହୁଲଙ୍କ ୧୦୦ ରନ୍ ଓ ଶୁଭମନ ଗିଲଙ୍କ ଅପରାଜିତ ୧୦୩ ରନ୍ ତଥା ରିଷଭ ପନ୍ତଙ୍କ ଅପରାଜିତ ୫୦ ରନ୍ ସହାୟତାରେ ୮୫ ଓଭରରେ ୩ ୱିକେଟ୍ ହରାଇ ୩୬୮ ରନ୍ କରିଛି ଭାରତ। ଆଫଗାନିସ୍ତାନର ମହମ୍ମଦ ସଲିମଙ୍କୁ ଦୁଇଟି ଓ ଜିଆଉର ରହମାନଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଛି।



ଟସ ଜିତି ଶୁଭମନ ଗିଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିଜ ଦେଶରେ ଅତିଥି ଦଳ ସାଜିଥିବା ଭାରତ ପାଇଁ ଯଶସ୍ୱୀ ଜୟଶ୍ୱାଲଙ୍କ ସହ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ। ଆଇପିଏଲରେ ଏତେ ଭଲ ପ୍ରଦର୍ଶନ ଦେଖାଇପାରିନଥିବା ଜୟଶ୍ୱାଲ ଟେଷ୍ଟରେ ମଧ୍ୟ ବଡ଼ ସ୍କୋର କରିପାରିନାହାନ୍ତି। ୩୨ ବଲରୁ ୨୪ ରନ୍ କରି ଜୟଶ୍ୱାଲ ପାଭିଲିୟନ୍ ଫେରିଥିଲେ। ରାହୁଲ ୧୬୫ ବଲର ସମ୍ମୁଖୀନ ହୋଇ ଶତକ ହାସଲ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୨ତମ ଶତକ। ସେହିଭଳି ସାଇ ସୁଦର୍ଶନଙ୍କ ବ୍ୟାଟରୁ ମଧ୍ୟ ଆମ୍ଭରା ଇନିଂସ ଦେଖିବାକୁ ମିଳିଥିଲା। ସେ ୧୦୪ ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ସହାୟତାରେ ୮୧ ରନ୍ କରିଥିଲେ। ମଜଭୁତ ଆରମ୍ଭ ଭାରତୀୟ ଇନିଂସକୁ ବଡ଼ ସ୍କୋର ଆଡେ ନେଇଥିଲା। ବ୍ୟାଟିଂ ଫ୍ରେଣ୍ଡଲି ନ୍ୟୁଚଣ୍ଡିଗଡ଼ ଟିମରେ ଶୁଭମନ ଗିଲ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଥିଲେ। ସେ ୧୪୩ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୧୦୩ ରନ୍ କରିଥିଲେ। ଆଇପିଏଲରେ ଏତେ ଭଲ ଖେଳିପାରିନଥିବା ରିଷଭ ପନ୍ତଙ୍କ ବ୍ୟାଟରୁ ମଧ୍ୟ ଭଲ ଇନିଂସ ଦେଖିବାକୁ ମିଳିଛି। ପନ୍ତ ୭୦ ବଲରୁ ଦୁଇଟି ଚୌକା ଓ ୩ ଛକା ସହାୟତାରେ ୫୦ ରନର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଗିଲ ଓ ପନ୍ତ ଦୁହେଁ ଦିନିକିଆ ଶୈଳୀରେ ବ୍ୟାଟିଂ କରି ଆଫଗାନିସ୍ତାନ ବୋଲରଙ୍କୁ ନିରାଶ କରିଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୧୨୧ ରନ ଯୋଡିଛନ୍ତି। ଶୁଭମନ ଗିଲ ଅଧିନାୟକତ୍ୱ ଇନିଂସ ଖେଳି ଦଳର ରକ୍ଷାକବଚ ସାଜିଛନ୍ତି। ପ୍ରଥମ ଖେଳ ଶେଷ ସୁଦ୍ଧା ଭାରତ ୩ ୱିକେଟ୍ ହରାଇ ୩୬୮ ରନ୍ କରିଛି। ବୋଲିଂରେ ମହମ୍ମଦ ସଲିମସଫି ଜିଆଫସରିଫ ଗୋଟିଏ ୱିକେଟ୍ ନେଇଥିଲେ।

## ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ

# ଯଦୁପୁର ବିଜୟୀ

ଭୁବନେଶ୍ୱର, ୬।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ପାରାମାଉଣ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନ ଦ୍ୱିତୀୟ ମ୍ୟାଚରେ ଯଦୁପୁର କ୍ରିକେଟ ଏକାଡେମୀ ୯ ୱିକେଟରେ ସନସାଇନ ସ୍ପୋର୍ଟିଂକୁ ହରାଇଛି। ଏହି ମ୍ୟାଚରେ ସନସାଇନ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଁ ୧୧ ଓଭରରେ ସମସ୍ତ ୱିକେଟ ହରାଇ ୫୫ ରନ କରିଥିଲା। ଯଦୁପୁର ଦଳର ଦ୍ରୁତ ବୋଲର ଆଶୁତୋଷ ଯାଦବ ୪ ଓଭରରେ ୧୫ ରନ ଦେଇ ୫ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟମ୍ ଏସ ଦାସ ଦୁଇଟି ଏବଂ ଓମ୍ ପ୍ରକାଶ ୩ ୱିକେଟ ଅକ୍ତିଆର କରିଥିଲେ। ସନସାଇନ ସ୍ପୋର୍ଟିଂ ପକ୍ଷରୁ ନିଶିତ ପଟ୍ଟନାୟକ ୪୪ ରନ ସଂଗ୍ରହ କରିଥିଲେ। ଜବାବରେ ଯଦୁପୁର କ୍ରିକେଟ ଏକାଡେମୀ ୯.୨ ଓଭରରେ ୧ ୱିକେଟ୍ ହରାଇ ୫୬ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଯଦୁପୁର କ୍ରିକେଟ ଏକାଡେମୀର ଜୟଦୀପ ରାଜନାୟକ ୧୦ ରନ୍ ଏବଂ ସ୍ୱୟମ ଏସ ଦାସ ୨୮ ରନ୍ କରିଥିଲେ। ଏହି ମ୍ୟାଚରେ ଯଦୁପୁର କ୍ରିକେଟ ଏକାଡେମୀର ଆଶୁତୋଷ ଯାଦବଙ୍କୁ ପାରାମାଉଣ୍ଟ ସ୍ପୋର୍ଟିଂର ବରିଷ୍ଠ ଖେଳାଳି ଚିତ ରଞ୍ଜନ ସ୍ୱାଇଁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ପ୍ରଥମ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ଜୟଦେବ ସ୍ପୋର୍ଟିଂ ଏବଂ ପାଓନିୟୋର କ୍ଲବ ପୁରୀ ମଧ୍ୟରେ ଖେଳାଯିବ।

# ବିଶ୍ୱ ବେଞ୍ଚପ୍ରେସ ଚାମ୍ପିଅନସିପରେ ଓଡ଼ିଶାର ଗୀତାଞ୍ଜଳି

ଭୁବନେଶ୍ୱର, ୬।୬(ସବ୍ୟୁ): ପୋଲାଣ୍ଡର ୱାରସୋରେ ଗତ ମାସ ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ବିଶ୍ୱ ବେଞ୍ଚପେସ ଚାମ୍ପିଅନସିପରେ ୫୦ଟି ଦେଶ ଭାଗ ନେଇଥିଲେ। ତନ୍ମଧ୍ୟରେ ଓଡ଼ିଶାର ଗୀତାଞ୍ଜଳୀ ନାୟକ ଅଂଶଗ୍ରହଣ କରି ରାଜ୍ୟ ତଥା ଦେଶକୁ ଗୌରାବାନ୍ୱୀତ କରିଛନ୍ତି । ଏହି ସଫଳତା ପାଇଁ କୋଚ ତଥା ଓଡ଼ିଶା ରାଜ୍ୟ ପାୱାର ଲିଫ୍ଟିଂ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆହୁରି ଅଧିକ ସଂଖ୍ୟକ ମହିଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।



# ସିଏମ୍ ଟ୍ରଫି: କବାଡ଼ି ଚାମ୍ପିଅନସିପ୍ ଉଦଯାପିତ

ଅନୁଗୋଳ, ୬।୬(ସବ୍ୟୁ): ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦ ଅନ୍ତର୍ଗତ ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୪ (ଅନୁଗୋଳ) ବାଳକ ଓ ବାଳିକା ଚାମ୍ପିୟନସିପ୍-୨୦୨୬ ଉଦଯାପିତ ହୋଇଯାଇଛି। ଓଡ଼ିଶା କବାଡ଼ି ସଂଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଜିଲ୍ଲା ପ୍ରଶାସନ ଅନୁଗୋଳ ଏବଂ ଅନୁଗୋଳ ଜିଲ୍ଲା ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ୦୪.୦୬.୨୦୨୬ ରୁ ୦୬.୦୬.୨୦୨୬ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଗୋଳ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ବାଳିକା ବର୍ଗରେ ଅନୁଗୋଳ ୩୯-୩୦ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ବାଳକ ବର୍ଗରେ ନୟାଗଡ଼ ୪୬-୩୨ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିଅନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ଼ଃ ଗୌର ଗୋବିନ୍ଦ ସାମନ୍ତ, ନରେନ୍ଦ୍ର ମହାକୁଳ, ପେସ୍କାର ଗଡନାୟକ, କିଶୋର କୁମାର କର, ରୁଚିରା ଦାସ ଏବଂ ପ୍ରଭାସ ଦାଶ ଉପସ୍ଥିତ ରହିଥିଲେ।



# ଇତିହାସ ରଚିଲେ ପ୍ରଜ୍ଞାନନ୍ଦ

ନୂଆଦିଲ୍ଲୀ, ୬।୬(ଏଜେନ୍ସି): ଭାରତୀୟ ଗ୍ରାଣ୍ଡମାଷ୍ଟର୍ସ ଆର୍ ପ୍ରଜ୍ଞାନନ୍ଦ ଆଉ ଏକ ରେକର୍ଡର ଅଧିକାର ହୋଇଛନ୍ତି। ସେ ଭାରତୀୟ ଚେସ ଇତିହାସରେ ନୂଆ କୀର୍ତ୍ତିମାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ୨୦ ବର୍ଷୀୟ ଏହି ଚେସ ତାରକା ନରୱେର ଓସ୍ଲୋରେ ଆୟୋଜିତ ନରୱେ ଚେସ ଟୁର୍ଣ୍ଣାମେଣ୍ଟ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଶେଷ ରାଉଣ୍ଡରେ ଜର୍ମାନୀର ଗ୍ରାଣ୍ଡମାଷ୍ଟର୍ସ ଭିନସେଣ୍ଟ କିମେରଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ନରୱେ ଚେସ ଟୁର୍ଣ୍ଣାମେଣ୍ଟର ବିଶ୍ୱର ନଂ.୧ ମାଗନସ କାର୍ଲସେନ, ବିଶ୍ୱ ଚାମ୍ପିଅନ ଡି ଗୁକେସ, ଅଲିରେଜା ଫିରୋଜ, ୱେସଲେ ସୋ ଏବଂ କିମେରଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ୨୦ ବର୍ଷୀୟ ପ୍ରଜ୍ଞାନନ୍ଦ ଚାମ୍ପିଅନ ହେବା ଚମତ୍କାର ଠାରୁ କମ ନୁହେଁ। ଏହି ଅଭିଯାନର ଆଉ ଏକ ବଡ଼ ଆକର୍ଷଣ ଥିଲା କାଲସେନଙ୍କ ବିରୋଧରେ ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନ । ସେ ନରୱେର ଏହି ମହାନ ଚେସ ତାରକାଙ୍କୁ ଦୁଇଥର କ୍ଲାସିକାଲ ମ୍ୟାଚରେ ପରାସ୍ତ କରିଥିଲେ। ଗୋଟିଏ ଟୁର୍ଣ୍ଣାମେଣ୍ଟରେ କାର୍ଲସେନଙ୍କୁ ଦୁଇଥର ହରାଇବାରେ ସେ ଭାରତର ଚେସ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଖେଳାଳି ହୋଇପାରିଛନ୍ତି। ଏଥିସହ ଭାରତୀୟ ଚେସ ଇତିହାସରେ ପ୍ରଜ୍ଞାନନ୍ଦ ନୂଆ ଷ୍ଟାର ଭାବେ ଉଭା ହୋଇଛନ୍ତି।



# ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ଆରମ୍ଭ

ଗଣିଆ, ୬।୬(ସବ୍ୟୁ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ସମାଜ ସେବୀ ଗଣେଶ୍ୱର ସାମଲ ଓ ସାତକୋଶିଆ ସ୍ୟାଣ୍ଡସ ରିସର୍ଟ ଦ୍ୱାରା ପ୍ରାୟୋଜିତ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ବେଠିଆସାହି ଜଗନ୍ନାଥ ମନ୍ଦିର ପଛ ଖେଳ ପଡିଆ ଠାରେ ଆରମ୍ଭ ହୋଇଛି । ବ୍ରଜବନ୍ଧୁ ସାମଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ପ୍ରଥମ ମ୍ୟାଚ ରେ ଏମ ଏମ ସି ସି ରଙ୍ଗମାଟିଆ ଦଶପଲ୍ଲା ବନାମ ଏମ ଡି ସି ସି ଡଙ୍କାରି ସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ରଙ୍ଗମାଟିଆ ଟିମ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ୩ ଓ୍ୱିକେଟ ହରାଇ ୧୦ ଓଭରରେ ୧୮୮ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଡଙ୍କାରୀସାହି ନିର୍ଦ୍ଧାରିତ ୧୦ଓଭରରେ ୮ଓ୍ୱିକେଟ ହରାଇ ୮୦ରନ କରି ପରାସ୍ତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଗଣିଆ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଅଧ୍ୟାପକ ଉଦ୍ଧବ ବାରିକ ଓ ସମ୍ମାନିତ ଅତିଥି ଭାବେ ବୀରେନ ରଣା ଯୋଗ ଦେଇଥିଲେ ।ଫ୍ରେଣ୍ଡସିପ କ୍ରିକେଟ କ୍ଲବ ର ଅଧକ୍ଷ ବିଜୟନନ୍ଦ ତରେଇ, ସଭାପତି ପ୍ରଶାନ୍ତ ବେହେରା, ଟୁର୍ଣାମେଣ୍ଟ ପରିଚାଳକ କମଳ ଲୋଚନ ଦଳେଇ, ଉପଦେଷ୍ଟା ପ୍ରତାପ କୁମାର ରାଉତ ଓ ସନ୍ତୋଷ ପ୍ରଧାନ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚରେ ମାନସ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରି ଥିଲେ । ସେହି ପରି ଦିତୀୟ ମ୍ୟାଚରେ ଏମ ଡି ସି ସି ଚକ୍ରଗଡ଼ ବନାମ ଏମ ବି ସି ସି ମର୍ଦ୍ଦାବାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଚକ୍ରଗଡ ଟସ ଜିତି ବ୍ୟାଟିଂ କରିବା ନିଷ୍ପତି ନେଇଥିଲା ।୧୦ଓଭରରେ ୮ଓ୍ୱିକେଟ ହରାଇ ୧୨୪ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ମର୍ଦ୍ଦାବାଡ଼ି ଟିମ ୧୦ ଓଭର ରେ ୫ଓ୍ୱିକେଟ ହରାଇ ୧୨୦ ରନ କରିଥିଲା ୫ ରନ ରେ ପରାଜୟ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଫରେଷ୍ଟର ଲୋକନାଥ ସେଠୀ ଯୋଗ ଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ରାଜାଙ୍କୁ ବିବେଚିତ କରା ଯାଇଥିଲା । ୫୦୦ ରୁ ଉର୍ଦ୍ଧ ଦର୍ଶକ ଖେଳ ଉପଭୋଗ କରୁଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଦ୍ୱିତୀୟ ଦିନ ୧୦ ନୂଆ ମିଟ୍ ରେକର୍ଡ

ଭୁବନେଶ୍ୱର, ୬।୬(ସବ୍ୟୁ): ୭୨ତମ ରାଜ୍ୟ ସିନିୟର ଆଥଲେଟିକ୍ ଚାମ୍ପିଅନସିପର ଦ୍ୱିତୀୟ ଦିନ ୧୦ଟି ନୂଆ ମିଟ ରେକର୍ଡ ହୋଇଛନ୍ତି। ଲଙ୍ଗ ଜମ୍ପ, ହାମରଥ୍ରୋ, ୧୦୦ ମିଟର, ଡେକା ଥଲନ, ହାଇଜମ୍ପ ଏବଂ ୧୫୦୦ ମିଟର ଦୌଡ଼ରେ ଏହି ନୂଆ ମିଟ ରେକର୍ଡ ହୋଇଛି।





୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ବରଗଡ଼ର ପ୍ରତୀକ ମହାରଣା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୧୦ ମିଟର ହର୍ଡଲ୍ସରେ ବିଶ୍ୱଜିତ ଦାସ ସ୍ୱର୍ଣ୍ଣ, ୧୫୦୦ ମିଟର ଦୌଡ଼ରେ ରଞ୍ଜିତ କିଷାନ ସ୍ୱର୍ଣ୍ଣ, ୫୦୦୦ ମିଟର ଦୌଡ଼ରେ ,ଶ୍ଳୋକ ସାଇ ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ବିଶ୍ୱଜିତ ଦାସ ସ୍ୱର୍ଣ୍ଣ, ହାମର ଥ୍ରୋରେ ଓମକାର ପ୍ରସାଦ ନନ୍ଦ ସ୍ୱର୍ଣ୍ଣ, ଡେକା ଥଲନରେ ସୟମ ସିଧାମାଝୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୩ ବର୍ଷରୁ କମ ବାଳକ ୧୦୦ ମିଟରରେ ଲାଲୁ ପ୍ରସାଦ ଭୋଇ ସ୍ୱର୍ଣ୍ଣ ଜିତିଛନ୍ତି। ସେ କିଟର ଛାତ୍ର। ଏହି ବର୍ଗରେ କିଟର ଅନ୍ୟତମ ପ୍ରତିଯୋଗୀ ଦଣ୍ଡପତି ମୃତ୍ୟୁମ୍ ଜୟରାମ ରୌପ୍ୟ ଜିତିଥିଲେ। ୧୧୦ ମିଟର ହର୍ଡଲ୍ସରେ ବିଦ୍ୟାଧର ସାମଲ ସ୍ୱର୍ଣ୍ଣ, ୧୫୦୦ ମିଟର ଦୌଡ଼ରେ ଦୟାନିଧି ମୁଣ୍ଡା ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ଜୀବନମୁକ୍ତି ବିଲୁଙ୍ଗ ସ୍ୱର୍ଣ୍ଣ, ହାମର ଥ୍ରୋରେ ନିର୍ମଳ ଜେନା ସ୍ୱର୍ଣ୍ଣ, ଡେକାଥଲନରେ ମାନସ ସାହୁ ସ୍ୱର୍ଣ୍ଣ, ୧୦,୦୦୦ ମିଟର ରେସୱାକରେ ରଥ ଚାନେ ସ୍ୱର୍ଣ୍ଣ ଜିତିଛନ୍ତି।

୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟରରେ ଅମିସା ତିର୍କୀ ସ୍ୱର୍ଣ୍ଣ, ୧୦୦ ମିଟର ହର୍ଡଲ୍ସରେ ଗୁରୁପୂଜା ପରିଡା ସ୍ୱର୍ଣ୍ଣ, ୧୫୦୦ ମିଟର ଦୌଡ଼ରେ ପୁନିମା ସାଣ୍ଡିଲ, ୫୦୦୦ ମିଟର ରେସ ୱାକରେ ଆଲିସ ଏକା ହାଇଜମ୍ପରେ କବିତା ତାଡିଙ୍ଗ, ହାମରଥ୍ରୋରେ ଅଙ୍କିତା ମହାପାତ୍ର, ୧୦୦ ମିଟର ଦୌଡ଼ରେ ମାରୁମୁକ୍ତା ସୋରେଙ୍ଗ, ୨୦୦ ମିଟରରେ ଶୁଭଶ୍ରୀ ପରିଡା, ୧୦୦ ମିଟର ହର୍ଡଲ୍ସରେ ସବିତା ଟୋପ୍ପୋ , ୧୫୦୦ ମିଟର ଦୌଡ଼ରେ ଅଞ୍ଜନା ଗରଡା, ହାଇଜମ୍ପରେ ମାହିକ ନସରିନ ଦୟାନ ଖାନ, ହାମରଥୋରେ ଶୁଭସ୍ମିତା ବେହେରା, ୧୦,୦୦୦ ରେସୱାକରେ ତିସା ବାରିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ୧୦୦ ମିଟର ଦୌଡ଼ରେ ଶରଣ ପାୟା ସିଂ ସ୍ୱର୍ଣ୍ଣ, ୧୧୦ ମିଟର ହର୍ଡଲ୍ସରେ ଜସବୀର ନାୟକ ସ୍ୱର୍ଣ୍ଣ, ୧୫୦୦ ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣ, ଲଙ୍ଗଜମ୍ପରେ ଶରଣପାୟା ସିଂ ସ୍ୱର୍ଣ୍ଣ, ହାମରଥ୍ରୋରେ ଜ୍ୟୋତି ପ୍ରକାଶ ନାୟକ ସ୍ୱର୍ଣ୍ଣ, ଡେକାଥଲନରେ ଯଶବୀର ନାୟକ ସ୍ୱର୍ଣ୍ଣ, ୧୦,୦୦୦ ମିଟର ରେସୱାକରେ ଗୋରାଚାନ୍ଦ ମହାପାତ୍ର ସ୍ୱର୍ଣ୍ଣ, ମୌସୁମୀ ରାୟ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ମୌସୁମୀ ରାୟ ସ୍ୱର୍ଣ୍ଣ, ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତ ସାହୁ ସ୍ୱର୍ଣ୍ଣ, ୧୫୦୦ ମିଟର ଦୌଡ଼ରେ ଦୀପ୍ତିରାଣୀ ସାହୁ ସ୍ୱର୍ଣ୍ଣ, ହାଇଜମ୍ପରେ ରାଇତା ମୁଣ୍ଡା ସ୍ୱର୍ଣ୍ଣ, ହାମରଥୋରେ ଦିବ୍ୟା ସାଣ୍ଡିଲ୍ୟ ସ୍ୱର୍ଣ୍ଣ ଏବଂ ୧୦,୦୦୦ ମିଟର ରେସୱାକରେ ଗଞ୍ଜାମର ସନ୍ତୋଷୀ ଗୌଡ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି